ବର୍ଷ-୨୪, ସଂଖ୍ୟା-୨୬୫
ଭୁବନେଶ୍ୱର
୨୮ ଅକ୍ଟୋବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 265
Bhubaneswar
28 October, 2024 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



## ବାତ୍ୟା ସମୀକ୍ଷା

# ନଭେମ୍ବର ୨ ସୁଦ୍ଧା ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

- ସମୁଦ୍ର ତଟବର୍ତ୍ତୀ ବାତ୍ୟାଞ୍ଚଳ ପରିଦର୍ଶନ
- ବିଦ୍ୟୁତ୍ ବିଭାଗର ୯୮% କାମ ସରିଛି
- ବନ୍ୟା ଭୟ ବ୍ମାନ ଆଉ ନାହିଁ
- ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ

**ଭୁବନେଶ୍ୱର,୨୭।୧୦(ମହାଭାରତ:** ସାମୁଦ୍ରିକ ଝଡ଼ 'ଦାନା' ପ୍ରଭାବରେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି। ୬୨୦୦ ବାତ୍ୟା ଆଶ୍ରୟସ୍ଥଳୀରେ ୮ ଲକ୍ଷରୁ ଅଧିକ ଲୋକ ଥିଲେ ଏମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ନିଜନିଜ ଘରକୁ ଫେରିଥିବା ବେଳେ ଏବେବି ୪୭୦ଟି ଆଶ୍ରୟସ୍ଥଳରେ ୩୦,୦୦୦ ଲୋକ ଅଛନ୍ତି। ଏହାର କାରଣ ହେଲା, ଅନେକ ଗାଁ ଏବେବି ବନ୍ୟାପାଣି ଘେରରେ ରହିଛି। ନଭେମ୍ବର ୨ ତାରିଖ ସୁଦ୍ଧା ବାତ୍ୟା ଜନିତ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶମାର୍ଗରୁ ବାତ୍ୟାଞ୍ଚଳ ପରିଦର୍ଶନ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଆଜି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶମାର୍ଗରୁ ପାରାଦୀପ, ମହାକାଳପଡ଼ା, ରାଜନଗର, ରାଜକନିକା ସମେତ ଚାନ୍ଦବାଲି ସମୁଦ୍ର ତଟବର୍ତ୍ତୀ ବାତ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବାତ୍ୟା ଅଞ୍ଚଳ ପରିଦର୍ଶନ କରିଥିଲେ। ପରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ ମୁଖ୍ୟମନ୍ତ୍ରୀ।

ଏରିୟଲ ସର୍ଭେ ଓ ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ମଧ୍ୟ ବାତ୍ୟା ଆଶ୍ରୟସ୍ଥଳୀରେ ୩୦ ହଜାର ଲୋକ ଅଛନ୍ତି। ୪୭୦ଟି ଆଶ୍ରୟସ୍ଥଳୀରେ ୩୦ ହଜାର ଲୋକ ଅଛନ୍ତି। ବାତ୍ୟା ସମୟରେ ୬ ହଜାର ୨୧୦ ଆଶ୍ରୟସ୍ଥଳୀରେ ୮ ଲକ୍ଷରୁ ଅଧିକ ଲୋକ ଥିଲେ। ପାଣି ଛାଡ଼ିବା ପରେ ପ୍ରାୟ ସମସ୍ତେ ନିଜ ଘରକୁ ଫେରିଛନ୍ତି। କିଛି ଗାଁରେ ପାଣି ଛାଡ଼ିନଥିବାରୁ ୩୦ ହଜାର ଲୋକ ଆଶ୍ରୟସ୍ଥଳୀରେ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଦ୍ୟୁତ ସଂଯୋଗ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ବାତ୍ୟାରେ ମୋଟ ୨୨ ଲକ୍ଷ ୮୪ ହଜାର ଲୋକ ବିଦ୍ୟୁତ ସେବାରୁ ବିଚ୍ଛିନ୍ନ ହୋଇଥିଲେ। ସେଥିରୁ ୨୨ ଲକ୍ଷ ୩୨ ହଜାର ଲୋକଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଛି। ଏବେ ସୁଦ୍ଧା ୫୦ ହଜାର ଲୋକଙ୍କୁ ବିଦ୍ୟୁତ ଯୋଗାଯାଇ ପାରିନି ବିଦ୍ୟୁତ ବିଭାଗର ୭ ହଜାର କର୍ମଚାରୀ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବିଦ୍ୟୁତ ବିଭାଗର ୯୮% କାମ ସରିଛି। ତଳିଆ ଅଞ୍ଚଳରେ ପାଣି ଜମିଥିବାରୁ ବିଦ୍ୟୁତ ଯୋଗାଣ ହୋଇପାରିନି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କ୍ଷୟକ୍ଷତି ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବାତ୍ୟା ଦାନାରେ କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ ଜିଲ୍ଲା ପ୍ରଭାବିତ ହୋଇଛି। ୫ ଜିଲ୍ଲାର ୧୨ଟି ବ୍ଲକ ୮୮୦ ପଞ୍ଚାୟତର ୪୧୦୦ ଗାଁରେ ଫସଲ କ୍ଷତି ଘଟିଛି। ୨ ଲକ୍ଷ ୭୧ ହଜାର ୮୦୦ ଏକର ଚାଷ ଜମିରେ ଫସଲ କ୍ଷତିଗ୍ରସ୍ତ ହୋଇଛି। ଜଳ ନିଷ୍କାସନ ପରେ କ୍ଷେତ୍ରକୁ ଯାଇ ଆକଳନ କରାଯିବ। ସେହି ଆଧାରରେ ଚାଷୀଙ୍କୁ ଦିଆଯିବ କ୍ଷତିପୂରଣ ପ୍ରଦାନ କରାଯିବ। ରାସ୍ତା ଗୁଡ଼ିକରୁ ଅବରୋଧ ହଟିଛି। ଗମନାଗମନରେ ଅସୁବିଧା ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରଭାବିତ ଅଞ୍ଚଳର ମ୍ୟୁନିସପାଲଟି ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଗୁଡ଼ିକରେ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅଣପ୍ରଭାବିତ ଅଞ୍ଚଳରୁ ସଫେଇ କର୍ମଚାରୀ ଆଣି ରାସ୍ତାଘାଟ ପରିଷ୍କାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩୩୫ ଟି ଡାକ୍ତରୀ ଦଳ ନିୟୋଜିତ ହୋଇଥିଲେ ସମୁଦାୟ ୪୮୭୧ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ମା ଗୃହକୁ ଅଣାଯାଇଥିଲା। ସେଠାରେ ଏହି ସମୟ ମଧ୍ୟରେ ୨,୫୨୯ ଜଣ ଶିଶୁ ଜନ୍ମ ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସବୁ ପ୍ରମୁଖ ରାସ୍ତା ଗୁଡ଼ିକରୁ ପ୍ରାୟ ସବୁ ଅବରୋଧ ହଟି ସାରିଛି ଏବଂ ବର୍ତ୍ତମାନ ଗମନା ଗମନରେ କୌଣସି ଅସୁବିଧା ନାହିଁ ବୋଲି ସେ କହିଥିଲେ।

ବନ୍ୟା ଭୟ ବର୍ତ୍ତମାନ ଆଉ ନାହିଁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବୁଢ଼ାବଳଙ୍ଗ ନଦୀ ପୂର୍ବରୁ ବିପଦ ସଂକେତ ଉପରେ ଥିଲା। ତେବେ, ବର୍ତ୍ତମାନ ଜଳସ୍ତର ହ୍ରାସ ପାଇଛି।ଏବେ ଏହା ବିପଦ ସଂକେତ ତଳେ ଅଛି। ବିପଦ ସ୍ତର ୮.୧୩ ମିଟର ଥିବା ବେଳେ ବର୍ତ୍ତମାନ ଜଳସ୍ତର ୭.୨୦ ମିଟର ଅଛି ବୋଲି ସେ କହିଥିଲେ।

ବିଭିନ୍ନ ଜାଗାରେ ଲୋକଙ୍କ ଘରେ ବାତ୍ୟା ଦ୍ୱାରା ଗଛ ଭାଙ୍ଗି ପଡ଼ିଥିବାରୁ ଅଗ୍ନିଶମ ବିଭାଗକୁ ପ୍ରାୟ ୬ ହଜାର ଫୋନ୍ କଲ୍ ଆସିଥିଲା ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ଉପରେ ଅଗ୍ନିଶମ ବାହିନୀ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଛି। ■ପୃଷ୍ଠା-୬

# ସାଇବର ଠକେଇ ରୋକିବାକୁ ପ୍ରଧାନମନ୍ତ୍ରୀଙ୍କ ୩ ସୂତ୍ରୀ ମନ୍ତ୍ର

**ନୂଆଦିଲ୍ଲୀ,୨୭।୧୦(ମହାଭାରତ):** ସାଇବର ଫ୍ରଡ୍ ବା ଡିଜିଟାଲ ଆରେଷ୍ଟ ସ୍କାମ ଏ ଏମିତି ଏକ ଚକ୍ରବ୍ୟୂହ, ଯେଉଁଥିରେ ଫସି ଲୋକ ହଜାର ହଜାର, ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ସରଳ ଓ ପରିଶ୍ରମୀ ଲୋକଙ୍କ କଷ୍ଟ ଅର୍ଜିତ ଟଙ୍କା ହଡ଼ପ କରି ମାଲାମାଲ ହେଉଛନ୍ତି ଲୁଟେରା। ତେଣୁ ଆଜି ମନ କୀ ବାତ କାର୍ଯ୍ୟକ୍ରମରେ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଦେଶବାସୀଙ୍କୁ ସଚେତନ କରାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବିଶେଷ କରି ସାଇବର ଫ୍ରଡରୁ ସୁରକ୍ଷା ପାଇଁ ତିନି ସୂତ୍ରୀ ମନ୍ତ୍ର ଆପଣାଇବାକୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ।



ସାଇବର ଫ୍ରଡ୍ ବା ଡିଜିଟାଲ ଅରେଷ୍ଟ ସ୍କାମରୁ ବର୍ତ୍ତିବା ପାଇଁ ୩ଟି ପ୍ରମୁଖ ଉପାୟ ଦେଶବାସୀଙ୍କ ଆଗରେ ରଖିଛନ୍ତି ପ୍ରଧାନମନ୍ତ୍ରୀ। କୌଣସି ଫେକ୍ କଲ ଆସିଲେ ଆଦୌ ବିଚଳିତ ନହୋଇ କିଛିକ୍ଷଣ ସ୍ଥିର ରହିବାକୁ ସେ ପରାମର୍ଶ ଦେଇଛନ୍ତି। ତରବରିଆ ଭାବେ କୌଣସି ଭୁଲ କରନ୍ତୁ ନାହିଁ। ନିଜର ବ୍ୟକ୍ତିଗତ ତଥ୍ୟ କାହାରିକୁ ଦିଅନ୍ତୁ ନାହିଁ। ସମ୍ଭବ ଥିଲେ ଫ୍ରଡ୍ କଲର ସ୍କ୍ରିନସଟ୍ ନିଅନ୍ତୁ ଓ ରେକର୍ଡିଂ କରନ୍ତୁ ବୋଲି ମୋଦୀ କହିଛନ୍ତି।

କୌଣସି ସରକାରୀ ଏଜେନ୍ସି ଫୋନ୍ କରି ଧମକ ଦିଅନ୍ତି ନାହିଁ। ଏପରିକି ଭିଡିଓ କଲ୍ କରି ପଚରାଉଚରା ମଧ୍ୟ କରନ୍ତି ନାହିଁ। ଟଙ୍କା ମାଗିଲେ କିଛି ଗଡ଼ବଡ଼ ଅଛି ବୋଲି ଜାଣି ନିଅନ୍ତୁ। ମୋଦୀ କହିଛନ୍ତି ଏଭଳି ହେଲେ ରାଷ୍ଟ୍ରୀୟ ସାଇବର ହେଲପଲାଇନ ନମ୍ବର- ୧୯୩୦ରେ ଡାଏଲ କରନ୍ତୁ cybercrime.gov.in ରେ ରିପୋର୍ଟ କରନ୍ତୁ। ପରିବାର ଓ ପୋଲିସକୁ ଜଣାଇବା ସହ ପ୍ରମାଣକୁ ସୁରକ୍ଷିତ ରଖନ୍ତୁ। ସରଳ ଲୋକଙ୍କୁ ଚୁନା ଲଗାଇବା ପାଇଁ ସାଇବର ଠକ ବିଭିନ୍ନ ଉପାୟ ଗ୍ରହଣ କରିଥାନ୍ତି। ତା ଭିତରୁ ଡିଜିଟାଲ ଆରେଷ୍ଟ ସ୍କାମ ଗୋଟିଏ।

ଯେଉଁଥିରେ ଡରାଇ ଧମକାଇ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ହାସଲ କରିବା ପରେ ବ୍ୟାଙ୍କ ଆକାଉଣ୍ଟ ଖାଲି କରିଦିଅନ୍ତି ସାଇବର ଅପରାଧୀ।

ଅଜଣା ନମ୍ବରରୁ ଭଏସ କିମ୍ବା ଭିଡିଓ କଲ କରିଥାନ୍ତି ଅପରାଧୀ। ମୋବାଇଲ ବନ୍ଦ ହୋଇଯିବା କିମ୍ବା ଆପଣଙ୍କ ନାଁରେ ପାର୍ସଲ ଆସିଥିବା କୁହନ୍ତି। ମିଛ ୱାରେଣ୍ଟ ଦେଖାଇ ଗିରଫଦାରିର ଧମକ ମଧ୍ୟ ଦିଆଯାଇଥାଏ। ଏଥିରୁ ବର୍ତ୍ତିବା ପାଇଁ ଦିଲ୍ଲୀ, ମୁମ୍ବାଇ ଭଳି ସହରକୁ ଡକାଯାଏ। ରାଜି ନହେଲେ ଟଙ୍କା ଦେଇ ରକ୍ଷା ପାଇବାକୁ ପ୍ରବର୍ତ୍ତାଯାଏ। ■ପୃଷ୍ଠା-୬

## ହେଜବୁଲ୍ଲାର କମାଣ୍ଡରକୁ ମାରିଲା ଇସ୍ରାଏଲ୍

**ତେଲଅଭିବ୍,୨୭।୧୦(ମହାଭାରତ):** ଲେବାନନ ଉପରେ ଇସ୍ରାଏଲର ଘନ ଘନ ଆକ୍ରମଣ ଜାରି ରହିଛି । ଇସ୍ରାଏଲର ଏୟାରଷ୍ଟ୍ରାଇକରେ ହିଜବୁଲ୍ଲାର ଆଉଜଣେ କମାଣ୍ଡର ମୃତ୍ୟୁବରଣ କରିଛି । ସେ ହେଉଛି ଅହମ୍ମଦ ଜାଫର ମଟୋକ।

ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ) କହିଛି ଯେ ହେଜବୁଲ୍ଲାର ବିଣ୍ଟ ଜେବିଲ ଅଞ୍ଚଳର କମାଣ୍ଡର ଅହମ୍ମଦ ଜାଫର ମଟୋକ ଏକ ଏୟାର ଷ୍ଟ୍ରାଇକରେ ନିହତ ହୋଇଛି। ଏହାର ଦିନକ ପରେ ବାୟୁସେନା ତା ଉତ୍ତରାଧିକାରୀ ତଥା ହିଜବୁଲ୍ଲା ଆର୍ଟିଲାରି ମୁଖ୍ୟକୁ ଜେବିଲ ଅଞ୍ଚଳରେ ନିହତ କରିଥିଲା।

ଏହି ଦୁଇ ଜଣ ଆତଙ୍କବାଦୀ ଜେବିଲ ଅଞ୍ଚଳରୁ ଇସ୍ରାଏଲ ଉପରେ ଅନେକ ଆତଙ୍କବାଦୀ ଆକ୍ରମଣ କରିଥିଲେ, ଯେଉଁଥିରେ ଦକ୍ଷିଣ ଲେବାନନରେ କାର୍ଯ୍ୟରତ ଇସ୍ରାଏଲ ସାଧାରଣ ନାଗରିକ ଏବଂ ଆଇଡିଏଫ ଯବାନଙ୍କ ଉପରକୁ ଟ୍ୟାଙ୍କ ବିରୋଧୀ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା। ମଟୋକର ହତ୍ୟା ସହ ଏହି ଆକ୍ରମଣର ପ୍ରତିଶୋଧ ନେଇଛି ଇସ୍ରାଏଲ୍।ମାସକ ତଳେ ଇସ୍ରାଏଲ ହିଜବୁଲ୍ଲା ମୁଖ୍ୟ ହାସାନ ନସରୁଲ୍ଲାକୁ ଏୟାର ଷ୍ଟ୍ରାଇକ୍ ମାଧ୍ୟମରେ ମାରି ଦେଇଥିଲା।

# ଶିମିଳିପାଳକୁ ଆସିଲା ମହାରାଷ୍ଟ୍ର ମହାବଳ

**ଭୁବନେଶ୍ୱର,୨୭।୧୦(ମହାଭାରତ):** ରାଜ୍ୟରେ ବାଘର ବଂଶ ବିସ୍ତାର ପାଇଁ ବଡ଼ ପଦକ୍ଷେପ ନେଇଛନ୍ତି ସରକାର। ଏଥିପାଇଁ ମହାରାଷ୍ଟ୍ରରୁ ଏକ ମହାବଳ ବାଘ ଆଣି ମୟୁରଭଞ୍ଜର ଶିମିଳିପାଳରେ ଛଡ଼ାଯାଇଛି। ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ଅଭୟାରଣ୍ୟରୁ ଏହି ବାଘ ଅଣାଯାଇଛି। ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ବାଘକୁ ଅଣାଯାଇଥିଲା ବେଳେ ଏହାକୁ ଶିମିଳିପାଳ କୋର୍ ଏରିଆରେ ଛଡ଼ାଯିବ।



୨୦୨୪ ମସିହାରେ କରାଯାଇଥିବା ରାଜ୍ୟ ସ୍ତରୀୟ ବାଘ ଜନଗଣନା ଅନୁଯାୟୀ, ଓଡିଶାରେ ସମୁଦାୟ ୨୭ ଟି ରୟାଲ ବେଙ୍ଗଲ ବାଘ ଦେଖିବାକୁ ମିଳିଥିଲା, ସେଥିମଧ୍ୟରୁ ୨୪ ଟି ଶିମିଳିପାଳ ଟାଇଗର ରିଜର୍ଭରେ, ଗୋଟିଏ କେନ୍ଦୁଝର ୱାଇଲ୍ଡ ଲାଇଫ ଡିଭିଜନରେ, ଗୋଟିଏ ପାରଳାଖେମୁଣ୍ଡି ଏବଂ ଗୋଟିଏ ହୀରାକୁଦ ୱାଇଲ୍ଡ ଲାଇଫ ଡିଭିଜନରେ ଦେଖିବାକୁ ମିଳିଥିଲା। ଏହି ପୃଥକ ଭାବରେ, ଗଣନା ସମୟରେ ଶିମିଳିପାଳରେ ୮ ଟି ବେଙ୍ଗଲ ଟାଇଗର ଛୁଆ। ଦେଖାଯାଇଥିଲେ।

ଏସବୁ ମଧ୍ୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଓଡ଼ିଶା ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ଦେଇଥିବା ସୂଚନା ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ୭ ଟି ରୟାଲ ବେଙ୍ଗଲ ଟାଇଗର ସମେତ ଓଡିଶା ୫୫ ଟି ବାଘ ହରାଇଛନ୍ତି।

ତେବେ ସବୁଠୁ ସାଙ୍ଘାତିକ ଘଟଣା ହେଉଛି ୨୩ ଟି ବାଘଙ୍କୁ କେବଳ ଶିକାରୀ ହତ୍ୟା କରିଛନ୍ତି। ୪ ଟି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜୀବନ ହରାଇଥିବା ବେଳେ ୨ ଟ୍ରେନ୍ ଦୁର୍ଘଟଣାରେ, ୩ ଟି ସଡକ ଦୁର୍ଘଟଣାରେ, ୬ଟି ପାଣିରେ ବୁଡି ଏବଂ ପରସ୍ପର ମଧ୍ୟରେ ଲଢେଇ ଲାଗି ମୃତ୍ୟୁ ମୁଖରେ ପଡ଼ିଥିଲେ। ସେହିଭଳି ୫ ଟି ରୋଗରେ ଆକ୍ରାନ୍ତ ହୋଇ, ୫ ଟି ବୃଦ୍ଧାବସ୍ଥାରେ ମୃତ୍ୟୁ ବରଣ କରିଥିବା ବେଳେ ଅଜଣା କାରଣରୁ ୭ ଟି ମୃତ୍ୟୁ ବରଣ କରିଥିବା ସେ ସ୍ପଷ୍ଟ କରିଛନ୍ତି।

ଏହି ସମୟ ମଧ୍ୟରେ ସମୁଦାୟ ୭ ଟି ରୟାଲ ବେଙ୍ଗଲ ଟାଇଗରଙ୍କର ମୃତ୍ୟୁ ଘଟିଥିଲା, ସେଥିମଧ୍ୟରୁ ଗୋଟିଏ ବାଲାଙ୍ଗୀର ଜଙ୍ଗଲ ବିଭାଗରେ (୨୦୧୬-୧୭), ଗୋଟିଏ ଶିମିଳିପାଳ ଦକ୍ଷିଣ ବିଭାଗରେ (୨୦୧୭-୧୮), ଗୋଟିଏ ବରଗଡ ଜଙ୍ଗଲ ବିଭାଗରେ (୨୦୧୮-୧୯), ଗୋଟିଏ ସାତକୋଶିଆରେ (୨୦୧୮-୧୯), ୨୦୨୨-୨୩ ରେ ଏବଂ ୨୦୨୩-୨୪ ରେ ଶିମିଳିପାଳ ଦକ୍ଷିଣ ଅଂଚଳରେ ଦୁଇଟି ମୃତ୍ୟୁ ବରଣ କରିଥିଲେ।

ଗୃହରେ ମନ୍ତ୍ରୀଙ୍କ ବିବୃତି ଅନୁଯାୟୀ, ୨୦୦୦ ମସିହାରେ ଓଡ଼ିଶାରେ ବାଘ ଜନଗଣନା କରାଯାଇ ନଥିଲା। ୨୦୦୨ ମସିହାରେ କରାଯାଇଥିବା ଜନଗଣନା ଅନୁଯାୟୀ ପଗମାର୍କ ପ୍ରଣାଳୀ ଦ୍ୱାରା ୧୭୩ ଟି ରୟାଲ ବେଙ୍ଗଲ ଟାଇଗର ଓଡ଼ିଶାରେ ଥିବା ଜଣାପଡିଥିଲା।୨୦୦୬ ମସିହାରେ ପ୍ରଥମ ଥର ପାଇଁ କ୍ୟାମେରା ଟ୍ରାପିଂ ପଦ୍ଧତି ବ୍ୟବହାର କରି ଦେଶବ୍ୟାପୀ ବାଘ ଜନଗଣନା କରାଯାଇଥିଲା। ଜନଗଣନା ଅନୁଯାୟୀ ଓଡିଶାରେ ସେତେବେଳେ ୪୫ ଟି ରୟାଲ ବେଙ୍ଗଲ ବାଘ ଥିଲେ। ଗତ ଦଶ ବର୍ଷ ମଧ୍ୟରେ ଓଡ଼ିଶା ମଧ୍ୟପ୍ରଦେଶରୁ ଯୋଡ଼ିଏ ବେଙ୍ଗଲ ଟାଇଗର (୧ ପୁରୁଷ ଏବଂ ୧ ମହିଳା) ଆଣିଥିଲା। ତେବେ ଏହିସମୟ ମଧ୍ୟରେ ଓଡିଶାରୁ ଅନ୍ୟ ରାଜ୍ୟକୁ କୌଣସି ବାଘ ସ୍ଥାନାନ୍ତର କରାଯାଇ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

## ରାଜଭବନରେ ଓମ୍ ବିର୍ଲା

**ଭୁବନେଶ୍ୱର,୨୭।୧୦(ମହାଭାରତ):** ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ଦିନିକିଆ ଗସ୍ତରେ ଓଡ଼ିଶା ଆସି ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,



ଦୁଇ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଶ୍ରୀମତୀ ପ୍ରଭାତୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଓମ୍ ବିର୍ଲା କହିଛନ୍ତି ଯେ, ଓଡ଼ିଶାର ମାଟି ଜଗନ୍ନାଥଙ୍କ ମାଟି । ଓଡ଼ିଶାର ମାଟି ଆଧାତ୍ମିକ, ଧାର୍ମିକ, ସଂସ୍କୃତି, ଏବଂ ବୀରଯୋଧାଙ୍କ ମାଟି । ଆଜି ଏକ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହ ବିଦ୍ୟାର୍ଥୀମାନଙ୍କ ସହ ଆଲୋଚନା ହେବ। ଭାରତୀୟ ଯୁବକଙ୍କ ରାଷ୍ଟ୍ର ଗଠନରେ କଣ ଯୋଗଦାନ ରହିଛି ସେ ନେଇ ଆଲୋଚନା ହେବ। ଭାରତକୁ ବିକଶିତ ରାଷ୍ଟ୍ର କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ଏହା ସହ ଭୁବନେଶ୍ୱରରେ କିଛି ଲୋକପ୍ରତିନିଧିଙ୍କ ସହ ଭେଟିବି । ଲୋକତନ୍ତ୍ରରେ ଲୋକତନ୍ତ୍ରିକ ଶାସନ ପ୍ରଣାଳୀରେ ସମସ୍ତଙ୍କ ଭାଗିଦାରିତାକୁ ନେଇ ଆଲୋଚନା ହେବ।ଏନେଇ ରାଜ୍ୟପାଳ ସୋସିଆଲ ମିଡିଆ ଏକ୍ସରେ ସୂଚନା ଦେଇ କହିଛନ୍ତି ଯେ, ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲା ଓଡ଼ିଶାରେ ପହଂଚିଛନ୍ତି। ଆଜି ରାଜଭବନରେ ତାଙ୍କର ସ୍ୱାଗତ କରାଯାଇଥିଲା। ଏହି ଅବସରରେ ତାଙ୍କ ସହିତ ଔପଚାରିକ ଆଲୋଚନା ହୋଇଥିଲା । ତାଙ୍କ ଦୀର୍ଘ ସାର୍ବଜନୀନ ଜୀବନର ଅନୁଭବର ଲାଭ ଓ ମାର୍ଗଦର୍ଶନ ପ୍ରାପ୍ତ ହୋଇଛି।

## ପିନ୍ଧିବେ ବଡ଼ି କ୍ୟାମେରା, ରାତି ୧୦ ପରେ ବୁଲିବେ ଟ୍ରାଫିକ ପୋଲିସ

**ଭୁବନେଶ୍ୱର, ୨୭।୧୦(ମହାଭାରତ) :** ଏଣିକି ପୋଲିସ୍ ପିନ୍ଧିବେ ବଡି କ୍ୟାମେରା। କେଣସି ରିପୋର୍ଟ ଲେଖିଲା ବେଳେ କିମ୍ବା ରେଜିଷ୍ଟ୍ରେସନ ମେଣ୍ଟେନ୍ କଲା ବେଳେ ରିସେପସନରେ ବସୁଥିବା ପୋଲିସ୍ ଅଧିକାରୀମାନେ ବଡି କ୍ୟାମେରା ପିନ୍ଧିବେ। ଅମାନିଆଙ୍କୁ ସାବାଡ୍ କରିବା ପାଇଁ ଏମିତି ଯୋଜନା କରିଛି କମିଶନରେଟ ପୋଲିସ୍। ଭରତପୁର ଥାନା ଘଟଣା ଘଟିବା ପରେ ଏହି ବଡ଼ି କ୍ୟାମେରା ଯୋଜନା କମିଶନରେଟ ପୋଲିସ କାର୍ଯ୍ୟକାରୀ କରିବାକୁ ଯାଉଛି। ତା ସହିତ ଟ୍ରାଫିକ ପୋଲିସ ରାତିରେ ମଧ୍ୟ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ନିୟୋଜିତ ରହିବେ। ଭୁବନେଶ୍ୱର ଓ କଟକର ବିଭିନ୍ନ ଛକରେ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଦୁଇଟି ସିଫ୍ଟରେ ଟ୍ରାଫିକ୍ ପୁଲିସ ମୁତୟନ କରାଯାଉଛି। କିନ୍ତୁ ରାତି ୧୦ଟା ପରେ କୌଣସି ଟ୍ରାଫିକ୍ ସ୍ଥାନରେ ଟ୍ରାଫିକ୍ ପୋଲିସ ରହୁନଥିବା ଯୋଗୁଁ ରାତି ୧୦ଟା ପରେ ଅମାନିଆ ମାନଙ୍କୁ ନିୟନ୍ତ୍ରଣ କିରବା ଓ ସେମାନଙ୍କ ଉପରେ ନଜର ରଖିବା ସମ୍ଭବ ହେଉ ନାହିଁ। ତେଣୁ ଏଣିକି ରାତି ୧୦ଟା ପରେ ଟ୍ୱିନି ସିଟିରେ ଗମନା ଗମନ ଏବଂ ବିଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ପାଇଁ ଟ୍ରାଫିକ୍ ପୋଲିସଙ୍କୁ ■ପୃଷ୍ଠା-୬

# ମନରେଗାରେ କାର୍ଯ୍ୟ ଦିବସ ୧୬% ବୃଦ୍ଧି

**ନୂଆଦିଲ୍ଲୀ,୨୭।୧୦(ପିଆଇବି):** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଏହା ଲକ୍ଷ୍ୟ କରାଯାଇଛି କିଛି ଗଣମାଧ୍ୟମ କହିଛନ୍ତି ଯେ 'ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ମନରେଗା ଅଧୀନରେ ଗ୍ରାମୀଣ ନିଯୁକ୍ତି ୧୬% ହ୍ରାସ ପାଇଛି।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ୨୦୦୫ (ମହାତ୍ମା ଗାନ୍ଧୀ ନରେଗା)ର ଉଦ୍ଦେଶ୍ୟ ହେଉଛି ଦେଶର ଗ୍ରାମାଂଚଳରେ ଥିବା ପରିବାରଗୁଡ଼ିକର ଜୀବିକା ସୁରକ୍ଷା ବୃଦ୍ଧି କରିବା, ଯେଉଁ ପରିବାରର ବୟସ୍କ ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବେ ଅଣକୁଶଳୀ ମାନୁଆଲ କାମ କରିବାକୁ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରନ୍ତି ସେମାନଙ୍କୁ ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ଶହେ ଦିନର ନିଶ୍ଚିତ ମଜୁରୀ ନିଯୁକ୍ତି ପ୍ରଦାନ କରିବା । ଉଲ୍ଲେଖଯୋଗ୍ୟ, ୨୦୦୬-୦୭ ଆର୍ଥିକ ବର୍ଷରୁ ୨୦୧୩-୧୪ ଆର୍ଥିକ ବର୍ଷ ମଧ୍ୟରେ ମୋଟ ବ୍ୟକ୍ତି ଦିବସ ୧୬୬୦ କୋଟି ଥିବା ବେଳେ ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ମୋଟ ବ୍ୟକ୍ତି ଦିବସ ୨୯୨୩ କୋଟି ରହିଛି। ଯେହେତୁ ମନରେଗା ଏକ ଚାହିଦା ଭିତ୍ତିକ ଯୋଜନା ଏବଂ ବର୍ତ୍ତମାନର ଆର୍ଥିକ ବର୍ଷ ଏବେ ବି ଜାରି ରହିଛି, ତେଣୁ ବ୍ୟକ୍ତି ଦିବସ ଉତ୍ପାଦନର ସଠିକ ଲକ୍ଷ୍ୟ ଧାର୍ଯ୍ୟ କରିବା ସମ୍ଭବ ନୁହେଁ । ତେବେ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଶ୍ରମ ବଜେଟ୍ ସଂଶୋଧନ ପାଇଁ ପ୍ରସ୍ତାବ ପଠାଇପାରିବେ। ମହାତ୍ମା ଗାନ୍ଧୀ ନରେଗା ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ଅଧୀନରେ ଶ୍ରମିକମାନଙ୍କୁ ସମସ୍ତ ଦେୟ ଶ୍ରମିକଙ୍କ ଆକାଉଂଟରେ ଜମା କରାଯିବ । ହିତାଧିକାରୀଙ୍କ ଆଧାର ନମ୍ବର ବ୍ୟବହାର କରି ପେମେଂଟର କ୍ରେଡିଟିଂକରାଯାଏ ଯାହା ସହିତ ଆକାଉଂଟ ଲିଙ୍କ୍ ହୋଇଛି ।

ଏବିପିଏସ୍ ରୂପାନ୍ତର ହେଉଛି ଏକ ପ୍ରମୁଖ ସଂସ୍କାର ପ୍ରକ୍ରିୟା ଯେଉଁଠାରେ ମହାତ୍ମା ଗାନ୍ଧୀ ଏନଆରଇଜିଏସ ଅଧୀନରେ ଶ୍ରମିକଙ୍କ ଆଧାର ଆଧାରରେ ସିଧାସଳଖ ବ୍ୟାଙ୍କ ଆକାଉଂଟରେ ଲାଭ ଜମା କରାଯାଏ, ବିଶେଷକରି ଆଧାର ଆଧାରିତ ଦେୟ, ଯାହା ବିତରଣ ପ୍ରକ୍ରିୟାର ଅନେକ ସ୍ତରକୁ କାଟିଥାଏ । ଏପିବିଏସ୍ ଉତ୍ତମ ଲକ୍ଷ୍ୟ, ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ଏବଂ ଦେୟରେ ବିଳମ୍ବ ହ୍ରାସ କରିବା, ଲିକେଜ୍ କୁ ରୋକିବା ଦ୍ୱାରା ଅଧିକ ଅନ୍ତର୍ଭୁକ୍ତୀକରଣ ସୁନିଶ୍ଚିତ କରିବା ଏବଂ ଏହା ଦ୍ୱାରା ବ୍ୟୟକୁ ନିୟନ୍ତ୍ରଣ କରିବା ଏବଂ ଅଧିକ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ ।

ମହାତ୍ମା ଗାନ୍ଧୀ ଏନଆରଇଜିଏରେ ଏବିପିଏସ ରୂପାନ୍ତରଣର ମୁଖ୍ୟ ଲାଭ ହେଉଛି ବାରମ୍ବାର ଆକାଉଂଟ ପରିବର୍ତ୍ତନ ହେତୁ କାରବାର ପ୍ରତ୍ୟାଖ୍ୟାନକୁ ହ୍ରାସ କରିବା। ତଥାପି, ଏହା ଡିବିଟିର କାର୍ଯ୍ୟଦକ୍ଷତାକୁ ସର୍ବାଧିକ କରିବାରେ ମଧ୍ୟ ସାହାଯ୍ୟ କରେ । ୨୬.୧୦.୨୦୨୪ ସୁଦ୍ଧା ୧୩.୧୦ କୋଟି ସକ୍ରିୟ ଶ୍ରମିକଙ୍କ ପାଇଁ ଆଧାର ସିଡିଂ କରାଯାଇଛି, ଯାହା କି ମୋଟ ସକ୍ରିୟ ଶ୍ରମିକ (୧୩.୧୮ କୋଟି)ର ୯୯.୩% ଅଟେ। ■ପୃଷ୍ଠା-୬

# ଆରମ୍ଭ ହେବ ଆୟୁଷ୍ମାନ ଭାରତ

## ୨୯ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୨୭।୧୦(ମହାଭାରତ):** ଆସନ୍ତା ୨୯ରେ ଓଡ଼ିଶାରେ ଆରମ୍ଭ ହେବ ଆୟୁଷ୍ମାନ ଭାରତ ଯୋଜନା। ଭିଡିଓ କନଫରେନସିଂ ମାଧ୍ୟମରେ ଯୋଡି ହୋଇ ବହୁ ପ୍ରତିକ୍ଷିତ ଯୋଜନାର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏ ନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ନିକଟରେ ସରକାର ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଆୟୁଷ୍ମାନ ଭାରତରେ ସାମିଲ୍ କରିଛନ୍ତି।

ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ କି ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଖୁବଶୀଘ୍ର ଲାଗୁ ହେବାକୁ ଯାଉଛି। ଏବେ ଡାଟା କାମ ଚାଲିଛି। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଲାଗୁ ହେବ। ନିର୍ଦ୍ଦିଷ୍ଟ ଭାବରେ ୧ କୋଟି ପରିବାରର ପ୍ରାୟ ୩ କୋଟି ୫୦ ଲକ୍ଷ ଲୋକଙ୍କୁ ସ୍ୱାସ୍ଥ୍ୟ କାର୍ଡ ମିଳିବ। ଏହା ସାରା ଭାରତ ବର୍ଷରେ ପାଖାପାଖି ୨୭ ହଜାର ହସ୍ପିଟାଲ ସହ ଅନୁବନ୍ଧିତ ହେବ। ଲୋକ କ୍ୟାସଲେସ୍ ଚିକିତ୍ସା ସୁବିଧା ପାଇବେ। ୭୦ବର୍ଷ ବୟସରୁ ଊର୍ଦ୍ଧ୍ୱ ଲୋକଙ୍କ ମଧ୍ୟ ଏହି ସ୍ୱାସ୍ଥ୍ୟବୀମା ସୁବିଧା ମିଳିବ। ଏହା ଏକ କମନ୍ କାର୍ଡ ହେବ। ସ୍ୱାସ୍ଥ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ କି, ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ୬୭ ଲକ୍ଷ ପରିବାର ସାମିଲ ହେବାକୁ ଥିବାବେଳେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ବଳକା ୩୩ ଲକ୍ଷ ପରିବାର ସ୍ୱାସ୍ଥ୍ୟ ବୀମାରେ ସାମିଲ ହେବେ। ପୁରୁଣା ସ୍ୱାସ୍ଥ୍ୟ କାର୍ଡରେ କେବଳ ୯୫୦ଟି ହସ୍ପିଟାଲ ସହ ଅନୁବନ୍ଧିତ ଥିଲା। ସାରା ଭାରତବର୍ଷରେ ଚାଲୁ ନଥିଲା। ନୂଆ ସ୍ୱାସ୍ଥ୍ୟକାର୍ଡରେ ୨୭ ହଜାରରୁ ଅଧିକ ହସ୍ପିଟାଲରେ କ୍ୟାସଲେସ ଚିକିତ୍ସା ଉପଲବ୍ଧ ହେବ। ଦାଦନ ଶ୍ରମିକ, ଯେଉଁମାନେ ରାଜ୍ୟ ବାହାରେ ରହି କାମ କରୁଛନ୍ତି। ସେମାନେ ମଧ୍ୟ ଏହି ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା କାର୍ଡରେ ଲାଭବାନ ହେବେ।

# ଲାଫିଙ୍ଗ୍ ବୁଦ୍ଧ ଜୀବନରେ ଭରିଦିଏ ସମୃଦ୍ଧି

ହିନ୍ଦୁ ଧର୍ମରେ ଲକ୍ଷ୍ମୀ ଏବଂ କୁବେରଙ୍କୁ ଧନ ଏବଂ ସମୃଦ୍ଧିର ଦେବତା ବୋଲି ଗ୍ରହଣ କରାଯାଇଛି । ସେହିପରି ଲାଫିଙ୍ଗ ବୁଦ୍ଧ ସୁଖ ଓ ସମୃଦ୍ଧି ଆଣିଥାଏ ବୋଲି ଚୀନବାସୀ ମାନିଥାନ୍ତି । ଲାଫିଙ୍ଗ ବୁଦ୍ଧର ଏପରି ମହତ୍ତ୍ୱ ଯୋଗୁଁ ଲୋକେ ନିଜ ଘରେ କିମ୍ବା କାହାକୁ ଉପହାର ସଦୃଶ ଏହାକୁ ଦେଇଥାନ୍ତି । କିନ୍ତୁ କ'ଣ ଆପଣ ଜାଣନ୍ତି କି, ଲାଫିଙ୍ଗ ବୁଦ୍ଧକୁ ଘରେ ରଖିବାର ଅନେକ କିଛି ନିୟମ ରହିଛି । ଯାହା ଆପଣଙ୍କ ଜୀବନରେ ସୁଖ ସମୃଦ୍ଧି ଆଣିଥାଏ । ଆସନ୍ତୁ ଜାଣିବା ଘରର କେଉଁ ଦିଗରେ ଲାଫିଙ୍ଗ ବୁଦ୍ଧ ରଖିଲେ କଣ ଲାଭ ମିଳିଥାଏ ।



କୌଣସି ଘରର ଭାଗ୍ୟ ଏବଂ ସୁଖଶାନ୍ତି ପୂର୍ବଦିଗ ସହିତ ଜଡିତ ଥାଏ । ଯଦି ଆପଣ ନିଜ ଘରର ଲୋକମାନଙ୍କର ମଧ୍ୟରେ ସ୍ନେହ, ପ୍ରେମ ଏବଂ ତାଳମେଳ ବଢାଇବାକୁ ଚାହୁଁଛନ୍ତି, ତେବେ ଲାଫିଙ୍ଗ୍ ବୁଦ୍ଧକୁ ପୂର୍ବ ଦିଗରେ ରଖନ୍ତୁ ।

ଫେଙ୍ଗସୁଇ ଅନୁସାରେ ଲାଫିଙ୍ଗ ବୁଦ୍ଧ ନିଜ ଘରର ଦକ୍ଷିଣ ଦିଗରେ ରଖିବା ଦ୍ୱାରା ସକାରାତ୍ମକ ଉର୍ଜା ବଢିଥାଏ, ଯାହା ଧନ ଏବଂ ସୁଖକୁ ଘରକୁ ଆକର୍ଷିତ କରିଥାଏ । ଚାକିରି ହେଉ ଅବା ବ୍ୟବସାୟ ଆପଣଙ୍କ ଶତ୍ରୁ କିଛି ବି କରିପାରିବେ ନାହିଁ ।

ଲାଫିଙ୍ଗ୍ ବୁଦ୍ଧଙ୍କୁ ଘରେ ହେଉ ଅବା ଅଫିସରେ ନିଜ ଆଖି ସିଧା ରଖିବା ଉଚିତ । ଅର୍ଥାତ୍ ଆପଣ ଏହାକୁ ଦେଖିବା ବେଳେ ସିଧା ମୁହଁ କରି ବା ମୁର୍ତ୍ତି ଯେପରି ଉପରକୁ ନଉଠେ । ଅଧିକା ଉଚ୍ଚା କିମ୍ବା ତଳେ ରଖିବା ଉଚିତ ନୁହେଁ ।

ଗଣେଶଙ୍କ ମୁଣ୍ଡ ଯେପରି ମୁଖ୍ୟ ଦ୍ୱାରା ସାମ୍ନାକୁ ରଖୁଛନ୍ତି, ସେଭଳି ଲାଫିଙ୍ଗ ବୁଦ୍ଧକୁ ମଧ୍ୟ ଘରର ମୁଖ୍ୟ ଦ୍ୱାରକୁ ସାମ୍ନା କରି ରଖନ୍ତୁ । ଏପରି କଲେ ଧନ, ସମୃଦ୍ଧି ବୃଦ୍ଧି ହେବ ।

# ସ୍ୱାସ୍ଥ୍ୟ ପାଇଁ ହିତକର ସପେଟା

ସପେଟା, ଏକ ସ୍ୱାଦିଷ୍ଟ ଏବଂ ଭିଟାମିନ୍‌ରେ ଭରପୁର ଫଳ । ଏକ୍ସପର୍ଟଙ୍କ ଅନୁସାରେ, ପ୍ରତ୍ୟେକ ଦିନ ଗୋଟିଏ ସପେଟା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବା ସହିତ ସୌନ୍ଦର୍ଯ୍ୟ ମଧ ବୃଦ୍ଧି ପାଇଥାଏ । ଏଥିରେ ଆଣ୍ଟି ଅକ୍ସିଡେଣ୍ଟ, ଆଣ୍ଟି ଭାଇରଲ, ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥିବାରୁ ଏହାକୁ ଖାଇବା ଦ୍ୱାରା ମାଂସପେଶୀ ଏବଂ ହାଡ ମଜବୁତ ହେବା ସହିତ କ୍ୟାନ୍ସର ଭଳି ଗମ୍ଭୀର ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା କମ୍ ରହିଥାଏ । ଚାଲନ୍ତୁ ଜାଣିବା ଏହି ଫଳର ବିଶେଷ ଉପକାରିତା ବିଷୟରେ

କ୍ୟାନ୍ସର ରୋଗରୁ ବଞ୍ଚାଇଥାଏ : ଏଥିରେ ଭିଟାମିନ- ଏ ଏବଂ ବି, ଆଇରନ୍, କ୍ୟାଲସିୟମ୍, ଫାଇବର, ଆଣ୍ଟି ଅକ୍ସିଡେଣ୍ଟ, ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥାଏ । ଏହାକୁ ଖାଇବା ଦ୍ୱାରା ଶରୀରରେ କ୍ୟାନ୍ସର କୋଷକୁ ବୃଦ୍ଧି କରିବାରେ ରୋକିଥାଏ । ଫୁସଫୁସ ଏବଂ ମୁଁଖ କ୍ୟାନ୍ସର ହେବାରୁ ବଞ୍ଚାଇଥାଏ ।

କିଡ୍‌ନୀ ଷ୍ଟୋନ୍ ରୁ ମୁକ୍ତି ଦେଇଥାଏ : କିଡ୍‌ନୀ ଷ୍ଟୋନ୍ ପାଇଁ ଚିନ୍ତିତ ଥିବା ଲୋକଙ୍କୁ ସପେଟା ର ମଞ୍ଜିକୁ ଗୁଣ୍ଡ କରି ଖାଇବା ଉଚିତ । ଏହାକୁ ଖାଇବା ଦ୍ୱାରା



ପଥର, ପରିଶ୍ରା ରେ ବାହାରି ଯାଇଥାଏ । ଏଥି ସହିତ କିଡ୍‌ନୀ ଜନିତ ଅନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ ।

ଆଖି ପାଇଁ ଲାଭ ଦାୟକ: ସପେଟାରେ ଭିଟାମିନ-ଏ ରହିଥିବା କାରଣରୁ ଆଖିର ଉଜ୍ୱଳ ବଢିବା ସହିତ ଆଖିଜନିତ ସମସ୍ୟାରୁ ବଞ୍ଚାଇଥାଏ । ସେଥିଲାଗି ସମସ୍ତଙ୍କୁ ନିଜର ଡାଏଟ୍ ରେ ଏହାକୁ ଖାଇବା ଉଚିତ ।

ହାଡ ମଜବୁତ କରିଥାଏ : କ୍ୟାଲସିୟମ୍ ରେ ଭରପୁର ସପେଟା କୁ ଖାଇବା ଦ୍ୱାରା ମାଂସପେଶୀ ଏବଂ ହାଡ ମଜବୁତ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ଗଣ୍ଠି ଜନିତ କଷ୍ଟରୁ ମଧ ଉପଶମ ମିଳିଥାଏ ।

ଚିନ୍ତା ଦୂର କରିଥାଏ : ନିଜର ବ୍ୟସ୍ତବହୁଳ ଜୀବନ କାରଣରୁ ବ୍ୟକ୍ତି ସବୁବେଳେ ଚିନ୍ତାରେ ରହିଥାଏ । ଏଥିପାଇଁ ଆଣ୍ଟି-ଅକ୍ସିଡେଣ୍ଟ ଗୁଣରେ ଭରପୁର ସପେଟା ଖାଇବା ଦ୍ୱାରା ମସ୍ତିଷ୍କ ଶାନ୍ତ ରହିବା ସହିତ ଭଲ ନିଦ ହେବାରେ ସାହାଯ୍ୟ କରିଥାଏ ।

# ଚେହେରାର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଆପଣାନ୍ତୁ ଏହି ଆୟୁର୍ବେଦିକ ଟିପ୍ସ

ଚେହେରାରେ ଚମକ ଆଣିବା ପାଇଁ ଆପଣ ଅନେକ କିଛି କରିବା ସହିତ ବେଳେବେଳେ ମହଙ୍ଗା ପ୍ରଡକ୍ଟସ ବ୍ୟବହାର କରିଥାନ୍ତି , ଯାହାକି ଚେହେରାକୁ ଖରାପ କରିବା ସହିତ ଆପଣଙ୍କ ପକେଟ୍ ଉପରେ ମଧ ଭାରି ପଡିଥାଏ । ଏଥିପାଇଁ ଚେହେରାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଆଣିବା ପାଇଁ ଆୟୁର୍ବେଦିକ ଉପଚାର ସବୁଠାରୁ ବେଷ୍ଟ ଅପ୍ସନ୍ ହୋଇଥାଏ । ଆସନ୍ତୁ ଜାଣିବା କିଛି ଆୟୁର୍ବେଦିକ ଟିପ୍ସ ..



କଞ୍ଚା କ୍ଷୀର: କଞ୍ଚା ଖିରରେ ଥିବା ଫ୍ୟାଟ୍ ଏବଂ ଲାକ୍ଟିକ୍ ଏସିଡ୍ ଆପଣଙ୍କ ଚେହେରାରୁ ମଇଳା ହଟାଇବାରେ ସାହାଯ୍ୟ କରିଥାଏ , ଯାହା ଦ୍ୱାରା ଚର୍ମର ପୋର୍ସ ଖୋଲିଥାଏ । ସେଥିଲାଗି ଯଦି ଆପଣଙ୍କର ଚେହେରାକୁ ନେଇ କୌଣସି ସମସ୍ୟା ଥାଏ , ତେବେ ଆପଣ କଞ୍ଚା କ୍ଷୀର ବ୍ୟବହାର କରନ୍ତୁ ।

ନିମ: ନିମରେ ଆଣ୍ଟି-ଇନ୍ଫ୍ଲାମେଣ୍ଟାରୀ, ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଭାଇରଲ ଏବଂ ଆଣ୍ଟି ଆକ୍ସିଡେଣ୍ଟ ପ୍ରପର୍ଟି ମିଳିଥାଏ । ସେଥିଲାଗି ଆପଣଙ୍କୁ ନିମର ବ୍ୟବହାର କରିବା ଉଚିତ । ଆପଣ ନିମର ଫେସପ୍ୟାକ୍ କରି ମଧ ବ୍ୟବହାର କରିପାରିବେ । ଏଥିସହିତ ଆପଣଙ୍କୁ ଚେହେରାରେ ନିମର ପ୍ୟାକ ଲଗାଇବାରେ ଯଦି କୌଣସି ସମସ୍ୟା ଥାଏ , ତେବେ ଆପଣ ଉଷୁମ ପାଣିରେ ୫-୧୦ ମିନିଟ୍ ନିମର ପତ୍ର ପକାଇ ସେଥିରେ ମୁଁହକୁ ଧୋଇପାରିବେ ।

ହଳଦୀ: ଏଥିରେ ଆଣ୍ଟି ସେକ୍-, ଆଣ୍ଟି ଇନ୍ଫ୍ଲାମେଣ୍ଟାରୀ ପ୍ରପର୍ଟି ରହିଥାଏ । ହଳଦୀ ସହିତ କ୍ଷୀର ମିଶାଇ ଏହାକୁ ଫେସପ୍ୟାକ୍ ଭାବରେ ଲଗାଇବା ଦ୍ୱାରା ଆପଣଙ୍କ ସ୍କିନରେ ଚମକ ଆଣିବା ସହିତ ଦାଗ ଦୂର କରିଥାଏ ।

ନଡ଼ିଆ ତେଲ : ନଡ଼ିଆ ତେଲ କେବଳ କେଶ ପାଇଁ ନୁହେଁ ବରଂ ଆପଣଙ୍କ ସ୍କିନ୍ ପାଇଁ ମଧ ଥଣ୍ଡା ଦିନରେ ବରଦାନ ହୋଇଥାଏ । ଆଣ୍ଟି ସେକ ଗୁଣରେ ଭରପୁର ନଡ଼ିଆ ତେଲ ଡ୍ରାଏ ସ୍କିନ୍ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ । ଥଣ୍ଡାରୁ ଫାଟୁଥିବା ସ୍କିନ୍‌କୁ ମଧ ଏହା ଠିକ୍ଏ କରିଥାଏ ।

ଚନ୍ଦନ : ଚନ୍ଦନକୁ ଚେହେରା ର ପ୍ରତ୍ୟେକ ଆଲର୍ଜି ପାଇଁ ରାମବାଣ କୁହାଯାଇଥାଏ । ଚନ୍ଦନ ବ୍ୟବହାର କରିବା ଦ୍ୱାରା ଆପଣଙ୍କ ଚେହେରା ଦାଗହୀନ ହୋଇଥାଏ । ଗରମରେ ଚନ୍ଦନର ବ୍ୟବହାର କରିବା ଲାଭଦାୟକ ହୋଇଥାଏ ।

# ବାସ୍ତୁ ଦୋଷର କାରଣ ବାଲକୋନୀ ନୁହେଁ ତ ?

ଗୃହର ସବୁ ବିଭାଗ ସହିତ ବାଲକୋନୀର ମଧ ବିଶେଷ ମହତ୍ୱ ରହିଥାଏ । ବିଶେଷକରି ଗୃହରେ ରହୁଥିବା ସଦସ୍ୟ ମାନଙ୍କ ପାଇଁ ବାଲକୋନୀ ଏକ ଏମିତି ଜାଗା ଯେଉଁଠାରେ ସେମାନେ ଶୁଦ୍ଧ ଏବଂ ସତେଜ ପବନର ଆନନ୍ଦ ନେଇଥାନ୍ତି । ଏମିତିରେ ଅନେକ ଲୋକ ବାଲକୋନୀରେ ଚା କିମ୍ବା କଫି ପିଇ ନିଜ ଦିନର ଆରମ୍ଭ କରିଥାନ୍ତି । ସେଥିଲାଗି ଘରର ସବୁ କୋଣ ସହିତ ବାଲକୋନୀର ବାସ୍ତୁ ମଧ ଠିକ ହେବା ଅତ୍ୟନ୍ତ ଜରୁରୀ । ନଚେତ ଏହାର ଖରାପ ପ୍ରଭାବ ଆପଣଙ୍କ ଜୀବନ ଉପରେ ପକାଇପାରେ । ଯଦି ଆପଣ ନୂଆ ଘର କିମ୍ବା ଫ୍ଲାଟ୍ ନେବାକୁ ଭାବୁଛନ୍ତି, ତେବେ ଜାଣନ୍ତୁ ବାଲକୋନୀ ସହିତ ଜଡ଼ିତ କିଛି ବାସ୍ତୁ ଟିପ୍ସ ।



ଘରର କୋଠରୀ ଭଳି ବାଲକୋନୀ ମଧ ଉଚିତ୍ ଦିଗ କିମ୍ବା ସ୍ଥାନରେ ରହିବା ଜରୁରୀ । ବାସ୍ତୁ ଅନୁସାରେ, ଘରର ଉତ୍ତର କିମ୍ବା ଉତ୍ତର-ପୂର୍ବ ଦିଗରେ ବାଲକୋନୀ ରହିବା ଶୁଭ ହୋଇଥାଏ । ଏହି ସ୍ଥାନରେ ସୂର୍ଯ୍ୟଙ୍କ କିରଣ ସବୁଠାରୁ ଅଧିକ ପଡୁଥିବାରୁ ଏହି ସ୍ଥାନରେ ବାଲକୋନୀ ରହିବା ଭଲ ଏବଂ ଶୁଭ ବୋଲି ଜଣାଯାଏ । ଏହାର ବିପରୀତ ଦକ୍ଷିଣ ଏବଂ ପଶ୍ଚିମ ଦିଗରେ ବାଲକୋନୀ ରହିବା ଅଶୁଭ ମନେ କରାଯାଏ ।

ବାଲକୋନୀ ଛାତର ଝୁଲା ଉତ୍ତର କିମ୍ବା ପୂର୍ବ ଦିଗକୁ ରହିବା ଶୁଭ ହୋଇଥାଏ । ଏଥି ସହିତ ଛାତର ଉଚ୍ଚତା ଘର ତୁଳନାରେ ତଳକୁ ହେବା ଉଚିତ । ବାଲକୋନୀରେ ଛାତ ତିଆରିରେ ଟିଣ କିମ୍ବା ଲୁହା ର ବ୍ୟବହାର କରିବା ଅନୁଚିତ ।

ବାସ୍ତବରେ ବାଲକୋନୀରେ ବସି ପ୍ରତ୍ୟେକ ବ୍ୟକ୍ତି ଆରାମ ଅନୁଭବ କରିଥାନ୍ତି । ସେଥିଲାଗି ଏଠାରେ ଫର୍ନିଚର ମଧ ରଖିଥାନ୍ତି । କିନ୍ତୁ ବାସ୍ତୁ ଅନୁସାରେ, ବାଲକୋନୀରେ ଅଧିକ ଓଜନ ବିଶିଷ୍ଟ ଫର୍ନିଚର ରଖିବା ଅନୁଚିତ । ଅନେକ ଲୋକ ଏଠାରେ ଝୁଲା ରଖିବାକୁ ପସନ୍ଦ କରିଥାନ୍ତି । ଯଦି ଆପଣ ରଖିବାକୁ ଚାହୁଁଛନ୍ତି ତେବେ ତାହାକୁ ଉତ୍ତର କିମ୍ବା ଦକ୍ଷିଣ ଦିଗରେ ରଖନ୍ତୁ ।

ଅନେକ ସମୟରେ ଲୋକମାନେ ବାଲକୋନୀକୁ ଗଛ-ବୃଚ୍ଛ ଦ୍ୱାରା ସଜାଇଥାନ୍ତି । ଏହାଦ୍ୱାରା ଗୃହ ମଧ୍ୟକୁ ସକାରାତ୍ମକ ଶକ୍ତିର ସଞ୍ଚାର ହେବା ସହିତ ସମସ୍ତଙ୍କ ମନ ଖୁସି ରହିଥାଏ । କିନ୍ତୁ ବାଲକୋନୀରେ ବଡ ଗଛ ପରିବର୍ତ୍ତେ ଛୋଟ ଛୋଟ ଏବଂ ରଙ୍ଗ ବେରଙ୍ଗର ଗଛ ଲଗାଇବା ଉଚିତ । ଏଥିସହିତ ଏଠାରେ ଲଟା ଜାତୀୟ ଗଛ ଲଗାଇବା ଅନୁଚିତ କାରଣ ଏହା ଦ୍ୱାରା ନକାରାତ୍ମକ ଶକ୍ତି ଉତ୍ପନ ହୋଇଥାଏ । ବାଲକୋନୀରେ ଲୋକମାନେ ଯୋଗ କିମ୍ବା ବ୍ୟାୟାମ କରିବାକୁ ପସନ୍ଦ କରିଥାନ୍ତି । ସେଥିଲାଗି ବାଲକୋନୀରେ ରଙ୍ଗ ସବୁବେଳେ ସମ୍ପୂର୍ଣ ହାଲୁକା କରନ୍ତୁ ।

# ଛିଡା ହୋଇ ପାଣି ପିଇବା ଉଚିତ ନୁହେଁ

ମାନବ ଶରୀରରେ ଜଳର ମାତ୍ର ପ୍ରାୟ ୬୦ ପ୍ରତିଶତ। ପାଣି ଶରୀରକୁ ଅକ୍ସିଜେନ୍ ଓ ପୋଷାକ ତତ୍ତ୍ୱ ଦେଇଥାଏ, ଅଙ୍ଗ ଓ କୋଷଗୁଡ଼ିକର ରକ୍ଷା କରିଥାଏ। ପାଣି ପିଇବା କେତେ ମହତ୍ୱପୂର୍ଣ୍ଣ ଆମେ ସମସ୍ତେ ଜାଣିଛୁ। ସୁସ୍ଥ ଶରୀର ୱାଟର ଇନଟେକ୍ ଉପରେ ନିର୍ଭର କରିଥାଏ। କିନ୍ତୁ ଆପଣ ଆବଶ୍ୟକୀୟ ପରିମାଣର ପାଣି ପିଇବା ପରେ ବି ସୁସ୍ଥ ରହିବେ ବୋଲି କିଛି ମାନେନାହିଁ। ଆପଣଙ୍କ ଏକ ଛୋଟ ଭୁଲ ପାଇଁ ଆପଣଙ୍କ ଶରୀରକୁ ପାଣିର ସଠିକ ଲାଭ ନ ମିଳିପାରେ। ଯେପରିକି ଛିଡା ହୋଇ ପାଣି ପିଇବା ଅନେକ ଲୋକଙ୍କର ଅଭ୍ୟାସ। ଅଧିକାଂଶ ଲୋକ ଛିଡା ହୋଇ ପାଣି ପିଇଥାନ୍ତି। ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ବହୁତ ହାନିକାରକ। ଛିଡା ହୋଇ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ଜାଣନ୍ତୁ।



ଯଦି ଆପଣ ଛିଡା ହୋଇ ପାଣି ପିଉଛନ୍ତି ତାହେଲେ ପାଣି ଦ୍ରୁତ ଗତିରେ ଗଳାରେ ଥିବା ଫୁଡ୍ ପାଇପ୍ ଦେଇ ପେଟକୁ ଯାଇଥାଏ। ଦ୍ରୁତ ଗତିରେ ଆସୁଥିବା ପାଣିର ପ୍ରେସ ଯୋଗୁଁ ଆଖପାଖ ଅଙ୍ଗ ଓ ପେଟକୁ କ୍ଷତି ପହଞ୍ଚାଇଥାଏ। ଯେଉଁଥିପାଇଁ ପାଚନ ପ୍ରଣାଳୀ ପ୍ରଭାବିତ ହୋଇପାରେ। ଏଥି ପାଇଁ ଛାତିରେ ଜ୍ୱଳନ (ହାର୍ଟ ବର୍ନ) ଓ ଅଲର୍ସ ସମସ୍ୟା ହୋଇପାରେ। ଛିଡା ହୋଇ ପାଣି ପିଇଲେ ପାଣି ପ୍ରେସର ସହ ପେଟକୁ ଯାଇଥାଏ ଯାହାଫଳରେ ସବୁ ଅନଫିଲ୍ଟର ଜିନିଷ ବ୍ଲାଡରରେ ଜମା ହୋଇଯାଇଥାଏ ଏବଂ ଏହାର ସିଧା ପ୍ରଭାବ କିଡନୀ ଉପରେ ପଡିଥାଏ। କିଡନୀର କାମ ପାଣିକୁ ଛାଣିବା। ଛିଡା ହୋଇ ପାଣି ପିଇଲେ ତାହା ଠିକ ଭାବେ ଫିଲ୍ଟର ହୋଇପାରେନାହିଁ ଓ କିଡନୀରେ ଜମା ହୋଇଯାଇଥାଏ। ଯାହାଫଳରେ କିଡନୀ ସମସ୍ୟା ଓ ୟୁରିନ୍ ଇନଫେକ୍ସନ୍ ଓ ଜ୍ୱଳନ ସମସ୍ୟା ହୋଇଥାଏ। ଛିଡା ହୋଇ ପାଣି ପିଇଲେ ଭବିଷ୍ୟତରେ ଆଥରିଟିସ୍ ସମସ୍ୟା ମଧ ହୋଇପାରେ। ଛିଡା ହୋଇ ପାଣି ପିଇଲେ ଶରୀରରେ ଫ୍ଲୁଏଡ୍ ବାଲାନ୍ସ ମଧ ବିଗିଡି ଯାଇଥାଏ। ଗଣ୍ଠିରେ ଥିବା ଫ୍ଲୁଏଡକୁ ଏହା ପ୍ରଭାବିତ କରିଥାଏ। ଯେଉଁଥିପାଇଁ ଆଣ୍ଠୁ, ଆଙ୍ଗୁଠି, ଅଣ୍ଟା ଆଦିରେ ଯନ୍ତ୍ରଣା ହୋଇଥାଏ। ଛିଡା ହୋଇ ପାଣି ପିଇଲେ ଶୋଷ ମଧ ମେଣ୍ଟିନଥାଏ ଓ ବାରମ୍ବାର ଶୋଷ ହୋଇଥାଏ। ସେଥିପାଇଁ ବସି କି ଆରାମରେ ପାଣି ପିଇବା ଉଚିତ। ଏହା ସ୍ୱାସ୍ଥ୍ୟ ପାଇଁ ହିତକର।

# ଫିଟ୍ ରହିବା ପାଇଁ ଆଲମଣ୍ଡ ଖାଇବା ଜରୁରୀ

ବ୍ୟାୟାମ କରିବା ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିଥାଏ, କିନ୍ତୁ ସଠିକ ଭାବରେ କରାଯାଇଥିଲେ

ହେଁ ବ୍ୟାୟାମ କ୍ଲାନ୍ତି ଆଣିଥାଏ ଏବଂ ମାଂସପେଶୀ ନଷ୍ଟ କରିଥାଏ । ବ୍ୟାୟାମରୁ ପୁନରୁଦ୍ଧାର ଗୁରୁତ୍ୱପୂର୍ଣ୍ଣ କାରଣ ଏହା

ମାଂସପେଶୀ ବୃଦ୍ଧି ଏବଂ ସମୟାନୁକ୍ରମେ ଫିଟ ରହିବାରେ ଉନ୍ନତି କରିଥାଏ । ବେଳେବେଳେ ବ୍ୟାୟାମ କରୁଥିବା(ତିନି

ଥରରୁ କମ)ବ୍ୟକ୍ତିମାନଙ୍କ ସମ୍ପୃକ୍ତିରେ ଏକ ନୂତନ ଅଧ୍ୟୟନ ୧

ଦର୍ଶାଇଛି ଯେ ଆଲମଣ୍ଡ ସ୍ନାକିଙ୍ଗ କରିବା ଦ୍ୱାରା କ୍ଲାନ୍ତି ଏବଂ

ଚିନ୍ତା କମିଯାଏ, ପୁନରୁଦ୍ଧାର ସମୟରେ ଗୋଡ ଏବଂ ତଳ ପିଠି ଶକ୍ତି ବଢିଥାଏ ଏବଂ ପୁନରୁଦ୍ଧାରର ପ୍ରଥମ ଦିନରେ

ମାଂସପେଶୀ ନଷ୍ଟ ହ୍ରାସ ହୋଇଥାଏ ।

କାଲିଫର୍ଣ୍ଣିଆର ଆଲମଣ୍ଡ ବୋର୍ଡର ଆର୍ଥିକ ସହାୟତାରେ ଡେଭିସ ସି. ନିମନେ,ଡା.ପିଏଚ୍,ଏଫ୍ଏସିଏସ୍ଏମ୍, ପ୍ରଫେସର

ତଥା ମୁଖ୍ୟ ଅନୁସନ୍ଧାନକାରୀ, ହ୍ୟୁମେନ ପର୍ଫମେନ୍ସ ଲେବୋରେଟରୀ, ଏପ୍ଲିଚିୟନ ଷ୍ଟେଟ ୟୁନିଭରସିଟି ଏହି ଭିନ୍ନ

ଅନୁସନ୍ଧାନର ନେତୃତ୍ୱ ନେଇଥିଲେ । ୯୦ ମିନିଟର




ବ୍ୟାୟାମ ଅଧିବେଶନରେ ନିୟୋଜିତ ବୟସ୍କମାନଙ୍କଠାରେ ଏକ ଉଚ୍ଚ

କାର୍ବୋହାଇଡ୍ରେଟ ଶସ୍ୟ ଗଡି ସ୍ନାକ୍ସ ତୁଳନାରେ ଏକ ଆଲମଣ୍ଡ ସ୍ନାକ ପ୍ରଦାହ ଏବଂ ପୁନରୁଦ୍ଧାରରେ ଉନ୍ନତି ଆଣିବ କି ନାହିଁ

ଦେଖିବା ପାଇଁ ଡା. ନିମେନ'ଙ୍କ ଦଳ ଚାହିଁଥିଲେ ।

"ଆମେ ଯାହା ପାଇଲୁ ତାହା ନିଶ୍ଚିତ ଭାବରେ କହିଥାଏ ଯେ ବ୍ୟାୟାମରୁ ପୁନରୁଦ୍ଧାର ହେବାର ଲୋକଙ୍କୁ ସାହାଯ୍ୟ କରିବା

ପାଇଁ ଆଲମଣ୍ଡକୁ କ୍ରୀଡା ପୋଷଣ ରଣନୀତିରେ ଯୋଡିଯିବା ଉଚିତ," ଡା. ନିମେମ ବ୍ୟାଖ୍ୟା କରିଥିଲେ । "ଫିଟ ରହିବା

ପାଇଁ ଖାଦ୍ୟ ଏଲମଣ୍ଡ ଅଟେ । ବ୍ୟାୟାମ ପାଇଁ ଇନ୍ଧନ ଦେବା କଥା ଉଠିଲେ କାର୍ବୋହାଇଡ୍ରେଟକୁ ଅଧିକ ଧ୍ୟାନ ଦିଆଯାଏ,

କିନ୍ତୁ ଆମର ଅଧ୍ୟୟନରେ ଉପକାରୀ ଫଳାଫଳକୁ ବ୍ୟାଖ୍ୟା କରିବାରେ ସାହାଯ୍ୟ କରୁଥିବା ଉତ୍ତମ ଅସନ୍ତୃପ ଚର୍ବି,

ଏଂଟିଅକ୍ସିଡେଂଟ ଭିଟାମିନ-ଇ, ଏବଂ ପ୍ରୋନ୍ଥୋସାଇନାଇଡିନ୍ସ (ପଲିଫିନଲ୍ସ'ର ଶ୍ରେଣୀ, ଉଦ୍ଭିଦରେ ଥିବା ପ୍ରତିରକ୍ଷା ଯୌଗିକ)

ସହିତ ପୋଷଣ ପେକିଜ ଯାଚୁଥିବା ଆଲମଣ୍ଡ ରହିଛି ।"

# ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା' ଉଦ୍‌ଘାଟିତ



**ଭୁବନେଶ୍ୱର,୨୭।୧୦ (ମହାଭାରତ):** ସ୍ଥାନୀୟ ୟୁନିଟ୍-୩ସ୍ଥିତ ଇଡ଼କୋ ପ୍ରଦର୍ଶନୀ ପଡ଼ିଆ ଠାରେ ଆଜିଠାରୁ ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୪' ଆରମ୍ଭ ହୋଇଛି। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢୀ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱୋଳନ ପୂର୍ବକ ଏହାର ଶୁଭ ଉଦଘାଟନ କରିଛନ୍ତି। ଗୋଟିଏ ସ୍ଥାନରେ ଟେରାକୋଟା ହସ୍ତଶିଳ୍ପକୁ ପ୍ରଦର୍ଶିତ କରିବା ସହ କାରିଗରମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ଏହି ଆୟୋଜନର ମୂଳଲକ୍ଷ୍ୟ। ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧିନସ୍ଥ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀ ୨୬ ରୁ ୩୦ ଅକ୍ଟୋବର ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରତ୍ୟେକ ଦିନ ଦିବା ୧୧ ଘଟିକାରୁ ରାତ୍ର ୯ ଘଟିକା ମଧ୍ୟରେ ଲୋକମାନେ ଏହାର ସୁଯୋଗ ନେଇପାରିବେ। ଚଳିତ ବର୍ଷ ମୋଟ୍ ୨୭ଟି ଜିଲ୍ଲାର ୩୦୦ ରୁ ଊର୍ଦ୍ଧ୍ୱ କାରିଗର ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରାୟ ୨ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହେବ ବୋଲି ଆକଳନ କରାଯାଇଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତି ସଂଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ, ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଯୁଗ୍ମ ନିର୍ଦ୍ଦେଶକ ଶିଶିର କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। 'ଟେରାକୋଟା' ହସ୍ତଶିଳ୍ପ ଓଡିଶା ସରକାରଙ୍କ ଅନୁମୋଦିତ ୫୧ ଗୋଟି ହସ୍ତଶିଳ୍ପ ମଧ୍ୟରୁ ଏକ ପ୍ରମୁଖ ହସ୍ତଶିଳ୍ପ ଅଟେ। ଓଡିଶାର ବିଭିନ୍ନ ଜିଲ୍ଲାର ପ୍ରାୟ ୩୬,୦୦୦ କାରିଗର ଏହି ବୃତ୍ତିରେ ନିୟୋଜିତ ଅଛନ୍ତି। ଆମ ରାଜ୍ୟରେ ୪୦ ରୁ ଅଧିକ ଟେରାକୋଟା ହସ୍ତଶିଳ୍ପ ପୁଞ୍ଜି ରହିଛି। ଟେରାକୋଟା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡିକୁ ବିକ୍ରୟ ନିମନ୍ତେ ୨୦୦୬ ମସିହାରୁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ବାର୍ଷିକ ଟେରାକୋଟା ପ୍ରଦର୍ଶନୀ (ମୃତ୍ତିକା) ଆୟୋଜିତ ହୋଇ ଆସୁଅଛି। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦୀପାବଳିକୁ ଦୃଷ୍ଟିରେ ରଖି ମୃତ୍ତିକା- ୨୦୨୪ ଟେରାକୋଟା ପ୍ରଦର୍ଶନୀ ୨୨ ଅକ୍ଟୋବର ରୁ ୨୯ ଅକ୍ଟୋବର, ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ପାଇଁ ଆୟୋଜନ କରାଯାଇଥିଲା। ମାତ୍ର ବାତ୍ୟା 'ଦାନା' ପାଇଁ ଏହା ସ୍ଥଗିତ ରଖାଯାଇ ୨୬ ରୁ ୩୦ ଅକ୍ଟୋବର ଯାଏ ଆୟୋଜନ କରାଯାଇଅଛି।

# ୭୦ କୋଟି ଟଙ୍କା ଠକି ନେଲେ ସାଇବର ଠକ

**ଭୁବନେଶ୍ୱର,୨୭।୧୦ (ମହାଭାରତ):** କଟକ, ଭୁବନେଶ୍ୱର ଦ୍ୱୈତନଗରୀରେ ସାଇବର ଠକେଇ ଦିନକୁ ଦିନ ବଢ଼ିବାରେ ଲାଗିଛି। କାହାକୁ ପୁଞ୍ଜିନିବେଶ ନାଁରେ ତ କାହାକୁ ଚାକିରି ଲୋଭ ଦେଖାଇ ସାଇବର ଠକମାନେ ଲୁଟୁଛନ୍ତି। ଷ୍ଟକ୍ ମାର୍କେଟ୍ ପ୍ରଲୋଭନରୁ ଆରମ୍ଭ କରି ବିଭିନ୍ନ ଲୋନ୍ କରାଇବା, ଅନଲାଇନ୍ ସପିଂ, ଟ୍ରାଭେଲ ଟିକେଟ୍, ବୀମା, କ୍ରେଡିଟ୍ କାର୍ଡ ଲିମିଟ୍ ବଢ଼ାଇବା, ଲୋନ୍ ଆପ୍, ନ୍ୟୁଡ୍ କଲ୍, ବକେୟା ବିଦ୍ୟୁତ୍ ବିଲ୍ ପେଠ ଆଳରେ ବିଭିନ୍ନ ମାଧ୍ୟମରେ ସାଇବର ଠକମାନେ ଲୋକଙ୍କୁ ଫସାଉଛନ୍ତି।

ଗତ ୧୦ ମାସ ମଧ୍ୟରେ କଟକ-ଭୁବନେଶ୍ୱରରେ ହୋଇଥିବା ସାଇବର ଠକେଇ ତଥ୍ୟରୁ ଜଣାପଡ଼ିଛି ଯେ ଠକମାନେ ୭୦.୬ କୋଟି ଟଙ୍କା ଲୁଟି ନେଇଛନ୍ତି। ମାମଲା ରୁଜୁ କରି ପୁଲିସ ୧୨.୮ କୋଟି ଟଙ୍କା ଫ୍ରିଜ୍ କରିଛି ଏବଂ ଲୋକଙ୍କୁ ୨.୫କୋଟି ଟଙ୍କା ଫେରସ୍ତ କରିଛି। ସେହିପରି ଆଉ ୫ କୋଟି ଟଙ୍କା ଫେରସ୍ତ ପାଇଁ ପ୍ରକ୍ରିୟା ଜାରି ରହିଛି। ସେହିଭଳି ସାଇବର ସୁନ୍ଦରୀ ବେଶରେ ଫସାଇବା ପରେ ବ୍ଲାକ୍‌ମେଲ୍ କରି ଲୁଟୁଛନ୍ତି। ପୁଲିସ ଯେତେ



ସଚେତନ କଲେ ବି ଲୋକମାନେ ଚେତୁ ନାହାନ୍ତି। ଉଦ୍‌ବେଗର କଥା ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ହିଁ ସାଇବର ଠକଙ୍କ ଜାଲରେ ଫସୁଛନ୍ତି। ୧୦ମାସରେ ଏହି ଅବଧିରେ ପୁଲିସ ରାଜ୍ୟରୁ ଓ ରାଜ୍ୟ ବାହାରୁ ୪୦ ସାଇବର ଠକଙ୍କୁ ବାନ୍ଧି ଜେଲରେ ପୂରାଇଛି।

ଭୁବନେଶ୍ୱରରେ ସର୍ବାଧିକ ୨୭୬ ମାମଲା ରୁଜୁ ହୋଇଛି ଏବଂ ପାଖାପାଖି ୭କୋଟି ଟଙ୍କା ଠକେଇ ହୋଇଛି। ୨୫ ମାମଲାରେ ପୁଲିସ ୩୭ ସାଇବର ଠକଙ୍କୁ ବାନ୍ଧିବା ସହ ୧.୯କୋଟି ଟଙ୍କା ଫେରାଇଛି। ଠକଙ୍କ କବଳରୁ ୧୨.୮କୋଟି ଟଙ୍କା ଫ୍ରିଜ୍ କରିଛି। ସେହିପରି କଟକ ସାଇବର ଥାନା ପୁଲିସ ୭୩ଟି ମାମଲା ରୁଜୁକରିଥିବା ବେଳେ ୬୪.୫ ଲକ୍ଷ ଟଙ୍କା ଠକେଇ ହୋଇଛି। ୩ଟି ମାମଲାରେ ପୁଲିସ ୩ ସାଇବର ଠକଙ୍କୁ ବାନ୍ଧିବା ସହ ସମସ୍ତ ୬୪.୫ ଲକ୍ଷ ଟଙ୍କା ଲୋକଙ୍କୁ ଫେରାଇଛି। କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି ଯେ ଠକେଇର ଶିକାର ହୋଇଥିଲେ ଗୋଲ୍ଡେନ୍ ଆୱାର ଅର୍ଥାତ ଘଣ୍ଟାଏ ଭିତରେ ହେଲ୍ପ ଲାଇନ୍ '୧୯୩୦'ରେ କଲ୍ କରି ହେଉ କି ଚକ୍ଷୁ (ସିଏଚ୍‌ଏକେଏସ୍‌ଏଚ୍‌ୟୁ) ପୋର୍ଟାଲରେ ରିପୋର୍ଟ ଦେବା ଠିକ୍ ପଦକ୍ଷେପ ହେବ।

# ବିପୁଳ ପରିମାଣର ବାଣ ଜବତ : ୨ଗିରଫ

**ଜଟଣୀ,୨୭।୧୦ (ମହାଭାରତ):** ବ୍ୟବସାୟୀକ ସହର ଜଟଣୀ ବର୍ତ୍ତମାନ ବେଆଇନ ବାଣ ବ୍ୟବସାୟର ହବ ପାଲଟିଗଲାଣି। ବିଗତ ଦିନରେ ଜଟଣୀ ଥାନା ଅନ୍ତର୍ଗତ ତିରିମଲ ଗ୍ରାମରେ ବେଆଇନ ବାଣ ପ୍ରସ୍ତୁତ କରୁଥିବା ବେଳେ ଘରେ ବିସ୍ଫୋରଣ ହୋଇ ଘରର ଛାତ ଉଡିଯାଇଥିବା ବେଳେ ମୃତାହତ ମଧ୍ୟ ହୋଇଥିବା ନଜିର ରହିଛି। ତେବେ ଏହାପରେ ପୁଲିସ ପ୍ରଶାସନ ଓ ସ୍ପେଶାଲ ସ୍କ୍ୱାଡ୍ ଟିମ କଡା ନଜର ମଧ୍ୟରେ ବ୍ୟବସାୟ ହେଉଥିବା ଜଟଣୀ ସହର ଓ ଏହାର ଆଖପାଖ ଅଂଚଳରେ ବାଣ ପ୍ରସ୍ତୁତ ଅଂଚଳକୁ ରେଡଜୋନ ତାଲିକାଭୁକ୍ତ କରି ଥିବା ବେଳେ ଜଟଣୀ ଥାନା ପୋଲିସ ଏହା ମଧ୍ୟରେ ଗୋଟିଏ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ବେଆଇନ୍ ବାଣ ଜବତ କିରିଛି।

ଜଟଣୀଥାନା ପୁଲିସର ଏକ ଟିମ ରାତ୍ରୀକାଳିନ ପେଟ୍ରୋଲିଂ କରୁଥିବା ବେଳେ ବିଳମ୍ବିତ ରାତିରେ ସୀତାରାମଛକ ଚର୍ଚ୍ଚପଡିଆ ଠାରେ ଏକ ଟାଟାଏସି ମାଧ୍ୟମରେ ବେଆଇନଭାବେ ବିପୁଳ ପରିମାଣର ବାଣ ଚାଲାଣ କରିବାକୁ ଗାଡିରେ ଲୋଡ କରାଯାଉଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଁଚି କାଗଜପତ୍ର ଯାଞ୍ଚ କରିବାକୁ ଚାହିଁଥିଲା। କିନ୍ତୁ ଚାଲାଣକାରୀମାନେ ଏ ସଂକ୍ରାନ୍ତରେ କୌଣସି କାଗଜପତ୍ର ଦେଖାଇ ପାରି ନଥିଲେ। ଯାହା ଫଳରେ ପୋଲିସ ଏହି ବାଣ ଗୁଡ଼ିକୁ ଜବତ କରିବା ସହିତ ଚାଲାଣ କରୁଥିବା ବ୍ୟବସାୟୀ ଦୁଇଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ ଆରମ୍ଭ କରିଛି। ଉକ୍ତ ବାଣ ଗୁଡିକୁ ଜନବସତି ଅଂଚଳରେ ଥିବା ମାର୍କେଟ ଗୃହରେ ରଖି ସେଠାରୁ ଇନଫୋଭ୍ୟାଲି ଅଂଚଳକୁ ନେଇ ବ୍ୟବସାୟ କରିବା ଉଦ୍ଦ୍ୟେଶ୍ୟରେ ନେଉଥିବା ଅଭିଯୁକ୍ତମାନେ କହିଛନ୍ତି।

ଏଥି ସହିତ ଦୀର୍ଘଦିନରୁ ବାଣଗୁଡିକୁ ରଖିବା ଏବଂ ବ୍ୟବସାୟ କରିବାଲାଗି ସେମାନଙ୍କ ନିକଟରେ କୌଣସି ସ୍ୱୀକୃତିପତ୍ର ନଥିବା ପୁଲିସ ଜାଣିବାକୁ ପାଇଥିଲା। ଅନ୍ୟପଟେ ଆଗକୁ ଦିପାବଳୀ ରହିଥିବାରୁ ବାଣ ବ୍ୟବସାୟ ଲାଗି ଶରତ ପାଇକରାୟ ଷ୍ଟାଡିୟମରେ ବ୍ୟବସାୟୀମାନେ ବ୍ୟବସାୟ ସ୍ୱୀକୃତିପତ୍ର ପାଇବାଲାଗି ଆବେଦନ ଆରମ୍ଭ କରିଥିଲା ବେଳେ ଆଜି ପର୍ଯ୍ୟନ୍ତ କାହାରିଙ୍କୁ ଅନୁମତିପତ୍ର ପ୍ରଦାନ କରାଯାଇନଥିବା ପୁଲିସ ସୂତ୍ରରୁ ଜଣାପଡିଛି। ତେବେ ଏନେଇ ଏହି ବେଆଇନ ବାଣଗୁଡିକୁ ଚାଲାଣ କରୁଥିବା ଅଭିଯୋଗରେ ପୁଲିସ ଜଟଣୀଥାନା ଅନ୍ତର୍ଗତ ବାଲିଛକ ସାହୀର ଦୁର୍ଯ୍ୟୋଧନ ସାହୁ ଓ ନିରଜଂନପୁର ଭୋଇ ସାହିର ସନ୍ତୋଷ ଗୁରୁଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଜବତ ବାଣଗୁଡିକ ଲକ୍ଷାଧୀକ ଟଙ୍କାର ହୋଇଥାଇପାରେ ବୋଲି ପୁଲିସ ଅନୁମାନ କରିଛି।

# ପୁଣି ଆସିପାରେ ଆଉ ଏକ ବାତ୍ୟା

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ବାତ୍ୟା 'ଦାନା' ଶୁକ୍ରବାର ଓଡ଼ିଶା ଉପକୂଳ ଅତିକ୍ରମ କରିଯାଇଛି। ଏହାର ବେଗ ଅଧିକ ନ ଥିବାରୁ ଓଡ଼ିଶା ବିପର୍ଯ୍ୟୟରୁ ବର୍ତ୍ତିଯାଇଛି। ତେବେ ରାଜ୍ୟ ଉପରୁ ବାତ୍ୟାର ଭୟ ଟଳି ନାହିଁ। ଚାଇନା ସାଗର ଉପକୂଳରେ ଆଉ ଏକ ବାତ୍ୟାର ସମ୍ଭାବନା ରହିଛି। ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ଏହା ଭୟଙ୍କର ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ୟୁରୋପିଆନ ସେଣ୍ଟର ଫର ମିଡିୟମ ରେଞ୍ଜ ଫୋରକାଷ୍ଟ (ଇସିଏମ୍‌ଡବ୍ଲ୍ୟୁଏଫ୍) ସମେତ କେତେକ ଅନ୍ତର୍ଜାତୀୟ ପାଣିପାଗ ମଡେଲ ସୂଚନା ଅନୁଯାୟୀ ନଭେମ୍ବର ୬ କିମ୍ବା ୭ ତାରିଖ ବେଳକୁ ଚାଇନା ସାଗରରେ ଥିବା ଘୂର୍ଣ୍ଣିବଳୟ ସାମୁଦ୍ରିକ ଝଡ଼ରେ ପରିଣତ ହୋଇପାରେ। ଏହା ଓଡ଼ିଶା କିମ୍ବା ତାମିଲନାଡୁ ଉପକୂଳମୁହାଁ ହେବାର ସମ୍ଭାବନା ରହିଛି।

# ଯୁବ କଂଗ୍ରେସ ପକ୍ଷରୁ ରିଲିଫ ବଣ୍ଟନ



**ଭୁବନେଶ୍ୱର,୨୭।୧୦ (ମହାଭାରତ):** ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଧାମରା ଅଂଚଳ ଗସ୍ତ କରିଥିଲେ। ଧାମରା ଠାରେ ବାତ୍ୟା 'ଦାନା' ଲ୍ୟାଣ୍ଡଫଲ କରିଥିଲା। ସେଠାରେ ବାତ୍ୟା ପ୍ରପୀଡିତଙ୍କୁ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା। ବାତ୍ୟାରେ କ୍ଷୟକ୍ଷତି ସମ୍ପର୍କରେ ବାତ୍ୟା ପ୍ରଭାବିତ ମାନଙ୍କ ଠାରୁ ଅବଗତ ହେବା ସହ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଂଚଳ ଏହି ଟିମ ଗସ୍ତ କରିଥିଲେ।

ବାତ୍ୟା ପ୍ରପୀଡିତଙ୍କୁ ତୁରନ୍ତ କ୍ଷତିପୂରଣ ଦେବାପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରନ୍ତୁ ବୋଲି ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା। ଚାଷୀମାନଙ୍କର ବିପୁଳ କ୍ଷତି ହୋଇଛି। ସେମାନେ ଚାଷରୁ ଏ ବର୍ଷ ପଇସାଟିଏ ପାଇବେ ନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି। କାରଣ ଚାଷ ଜମି ବର୍ଷା ଜଳରେ ସଂପୂର୍ଣ୍ଣ ବୁଡ଼ିଯାଇଛି। ପବନ ମାଡ଼ ଯୋଗୁଁ ଧାନଗଛ ଗୁଡ଼ିକରୁ ଆଉ କିଛି ଅମଳ ହେଲାଭଳି ଆଶା ନାହିଁ। ତେଣୁ ସରକାର ହେକ୍ଟରପିଛା ୨୦ ହଜାର ଟଙ୍କା ତୁର' ଦିଅନ୍ତୁ। ବାତ୍ୟା ପ୍ରଭାବିତ ଅଂଚଳରୁ କୃଷିଋଣକୁ ସଂପୂର୍ଣ୍ଣ ଛାଡ଼ କରାଯାଉ। ଯେଉଁମାନଙ୍କର ବାସଗୃହ ଭାଙ୍ଗିଯାଇଛି ତୁରନ୍ତ ସେମାନଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଉ। ପରିବାଚାଷୀ ମାନଙ୍କର କ୍ଷୟକ୍ଷତିକୁ ଆକଳନ କରି ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ। ମୁଖ୍ୟମନ୍ତ୍ରୀ ବାତ୍ୟା ସମୟରେ ପ୍ରତିଶ୍ରୁତି ଦେଲେ ଯେ ୨୪ ଘଂଟା ମଧ୍ୟରେ ବିଛିନ୍ନ ହୋଇଥିବା ବିଦ୍ୟୁତକୁ ସଂଯୋଗ କରାଯିବ। ମାତ୍ର ଆମେ ସଂପୃକ୍ତ ବିଭାଗରୁ ଯାହା ବୁଝିଲୁ ଏବଂ ଗ୍ରାଉଣ୍ଡ ଜିରୋରୁ ଯାହା ପରିସ୍ଥିତି ଦେଖିଲୁ ସେଠାରେ ୬୦ ଘଂଟା ଭିତରେ ବିଦ୍ୟୁତ ସଂଯୋଗ କରିବା ସମ୍ଭବ ନୁହେଁ। ସୁତରାଂ ବିଦ୍ୟୁତ ସଂଯୋଗ ଯୁଦ୍ଧ କାଳୀନ ଭିତିରେ ତୁରନ୍ତ କରିବା ଆମେ ମୁଖ୍ୟମନ୍ତ୍ରୀଙ୍କ ନିକଟରୁ ଦାବି କରୁଛୁ। ମେଡିକାଲ ଟିମ ଏବଂ ରିଲିଫ ଗୋଟେ ସପ୍ତାହ ପର୍ଯ୍ୟନ୍ତ ବାତ୍ୟା ପ୍ରଭାବିତ ଲୋକେ ଉପଲବ୍ଧ ହୁଅନ୍ତୁ। ବାତ୍ୟା ପ୍ରଭାବିତ ଅଂଚଳରେ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ଏବଂ କଲେଜର ଫି ଛାଡ଼ କରାଯାଉ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର ଦାସ, ୟାସିର ନୱାଜ, ସୁଦିପ ସାମଲ, ମନୋଜ ବିଶ୍ୱାଳ, ଅଜୟ ସାହୁ, ନିହାର ବେହେରା, ଗୋପନ ମାର୍ଥା, ତୁଷାରକାନ୍ତ ତପସ୍ୱୀ ଅଭିଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# କୁଚିଣ୍ଡା ନାବାଳିକା ଗଣଦୁଷ୍କର୍ମ ଘଟଣାରେ ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ

**ଭୁବନେଶ୍ୱର,୨୭।୧୦ (ମହାଭାରତ):** କୁଚିଣ୍ଡାରେ ଦଳିତ ନାବାଳିକାର ଗଣଦୁଷ୍କର୍ମ ମାମଲାକୁ ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ କରିବା ସହିତ ଦଳ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାର ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିବା ଅଭିଯୋଗ କରିବା ପରେ, ବାହାରେ ବୁଲୁଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ଗଣଦୁଷ୍କର୍ମ ଅଭିଯୋଗ ମଧ୍ୟ ଏଫଆଇଆରରେ ଯୋଡ଼ା ଯାଇଛି। ବିଜୁ ଜନତା ଦଳ ତରଫରୁ ଆଜି ଏକ ପ୍ରେସ ବିବୃତିରେ କୁହାଯାଇଛି, ଦଳ ଏହି ଘଟଣାକୁ ଗୁରୁତର ସହିତ ନେବା ପରେ ପୋଲିସର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ରାଜ୍ୟ ସରକାର ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଥିଲେ ବୋଲି ସ୍ପଷ୍ଟ ପ୍ରମାଣିତ ହେଉଛି।ଉଲ୍ଲେଖଯୋଗ୍ୟ, ଏହି ଘଟଣା ଅକ୍ଟୋବର ୧୫ ତାରିଖରେ ଘଟିଥିଲେ ମଧ୍ୟ ପୋଲିସ ଏହି ଘଟଣାରେ ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିଲା। ଏହି ଘଟଣାରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିବା ସହିତ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ କରି ସେମାନଙ୍କୁ ତୁରନ୍ତ ପୀଡିତା ଓ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟି ଘଟଣା ବିଷୟରେ ସବିଶେଷ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଜୁ ଜନତା ଦଳ ତରଫରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାରେ ପୋଲିସ ଗଣଦୁଷ୍କର୍ମ ଅଭିଯୋଗକୁ ଗ୍ରହଣ କରୁ ନଥିବା ଓ ପଂଚାୟତରାଜ ମନ୍ତ୍ରୀଙ୍କ ଘନିଷ୍ଠ



ସହଯୋଗୀ ସମେତ ଦୁଇ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ନକରିବା, ରାଜ୍ୟ ସରକାରଙ୍କ ଦ୍ୱାରା ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଛି ବୋଲି ଅଭିଯୋଗ କରା ଯାଇଥିଲା। ମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀ ହରିହର ପାଣିଙ୍କ ଗିରଫ ନେଇ ତାଙ୍କୁ ଖୋଜା ଯାଉଛି ବୋଲି ପୋଲିସ ତରଫରୁ କୁହାଯାଇ ଆସୁଥିଲା। ବିଜୁ ଜନତା ଦଳ ଘଟଣାକୁ ଗୁରୁତ୍ୱର ସହ ନେବା ପରେ, ପୋଲିସ ମନ୍ତ୍ରୀଙ୍କ ସହଯୋଗୀ ହରିହର ପାଣି ଓ ଗିରଫ ନହୋଇଥିବା ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଗଣଦୁଷ୍କର୍ମ ଅଭିଯୋଗକୁ ମଧ୍ୟ ଏଫଆଇଆରରେ ଯୋଡ଼ିଥିଲା। ଏଥିରୁ ସ୍ପଷ୍ଟ ପ୍ରମାଣ ହେଉଛି ଯେ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଥିଲା ବୋଲି ଦଳ ତରଫରୁ କୁହାଯାଇଛି। ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ରିତା ସାହୁ, ପୂର୍ବତନ ବିଧାୟିକା ଶୁଶ୍ରୀ ଦୀପାଳି ଦାସ, ପୂର୍ବତନ ବିଧାୟିକା ଶ୍ରୀମତୀ ଅଳକା ମହାନ୍ତି, ସମ୍ବଲପୁର ଜିଲ୍ଲା ପରିଷଦ ଅଧକ୍ଷ୍ୟା ଶ୍ରୀମତୀ କୁମୁଦିନୀ ନାୟକ ପ୍ରମୁଖ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଆଜି କୁଚିଣ୍ଡା ଗସ୍ତ କରି ପୀଡିତା ଓ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟି ଘଟଣା ସମ୍ପର୍କିତ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି। ଏହି ଘଟଣାରେ କୁଚିଣ୍ଡା ବିଧାୟକ ତଥା ରାଜ୍ୟର ପଂଚାୟତରାଜ ମନ୍ତ୍ରୀ ଶ୍ରୀ ରବି ନାୟକଙ୍କ ଘନିଷ୍ଠ ସହଯୋଗୀ ହରିହର ପାଣି ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଅଛନ୍ତି ଓ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ଘଟଣାକୁ ପୋଲିସ ମାଧ୍ୟମରେ ଚପାଇ ଦେବାକୁ ଉଦ୍ୟମ କରାଯାଉଥିଲା। ତେଣୁ, ମନ୍ତ୍ରୀ ଶ୍ରୀ ରବି ନାୟକଙ୍କ ସମେତ ଯେଉଁମାନେ ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଥିଲେ, ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ବିଜୁ ଜନତା ଦଳ ତରଫରୁ ଦାବି କରାଯାଇଛି।

# ଡିସେମ୍ବର ୬ରୁ ରାଜ୍ୟ ପୁସ୍ତକ ମହୋତ୍ସବ

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-'ଅକ୍ଷର'। ଆସନ୍ତା ଡିସେମ୍ବର ୬ରୁ ୧୭ ତାରିଖ ୧୨ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ସେଥିପାଇଁ ଏବେଠୁ ଏହାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ନୂଆ ସରକାରରେ ପୁସ୍ତକ ମହୋତ୍ସବକୁ ନୂଆ ରୂପ ଦେବାକୁ ଯୋଜନା ହୋଇଛି। ଏନେଇ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଇଡ଼କୋ ପ୍ରଦର୍ଶନୀ ପଡ଼ିଆ ଠାରେ ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜଧାନୀ ପୁସ୍ତକ ମେଳା, ଏକାମ୍ର ପୁସ୍ତକ ମହୋତ୍ସବ କମିଟି, ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ ସହଯୋଗରେ 'ଅକ୍ଷର' ଆୟୋଜିତ ହେବ। ଏନେଇ ଗତ ଅକ୍ଟୋବର ୧୮ ତାରିଖରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ଏଥିରେ ପୁସ୍ତକ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ଉପରେ ବିଶଦ୍ ଆଲୋଚନା ହୋଇଥିଲା। ମହୋତ୍ସବ ପରିସର ୩ଟି ମୁଖ୍ୟ ଥିମ୍ ବା ବିଷୟ ଉପରେ ଆଧାରିତ ହେବ।

ଯଥାକ ମହାନ ବିପ୍ଲବୀ ବିର୍ସା ମୁଣ୍ଡା ଓ ଅନ୍ୟ ସ୍ୱାଧୀନତାଙ୍କ ସଂଗ୍ରାମୀଙ୍କ ଅବଦାନ, ଡ. ହରେକୃଷ୍ଣ ମହତାବ ଶତବାର୍ଷିକୀ ଓ ଓଡ଼ିଶାର ବୌଦ୍ଧ ଐତିହ୍ୟକୁ ସ୍ଥାନିତ କରାଯାଇ ପାଠାକମାନଙ୍କୁ ଅବଗତ କରାଯିବ। ଏଥିସହିତ ପ୍ରତିବର୍ଷ ପରି ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ରହିଛି।

ଚଳିତ ବର୍ଷ ପୁସ୍ତକ ମେଳା ଆୟୋଜନ ନେଇ ସରକାରୀ ସୂତ୍ରରୁ ସବୁଜ ସଂକେତ ମିଳିବା ପରେ ଷ୍ଟଲ୍ ବୁକିଂ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୧୦୦ରୁ ଅଧିକ ଷ୍ଟଲ୍ ବୁକିଂ ସରିଲାଣି। ମାତ୍ର ଷ୍ଟଲ୍ ଆବଣ୍ଟନକୁ ନେଇ ସାମାନ୍ୟ ଦ୍ୱନ୍ଦ୍ୱ ଏବଂ କିଛି ଅସନ୍ତୋଷ ସୃଷ୍ଟି ହୋଇଥିବାରୁ ଏହା ଉପରେ ସଂସ୍କୃତି ବିଭାଗ ସହ ଆଲୋଚନା ଚାଲିଛି। ସରକାର ଏ ବିଷୟରେ ଖୁବ୍‌ଶୀଘ୍ର ଏକ ସ୍ପଷ୍ଟ ନିର୍ଦ୍ଦେଶନାମା ଘୋଷଣା କରିବେ ଏବଂ ସଂସ୍କୃତି ବିଭାଗ ନିଜେ ଏହାର ତଦାରଖ କରିବେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଷ୍ଟଲ୍ ଆବେଦନ ଶେଷ ତାରିଖ ଥିବାବେଳେ ଡିସେମ୍ବର ୫ରେ ଷ୍ଟଲ୍ ଆବଣ୍ଟନ ହେବ। ପାଠକଙ୍କ ଲାଗି ପାର୍କିଂ ବ୍ୟବସ୍ଥା ମାଗଣା ରହିବା ସହ ଦିନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ୬ ତାରିଖରେ ଉଦଘାଟନ ପର୍ବ ପରେ ପ୍ରତି ସନ୍ଧ୍ୟାରେ ସାହିତ୍ୟ ଓ ସାଂସ୍କୃତିକ ସଭା ହେବ।

# ବାତ୍ୟା ସମ୍ପର୍କରେ ସରକାର ଶ୍ୱେତପତ୍ର ଜାରି କରନ୍ତୁ : ବିଜେଡି

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ବାତ୍ୟା ଦାନାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ବାତ୍ୟା ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରାଇଲେ, ଲ୍ୟାଣ୍ଡଫଲ ବେଳେ ପବନର ଗତି ଯେତିକି ରହିବ ବୋଲି କୁହାଯାଇଥିଲା ତାହାଠାରୁ ବହୁତ କମ୍ ରହିଥିଲା। ଏଭଳି ଧରଣର ବାତ୍ୟାରେ ଲୋକଙ୍କୁ ସ୍ଥାନାନ୍ତର କରିବା ଅନାବଶ୍ୟକ ଥିଲା। ୟାସ୍ ବାତ୍ୟା ବେଳେ ୧୮୫ କି.ମି ବେଗରେ ପବନ ବହିଥିଲା। ସେତେବେଳେ ୧୦ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଏହି ବାତ୍ୟାରେ କେତେ ଲୋକଙ୍କୁ ବାସ୍ତବରେ ସ୍ଥାନାନ୍ତର କରାଗଲା ତାହା ସରକାର ସ୍ପଷ୍ଟ କରନ୍ତୁ। ଏଥିପାଇଁ ଶ୍ୱେତପତ୍ର ଜାରି କରନ୍ତୁ। ଆଜି ସାମ୍ବାଦିକ ସମ୍ମିଳନୀ କରି ଏଭଳି ଦାବି କରିଛି ବିଜେଡି। ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ବାତ୍ୟା ପାଇଁ କେତେ ଲୋକ ସ୍ଥାନାନ୍ତର ହୋଇଛନ୍ତି, କେତେ ଲୋକ ଆଶ୍ରୟସ୍ଥଳୀରେ ରହିଛନ୍ତି ତାହା ସରକାର ଜନସାଧାରଣଙ୍କୁ ଅବଗତ କରାନ୍ତୁ। ବାତ୍ୟାରେ ରାଜ୍ୟରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବିଜେଡି ଅଭିଯୋଗ କରିଛି। ସେଥିମଧ୍ୟରୁ ରାଜନଗରରେ ୩ଜଣ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିଜ ଅଞ୍ଚଳରେ ଜଣେ ପ୍ରାଣ ହରାଇଥିବା ବିଜେଡି ଅଭିଯୋଗ କରିଛି। ରାଜ୍ୟ ସରକାର ଜିରୋ କାଜୁଆଲିଟି ନେଇ ଶ୍ୱେତପତ୍ର ଆଣନ୍ତୁ, ମିଛକୁ ସତରେ ପ୍ରମାଣିତ କରିବାର ଅପଚେଷ୍ଟା କରନ୍ତୁ ନାହିଁ ବୋଲି ବିଜେଡି କହିଛି।

ବାତ୍ୟାରେ ନବୀନ ସରକାରଙ୍କ ମଡେଲକୁ ଜାତିସଂଘ ବି ପ୍ରଶଂସା କରିଥିଲା।

# ମଲିକ୍ୟୁଲାର ପରୀକ୍ଷଣ ଏବଂ ଜେନୋମିକ୍ସକୁ ନେଇ କର୍ମଶାଳା

**ଭୁବନେଶ୍ୱର,୨୭।୧୦ (ମହାଭାରତ):** କର୍କଟ ରୋଗର ନିର୍ଣ୍ଣୟ, ପୂର୍ବାନୁମାନ ଓ ଚିକିତ୍ସା କ୍ଷେତ୍ରରେ ବିଶେଷ ଗୁରୁତ୍ୱ ବହନ କରୁଥିବା ମଲିକ୍ୟୁଲାର ହେମାଟୋଲଜି କ୍ଷେତ୍ରରେ ବର୍ତ୍ତମାନ ଘଟୁଥିବା ଉନ୍ନତି ସଂପର୍କରେ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ଠାରେ ଏକ ବିଶେଷ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। 'ମଲିକ୍ୟୁଲାର ହେମାଟୋଲଜି- ଦି ଫ୍ୟୁଚର ୱି ଆର୍ ଲିଭିଂ ଇନ୍' ଶୀର୍ଷକ ଏହି କଂଟିନ୍ୟୁଇଂ ମେଡିକାଲ୍ ଏଜୁକେସନ୍ (ସିଏମ୍‌ଇ) କାର୍ଯ୍ୟକ୍ରମ ଗତ ବୁଧବାର ଦିନ ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ହୋଇଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଡାକ୍ତର ଓ ବିଶେଷଜ୍ଞ ଏଥିରେ ଯୋଗ ଦେଇଥିଲେ। ସିଏମ୍‌ଇରେ ଯୋଗ ଦେଇଥିବା ବିଶେଷଜ୍ଞମାନେ ମୁଖ୍ୟତଃ ଆଡ୍‌ଭାନ୍ସଡ ମଲିକ୍ୟୁଲାର ଟେଷ୍ଟ ସମେତ ପଲିମେରାସ ଚେନ୍ ରିଆକ୍ସନ୍ (ପିସିଆର୍), ଫ୍ଲୁରୋସେନ୍ସ ଇନ୍ ସିଟୁ ହାଇବ୍ରିଡାଇଜେସନ୍ (ଫିସ୍) ସାଇଟୋଜେନେଟିକ୍ସ, ସାଙ୍ଗେର ସିକ୍ୱେନ୍ସିଂ ଏବଂ ନେକ୍ସଟ ଜେନେରେସନ୍ ସିକ୍ୱେନ୍ସିଂ (ଏନ୍‌ଜିଏସ୍) ଭଳି ପ୍ରକ୍ରିୟା ଯାହାକି ହେମାଟୋଲୋଜି, ଅଙ୍କୋଲୋଜି ଏବଂ ଅନ୍ୟାନ୍ୟ ରୋଗ କ୍ଷେତ୍ରରେ ରୋଗୀ ସେବାର ମେରୁଦଣ୍ଡ ପାଲଟିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ।କର୍କଟ ରୋଗର ପରୀକ୍ଷଣ, ପୂର୍ବାନୁମାନ ଏବଂ ଚିକିତ୍ସା ବିଷୟରେ ନିଷ୍ପତି ନେବା ଦିଗରେ ମଲିକ୍ୟୁଲାର ହେମାଟୋଲଜି ଅନେକ ସହାୟକ ହେଉଛି ବୋଲି ହେମାଟୋଲୋଜି ରିସର୍ଚ୍ଚ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ପ୍ରଫେସର (ଡାକ୍ତର) ହରପ୍ରସାଦ ପତି ଏହି ସିଏମ୍‌ଇରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଥିଲେ। ଓଡ଼ିଶାର ପ୍ରାୟ ସମସ୍ତ ହସ୍ପିଟାଲ୍ ଏବଂ ଲ୍ୟାବ ଏହି ପରୀକ୍ଷା




ନିମନ୍ତେ ଓଡ଼ିଶା ବାହାରର ଲ୍ୟାବରେ ସହାୟତା ନିଆଯାଉଥିବା ବେଳେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ହେଉଛି ରାଜ୍ୟର ପ୍ରଥମ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ଯେଉଁଠାରେ କି ଏନ୍‌ଜିଏସ୍ ପରୀକ୍ଷଣ ସୁବିଧା ବର୍ତ୍ତମାନ ଉପଲବ୍ଧ ଅଟେ। ମଲିକ୍ୟୁଲାର ଏବଂ ଜେନୋମିକ୍ସ ପରୀକ୍ଷଣ ଖୁବ୍ ଜଟିଳ ଏବଂ ଏଥିପାଇଁ କେବଳ ଅତ୍ୟାଧୁନିକ ଲାବୋରେଟୋରୀ ବ୍ୟବସ୍ଥା ନୁହେଁ ବରଂ ସ୍ୱତନ୍ତ୍ର ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କର ଆବଶ୍ୟକତା ରହିଛି। ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଯନ୍ତ୍ର ଦ୍ୱାରା ସ୍ୱାସ୍ଥ୍ୟସେବା ଏବଂ ଗବେଷଣା କ୍ଷେତ୍ରରେ ଚିକିତ୍ସା ନିମନ୍ତେ ଲାଭଜନକ ହେବ ବୋଲି ବକ୍ତାମାନେ କହିଛନ୍ତି। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ସୋଆର ଏକ ପ୍ରମୁଖ ଅଂଗ ହୋଇଥିବା ବେଳେ ଏହାର ମେଡିକାଲ୍ କଲେଜର ଏକାଡେମିକ ବ୍ୟବସ୍ଥା ଖୁବ୍ ଉନ୍ନତ ଯାହାର ସୁବିଧା ଜନସାଧାରଣ ଅନେକ ମାତ୍ରାରେ ପାଇପାରୁଛନ୍ତି। ଆୟୋଜିତ ସିଏମ୍‌ଇ ହେଉଛି ଏହି ଶିକ୍ଷାନୁଷ୍ଠାନର ଶୈକ୍ଷିକ ଉତ୍କର୍ଷତାର ପ୍ରମାଣ ବୋଲି ପ୍ରଫେସର ପତି କହିଛନ୍ତି।

ଏହି ଅବସରରେ ହସ୍ପିଟାଲ୍‌ର ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର କହିଥିଲେ ଯେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମାଇଲ ଖୁଂଟ ପାଲଟିଥିବା ଏହି ହସ୍ପିଟାଲ୍ ହେଉଛି ପ୍ରଥମ ଅନୁଷ୍ଠାନ ଯେଉଁଠାରେ କି ଚିମେରିକ ଆଂଟିଜେନ୍ ରିସେପ୍ଟର-ଟି ସେଲ (କାର-ଟି ସେଲ) ଥେରାପି ବ୍ୟବହାର କରି ଜଣେ ଯୁବ ରକ୍ତକର୍କଟ ରୋଗୀଙ୍କର ସଫଳ ଚିକିତ୍ସା ହୋଇପାରିଛି। ହସ୍ପିଟାଲରେ ଏପର୍ଯ୍ୟନ୍ତ ୭୦ ରୁ ଊର୍ଦ୍ଧ୍ୱ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଂଟେସନ୍ (ବିଏମ୍‌ଟି) ସଫଳତାର ସହ ହୋଇପାରିଛି ବୋଲି ସେ କହିଥିଲେ।

ହସ୍ପିଟାଲ୍‌ର କ୍ଲିନିକାଲ୍ ହେମାଟୋଲୋଜିର ମୁଖ୍ୟ ଡାକ୍ତର ପ୍ରିୟଙ୍କା ସାମଲ କହିଥିଲେ ଯେ ସଂପୃକ୍ତ ରୋଗୀଙ୍କୁ କାର-ଟି ସେଲ୍ ଚିକିତ୍ସା ଉପଲବ୍ଧ କରିବା କ୍ଷେତ୍ରରେ ହସ୍ପିଟାଲ୍‌ର ସମସ୍ତ ବିଭାଗର ସହଯୋଗ ମିଳିଥିଲା। ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପ୍ରତ୍ୟେକ ଦିନ ଆମକୁ କିଛି କିଛି ନୂତନ ଶିକ୍ଷା ମିଳୁଛି ବୋଲି ସେ କହିଥିଲେ।

# ଭାରତରେ ଗଣତନ୍ତ୍ର ଦୁର୍ବଳ !

ଗଣତନ୍ତ୍ରର ତୃଣମୂଳ ସ୍ତର ଅର୍ଥାତ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ମଧ୍ୟ ଜନତା ସେମାନଙ୍କ ପ୍ରତିନିଧି ଚୟନ କରନ୍ତି। ଦେଶରେ ବିକାଶମୂଳକ କାର୍ଯ୍ୟ ଏବଂ ଜନକଲ୍ୟାଣକାରୀ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଏହିମାନଙ୍କ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ପାଇଁ ଭାରତୀୟ ଗଣତନ୍ତ୍ରର ଭିତ୍ତି ଆଜି ମଜବୁତ। କିନ୍ତୁ ଅନେକ ସମୟରେ ନିର୍ବାଚିତ ଜନ ପ୍ରତିନିଧିମାନେ ଜନତାଙ୍କ ଇଚ୍ଛା ବିରୋଧରେ ବା ସେମାନଙ୍କ ରାୟ ବିରୋଧରେ କାର୍ଯ୍ୟ କରିବାର ଦେଖାଯାଏ। ଉଦାହରଣ ସ୍ୱରୂପ ୨୦୧୯ରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ରାଜ୍ୟବାସୀ ଏନଡିଏ ସପକ୍ଷରେ ବା ବିଜେପି-ଶିବସେନା ମେଣ୍ଟ ସପକ୍ଷରେ ସ୍ପଷ୍ଟ ରାୟ ଦେଇଥିଲେ। କିନ୍ତୁ ନିର୍ବାଚେନ ପରେ ଶିବସେନା ମେଣ୍ଟରୁ ଓହରି କଂଗ୍ରେସ ଓ ଏନସିପି ସହ ହାତ ମିଳାଇଲା। କ୍ଷମତା ପାଇଁ ଉଦ୍ଧବ ଠାକରେଙ୍କ ନେତୃତ୍ୱରେ ଶିବସେନା ଜନତାଙ୍କ ରାୟ ବିରୋଧରେ କାର୍ଯ୍ୟ କଲା। ଯଦି ଏନଡିଏରୁ ଓହରିବାର ଥିଲା ତେବେ ନିର୍ବାଚନ ପୂର୍ବରୁ ଏହା ମେଣ୍ଟ ଭାଙ୍ଗି କଂଗ୍ରେସ ସହ ହାତ ମିଳାଇଥାଇ ପାରିଥାଆନ୍ତା। ଜନତା ଯାହା ନିଷ୍ପତ୍ତି ନେଇଥାଆନ୍ତେ। କିନ୍ତୁ ନିର୍ବାଚନ ପରେ ଜନତାଙ୍କ ରାୟ ବିରୋଧରେ କାର୍ଯ୍ୟ କରିବା ଗଣତନ୍ତ୍ର ପ୍ରତି ଚରମ ଅବମାନନା। ଏବେ ନିକଟରେ ବିଜେଡି ଏବଂ ୱାଇଏସଆର କଂଗ୍ରେସର କେତେକ ରାଜ୍ୟସଭା ସଦସ୍ୟ ଦଳରୁ ଏବଂ ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି। ସେମାନେ ରାଜ୍ୟରେ କ୍ଷମତାସୀନ ଦଳରେ ସାମିଲ ହୋଇ ପୁଣି ପରୋକ୍ଷ ନିର୍ବାଚନ ମାଧ୍ୟମରେ ରାଜ୍ୟସଭାକୁ ନିର୍ବାଚିତ ହେବେ। ଏହା ବି ଜନାଦେଶର ଅପହରଣ। ନିକଟରେ ବିଜେଡିର ଜଣେ ନେତା କହିଛନ୍ତି ଯେ, ବିଜେପିର କିଛି ବିଧାୟକ ଦଳରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇପାରନ୍ତି। ବିଜେଡି ସେମାନଙ୍କୁ ନେଇ କଂଗ୍ରେସ ସହିତ ରାଜ୍ୟରେ ସରକାର ଗଠନ କରିପାରେ। ସେହିପରି ବିଜେଡି ଓ ବିଜେପିର ଦୁଇଜଣ ନେତା ଶୀଘ୍ର ରାଜ୍ୟରେ ବଡ଼ ଧମାକା ହେବ ବୋଲି କହିଛନ୍ତି। ସେମାନେ ପରୋକ୍ଷରେ ଇଙ୍ଗିତ ଦେଇଛନ୍ତି ଯେ, ପରସ୍ପର ବିରୋଧୀ ଦଳର କିଛି ନେତା ନିଜ ନିଜ ଦଳରୁ ଇସ୍ତଫା ଦେଇ ପାରନ୍ତି। ବିଜେପି ଦାବି କରିଛି ଯେ, ବିଜେଡିର ଅନେକ ଟାଣୁଆ ନେତା ଦଳରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହେବେ। ବିଜେଡି ନେତା ଦାବି କରିଛନ୍ତି ଯେ, ବିଜେପିର କିଛି ବିଧାୟକ ଏବଂ ଅନ୍ୟ ନେତା ନିଜ ଦଳରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହେବେ। ବାସ୍ତବରେ କିଏ ସତ କହୁଛି , କେଉଁ ଦଳରେ ବିସ୍ଫୋରଣ ନା ସେପରି କିଛି ହେବ ନାହିଁ ତାହା ସମୟ କହିବ। କିନ୍ତୁ ରାଜ୍ୟରେ ଏଭଳି ଦଳବଦଳ ପ୍ରକ୍ରିୟା ଚାଲିଛି। ଅନେକ ପୌର ଏବଂ ପଞ୍ଚାୟତ ପ୍ରତିନିଧିମାନେ ଦଳ ବଦଳ କରିଛନ୍ତି। ଅନାସ୍ଥା ପ୍ରସ୍ତବରେ ଅନେକ ପଦଚ୍ୟୁତ ହୋଇଛନ୍ତି। ଏହି ପ୍ରକ୍ରିୟା ଅତୀତରେ ଚାଲିଥିଲା, ଏବେ ବି ଚାଲିଛି। ଏଭଳି ଅନୈତିକ ପ୍ରକ୍ରିୟାରେ ସବୁ ଦଳର ନେତା ସାମିଲ। ଏହି କାରଣରୁ ଭାରତରେ ଗଣତନ୍ତ୍ର ଦୁର୍ବଳ ହେଉଛି, ଭଲ ଲୋକଙ୍କର ନେତା ଏବଂ ସେମାନଙ୍କ ନୀତି ପ୍ରତି ଆସ୍ଥା ରହୁନି। ଭାରତରେ ଏଭଳି ଦଳବଦଳ ପ୍ରକ୍ରିୟା ଷାଠିଏ ଏବଂ ସତୁରୀ ଦଶକରେ ଇନ୍ଦିରା ଗାନ୍ଧୀଙ୍କ ସମୟରୁ ଆରମ୍ଭ ହୋଇଛି। କଳେ ବଳେ କୌଶଳେ କ୍ଷମତା ଅକ୍ତିଆର କରିବା, ପ୍ରତିପକ୍ଷ ଦଳକୁ ଭାଙ୍ଗି ଦୁର୍ବଳ କରିଦେବାଥିଲା ଇନ୍ଦିରାଙ୍କ ନୀତି। ଏଥିରେ ସେ ସଫଳ ହୋଇଥିଲେ ମଧ୍ୟ। କିନ୍ତୁ ଏହା ଦ୍ୱାରା ଦେଶର ଅଶେଷ କ୍ଷତି ସାଧନ ହୋଇଛି। ଭାରତୀୟ ଗଣତନ୍ତ୍ର ପଙ୍କିଳ ହୋଇଛି। ଯୁଦ୍ଧ ଏବଂ ପ୍ରେମରେ ସବୁ କିଛି ଗ୍ରହଣୀୟ ବୋଲି କୁହାଯାଏ।

# ମାଟି, କୃଷି ଓ ଚାଷୀ

॥ ଡି ଶୁଭମ୍ ॥

ସାମ୍ପ୍ରତିକ ସମୟର ବାସ୍ତବ ଚିତ୍ରକୁ ଯଦି ଲକ୍ଷ୍ୟ କରାଯାଏ ଚାଷୀର ମନ କଥା ବୁଝିବାକୁ ଆଜି ଯାଏଁ ବି କେହି ସମର୍ଥ ନୁହନ୍ତି। ଏକ ନିରୀହ ଚାହାଣିରେ ସେ ଅସୁମାରୀ ଲୋକଙ୍କ ମନରେ ଫୁଟାଇ ପାରେ ଅଫୁରନ୍ତ ହସ। ସେଇଥି ପାଇଁ ତ ସେ ମହାନ। ସରକାର ସବୁବେଳେ ଚାଷୀଙ୍କୁ ନିଜ ଫୋକସ୍‌ରେ ରଖିଥାନ୍ତି। ଏକଥା ସତ। କିନ୍ତୁ ସେସବୁ ଯେ ସତରେ କେତେଦୂର ଗ୍ରହଣୀୟ ସେକଥା କେବଳ ନିଜେ ଚାଷୀଟିଏ ହିଁ କହିପାରିବ।

ତିନି ବର୍ଷ ତଳେ ଯେତେବେଳେ କୃଷି ସ୍ନାତକରେ ଚତୁର୍ଥ ବର୍ଷରେ ପଢୁଥିଲି, କୃଷି ପ୍ରଶିକ୍ଷଣ ଦେବା ପାଇଁ ଅନେକ ଗାଁକୁ ଯାଉଥିଲି । ମନରେ ତ ଭୟ ଥିଲା ନିଶ୍ଚୟ। ଚାରି ବର୍ଷର ପାଠପଢ଼ାକୁ ମୁଁ ସେମାନଙ୍କୁ କହିବାକୁ ଯାଉଛି, ହେଲେ ସେମାନେ ତ ତିରିଶ ବର୍ଷ ହେବ ସେଇ ମାଟି ସହ ଜଡ଼ିତ ହୋଇ ଅଛନ୍ତି। ସେଇଥି ଘର , ସେଇଠି ସ୍ୱର୍ଗ। ସେମାନଙ୍କୁ ବି ଆମେ କଣ ପ୍ରଶିକ୍ଷଣ ଦେବୁ। କିନ୍ତୁ ଯେତେବେଳେ ସେ ଚାଷୀଙ୍କ ସହ ବହୁ ପାଖରୁ ମିଶିବାର ସୁଯୋଗ ମିଳିଲା ସେତେବେଳେ ପ୍ରଶିକ୍ଷଣ କମ୍ ଆଉ ଆଳାପ ବେଶୀ ହେଲା। ଅର୍ଥାତ ଏଇ ଚାରି ଘଣ୍ଟାର ପ୍ରଶିକ୍ଷଣ ସମୟ ଭିତରେ ଆମେ ସମସ୍ତେ ଆମ ଜୀବନର ଅନେକ ପୁରୁଣା କଥା ସାଉଁଟି ବସୁ। ସେ ମୁହୂର୍ତ୍ତ ସତରେ ସ୍ମରଣୀୟ। ନିଜେ ଜାଣିବାକୁ ଚେଷ୍ଟା କଲି ସତରେ ଏ ଚାଷରେ ଅଛି କଣ ?

ଆଉ ସେହିଠାରେ ଜାଣିବାକୁ ପାଇଲି ଏବେର ଆଧୁନିକ ଯୁଗରେ ଲୋକ ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି। ଆଉ ମୁଁ ତ ଏହାର ଭୁକ୍ତଭୋଗୀ। ପ୍ରଥମ ବର୍ଷ ଯେବେ କୃଷି ପାଠ୍ୟକ୍ରମରେ ନାଁ ଲେଖାଇଲି , କେତେ କଥା ଗାଁରେ। ପୁଅ ଚାଷ କରିବ ବଡ଼ ହୋଇ , ଆମ ବିଲ ଖାଲି ଅଛି.ଆସିବୁ ପାଠ ପଢ଼ି। ଏମିତି ଅନେକ। ସେତେବେଳେ ତ କିଛି ବୁଝିପାରି ନଥିଲି। କେବଳ ଏତିକି ମନେ ହେଲା ଯେ ସତରେ କଣ ଚାଷ ଏତେ ଖରାପ? ଲୋକ କଣ ପାଇଁ ଏ ପାଠ ପଢ଼ିଲା ବେଳକୁ ଏମିତି କଥା କହୁଛନ୍ତି। ଯଦି କେଉଁ ପିଲା ମେଡ଼ିକାଲ କି ଇଂଜିନିୟରିଂ ପଢୁଛି , କି ଆଇନ ପାଠ ପଢୁଛି ସେବେ ବାହାବାହା ଦେଲା ବେଳକୁ ଏ ପାଠରେ ଏତେ କୁଣ୍ଠାବୋଧ କଣ ପାଇଁ। ଅନ୍ୟପକ୍ଷରେ ସରକାର କୃଷିକୁ ଯଥୋଚିତ ଗୁରୁତ୍ୱ ଦେଉଥିଲା ବେଳେ ଲୋକେ କଣ ପାଇଁ କୃଷି ଶିକ୍ଷାକୁ ନାକ ଟେକୁଛନ୍ତି। ସେ ଯାହା ବି ହେଉ ଏବେ ମୋର ଚାରି ବର୍ଷର କୃଷି ସ୍ନାତକ ଶେଷ ହୋଇଯାଇଛି। ଅନେକ କିଛି ଶିଖିଛି। ଅନେକ ଚାଷୀଙ୍କ ସହ ମିଶିଛି। ଆଉ ମୋ ମତରେ କୃଷି ପାଠ୍ୟକ୍ରମ ମୋ ପାଇଁ ସବୁକିଛି। ଜୀବନର ପ୍ରକୃତ ରହସ୍ୟକୁ ଖୋଜି ଆଣିବାରେ ଏହା ମୋତେ ବାଟ ଦେଖାଇଛି। ଯେତେବେଳେ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳେ, ସେମାନେ ନିଜ ଚାଷବାସର କଥାକୁ ବେଶ ନିଖୁଣ ଭାବେ କହିଚାଲନ୍ତି , ତାହାକୁ ଶୁଣି ଆଖିରୁ ଲୁହ ଆସିଯାଏ। ମନେ ମନେ ଭାବିଲି, ଆମେ ବଡ଼ ଚାକିରୀ ପାଇଁ କେତେ ଲୋଭ କରୁଛନ୍ତି , ବର୍ଷରେ ଚାକିରିର ପ୍ୟାକେଜ କେତେ ଅଛି ପ୍ରଥମେ ଦେଖୁଛନ୍ତି କିନ୍ତୁ ଏମାନଙ୍କ କଥା ଭାବିଲେ। ନା ପ୍ୟାକେଜ , ନା ହାକିମ ହେବାର ଇଚ୍ଛା। ସବୁକିଛି ଏମାନଙ୍କ ଆଗରେ ତୁଚ୍ଛ। ବାସ ଚାଷ ଜମିରେ କେଇ ଘଣ୍ଟା ବିତାଇଦେଲେ ସେମାନଙ୍କର ଆତ୍ମତୃପ୍ତି ମିଳିଯାଏ। କିନ୍ତୁ ଯଦି ଚାଷୀମାନଙ୍କୁ ହିଁ ଅଣଦେଖା କରାଯାଏ , ଏହାଠୁ ବଡ଼ ଦୁଃଖର ବିଷୟ କିଛି ନାହିଁ। ମାଟି କୃଷିର ଏନ୍ତୁଡିଶାଳ। ମୁଦ୍ରାର ଦୁଇପାର୍ଶ୍ୱ ପରି ଉଭୟେ ଅଙ୍ଗାଅଙ୍ଗୀ ଭାବେ ଜଡିତ। ଜଣକ ବିନା ଅନ୍ୟଟି ନିରୁପାୟ। ମାଟି ଉପରେ ହିଁ ଚାଷ କରେ କୃଷକ। ବିପିତ ବିହନ ଗଜାମେଲେ, କର୍ଷଣରେ ଭରିଦିଏ କୃଷକ। ସବୁର ଆଧାର ମାଟି। ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାପାଇଁ ମଣିଷ କ'ଣ ବା ନକରୁଛି? ମାଟି ବୋଲି ଗୋଟିଏ ଶବ୍ଦ ଅଛି ବୋଲି ବି ଆଜି ସେ ଭୁଲିଯାଇଛି। ଜୀବନରେ ସଂଜ୍ଞା ବଦଳିଛି ସତ ଆଉ ତାଭିତରେ ମାଟିର ସଂଜ୍ଞା ଆଜି ଅସ୍ଥିର ପ୍ରାୟ।

କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ଚୂଲିମୁଣ୍ଡକୁ ଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ସହିତ ମଣିଷ ଏବେ କୃଷି ପାଇଁ ଜଙ୍ଗଲ କ୍ଷୟ କରୁଛି। ଯେଉଁ ଚେର ଦିନେ ମାଟିର ଭିତରକୁ ଜାବୁଡି ଧରିଥିଲା, ଆଜି ସେ ନିରୁପାୟ ଶ୍ରୀହୀନ। ମାଟି ଫାଟି ଆଁ କରୁଛି ତ୍ରାହି ତ୍ରାହି ଚିତ୍କାର କରୁଛି। ସମ୍ପ୍ରତି ଭାରତ ବର୍ଷରେ ୧୪୭ ମିଲିୟନ ହେକ୍ଟରର ମୃତ୍ତିକା କ୍ଷୟ ହୋଇସାରିଛି। ସେମଧ୍ୟରୁ ୯୪ ମିଲିୟନ ହେକ୍ଟର ଜଳ ପ୍ରଦୂଷଣ, ୧୬ ମିଲିୟନ ହେକ୍ଟର ବନ୍ୟା, ୯ ମିଲିୟନ ହେକ୍ଟର ବାୟୁ ପ୍ରଦୂଷଣ ଆଉ ୭ ମିଲିୟନ ହେକ୍ଟର ଅନ୍ୟାନ୍ୟ କାରଣ ଯୋଗୁଁ ହେଉଛି। ତେବେ ଯଦି ଏମିତି ପରିମାଣରେ ମୃତ୍ତିକା କ୍ଷୟ ହୁଏ ତେବେ ୨୦୨୫ ବେଳକୁ କୃଷି ପାଇଁ ଜମି ନଥିବ। ସେତେବେଳେ ମଣିଷ କରିବ କ'ଣ? ଯଦି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଏମିତି କରିବାପାଇଁ ପଛାଉନାହିଁ, ତେବେ ଟିକେ ଭାବନ୍ତୁନା ଆଉ କିଛି ଦିନପରେ ଅବସ୍ଥା କ'ଣ ହେବ?

ବ୍ୟବହୃତ ରାସାୟନିକ ସାରର ଅଧିକାଂଶ ମଣିଷ ଖାଦ୍ୟ ଭାବେ ଗ୍ରହଣ କରୁଛି। ଏହା ଜାଣି ବି ସବୁ ଅଜଣା। ତେବେ ମୃତ୍ତିକା ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ ହେଉଛି ସତ ସବୁ କାଗଜ କଲମରେ ରହିଯାଉଛି। କୃଷି ଓ କୃଷକଙ୍କ ପାଇଁ ସରକାର ଯୋଜନା ପ୍ରଣୟନ କରୁଛଁି। ଏହାକୁ କାର୍ଯ୍ୟକାରୀ ବି କରୁଛନ୍ତି। ନିକଟରେ ଜଳସେଚନ ପାଇଁ ସୌର ଜଳନିଧି ଯୋଜନା ଆରମ୍ଭ ହେଲା। ପରନ୍ତୁ ଦୁଃଖର ବିଷୟ ମୃତ୍ତିକା ସଂରକ୍ଷଣ ପାଇଁ ସେମିତି କିଛି ଯୋଜନା ପ୍ରଣୟନ ହେଉନି। ଆଜିବି ଅନେକଙ୍କ ଅଜ୍ଞାତ ଦ୍ୱାରରେ ବିଶ୍ୱ ମୃତ୍ତିକା ଦିବସ। କେତକ କୃଷି ଛାତ୍ର, ବୈଜ୍ଞାନିକ ଆଉ ଅଫିସରଙ୍କୁ ଛାଡିଦେଲେ ବୋଧହୁଏ ଆଉ କେହି ଶୁଣିବି ନଥିବେ। ତେବେ କୃଷି ପାଇଁ ମାଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେକଥା ଜମିରେ ଝାଳ ବୁହାଇଥିବା ଚାଷୀ ଭାଇଟିଏ ଜାଣିଛି। ହେଲେ ବିଳାସବ୍ୟସନରେ ଜୀବନ ନିଭାଉଥିବା ମଣିଷ ଜାଣିନି। ମୋ ଲେଖିବାର ଅଭିପ୍ରାୟ ମୁଁ ନିଜେ କୃଷି ସ୍ନାତକ ଅଧ୍ୟୟନରତ। ପରନ୍ତୁ ଦୁଃଖର ବିଷୟ ବିଶ୍ୱ ମୃତ୍ତିକା ଦିବସ ଖାଲି ଦିବସରେ ରହିଯାଉଛି।

ମୃତ୍ତିକା ସଂରକ୍ଷଣ ପାଇଁ ନୂତନବନୀକରଣ, ଜୈବିକ କୃଷି, ଜୈବିକ ଖତ ଯଥା (ଜୀବାମୃତ, ପଞ୍ଚଗବ୍ୟ, ଦଶଗବ୍ୟ, ଅମୃତପାଣି)ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ମିତ୍ରକୀଟ ସଂଖ୍ୟା ବଢାଇବା ସହ ପାରମ୍ପରିକ ପଦ୍ଧତିରେ ରାସାୟନିକ ସାରର ବ୍ୟବହାରକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଉଛି। ନିକଟରେ ୨୫ରୁ ଅଧିକ କୀଟନାଶକକୁ ଭାରତ ସରକାର ସେସବୁର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏହା ଏକ ସୁଦୂରପ୍ରସାରୀ ପଦକ୍ଷେପ କହିଲେ ଭୁଲ ହେବନାହିଁ। ଏସବୁ କୀଟନାଶକ ବଦଳରେ ଯଦି ଘରୋଇ ଉପାୟରେ କୀଟନାଶକ ପ୍ରସ୍ତୁତ କରି (ନିମ୍ବପତ୍ରର ରସ)କୁ ବ୍ୟବହାର କରାଯାଆନ୍ତା, ସୁଫଳ ମିଳିବାଟା ଥୟ।

ସମୟ ଆସିଛି ଚାଷୀଙ୍କ କଥାକୁ ଗୁରୁତ୍ୱ ଦେବାର। ଚାଷକୁ ଭଲପାଇବାର ।। ନାକ ଟେକିବାନି ବରଂ ନିଜେ ଚାଷ ଓ ଚାଷୀର ଗହନ କଥାକୁ ଅନୁକରଣ କରିବା। କୃଷି ପାଠ୍ୟକ୍ରମକୁ ବି ସମ୍ମାନ ଦେବା। ଆମ ଚାଷୀ ଆମ ଦେଶର ବଳ। ଆମ ଶକ୍ତି ଆଉ ଚେତନାର ପରିମାପକ। ଆମ ସଂସ୍କୃତିର ମୂଳାଧାର। ସେ ଚାଷୀକୁଳକୁ ମୋର କୋଟି ନମନ ...

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର)

କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢ଼ି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢ଼ିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ଚୂଲିମୁଣ୍ଡକୁ ଗଲାଣି।

# କୁଟୀର ଚାଳଘରୁ କୋଠାଘର

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଚାଳଘର ବିଭିନ୍ନ ପ୍ରକାରର ଥିଲା। ଚାଳିଆ ଯାହା ଚାଳିଆ ମଉଜମରା ଚାଳିଆ, ଯଜ୍ଞ ଚାଳିଆ ଏ ଶ୍ରେଣୀ ଆ ଛୋଟ ପଞ୍ଜରା ଚାଳଘର, ତ୍ରିଶ୍ରେଣୀୟ ଓ ୧ ଶ୍ରେଣୀୟ ବଡ଼ ପଞ୍ଜରା ଚାଳଘର, ପୁଣି ଝାଟିମାଟି ଚାଳଘର ଏମିତି ସବୁ ନଡ଼ାଛପର ଘର ଧାନ ଚାଷ ଅଞ୍ଚଳରେ ହେଉଥିଲା ଧାନ କଟା ଦୁଇ ପ୍ରକାରର ହୁଏ ମୂଳକାଟ ଓ ଦ୍ୱିକଟ ଛୋଟ ଧାନ ଗୁଡ଼ିକ ମୂଳକାଟ ଓ ବଡ଼ ବଡ଼ ଡେଙ୍ଗା ଧାନ ଗଛ ଦ୍ୱିକାଟ ହୁଏ। ମୂଳକାଟ ବିଡ଼ା ବାନ୍ଧି ଘରକୁ ଆଣିବା ପରେ ତାକୁ ବାଡ଼େଇ ଧାନ ଅମଳ କରାଯାଏ ବା ବେଙ୍ଗଳା ପକାଇ ଧାନ ଅମଳ ପରେ କୁଟା ଗୁଡ଼ିକୁ ଅଲଗା କରାଯାଏ କୁଟା। ଘର ଛପରରେ ପ୍ରାୟ ଲାଗେ ନାହିଁ। ଦ୍ୱିକାଟ ଛଣ ଓ ଧାନ କେଣ୍ଡା ସଂଲଗ୍ନ ହଳା ଅଲଗା କରାଯାଏ ହଳା ବେଙ୍ଗଳା ପକାଇ କୁଟା ଓ ଧାନରେ ପରିଣତ ହୁଏ ମାତ୍ର ଛଣ ସବୁ ଚାଳଘର ଛାଉଣୀ ପାଇଁ ଲାଗେ। ଉଦବୃତ୍ତ ଛଣ ଓ କୁଟା ଗୋଖାଦ୍ୟକୁ ଲାଗିଥାଏ।

ଶ୍ରୀରାମ ତାଙ୍କ ଭାଇ ଓ ସ୍ତ୍ରୀଙ୍କ ସହିତ ପଞ୍ଚବଟୀରେ ବାସ ବେଳେ ପର୍ଣ୍ଣକୁଟୀରରେ ବାସ କରୁଥିଲେ। ପର୍ଣ୍ଣମାନେ ହିଁ ପତର ଗଛ ପତ୍ରରେ ଗୃହ ଛପର କରି ତହିଁରେ ବାସ କରୁଥିଲେ। ଅନେକ ତାଳଗଛ ବରଡ଼ା, ନଡ଼ିଆ ପତ୍ର, ହନ୍ତାଳ ଗଛ ପତ୍ରରେ ଗୃହଛାଦନବା ଛାଉଣୀ ଏବେ ବି କରୁଛନ୍ତି। ଏସବୁ ପର୍ଣ୍ଣ କୁଟୀରରେ ଆସେ ଚୌଡ଼ା ଲମ୍ୱା ପତ୍ର ଗୁଡ଼ିଏ ସଂଗ୍ରହ କରି ତାକୁ ଖଞ୍ଜି ଲମ୍ୱା-ଚୌଡ଼ା ତାଟ କରି ତହିଁରେ ବି ଘର ଛାତ କରାଯାଏ। ପତ୍ର ଗୁଡ଼ିକ ମଧରେ ଶାଳ, ପିଆଶାଳ, ଶାଗୁଆନପତ୍ର, ବର, ଓସ୍ତପତ୍ର ହେଲେ ଭଲ। ପ୍ରକୃତରେ ଧାନପତ୍ର, ଗହମ ପତ୍ର, ଆଖୁପତ୍ର, ତାଳପତ୍ର, ଖଜୁରି ପତ୍ର, ଈଙ୍କର, ହୁଗୁଳା, ହେନ୍ତାଳ ଆଦି ପତ୍ରରେ ପର୍ଣ୍ଣ କୁଟୀର ତିଆରି ହୁଏ। ପତ୍ର ଗୁଡ଼ିକୁ ମୋଟେଇ ଭାବର ବିଛାଇ ବାଉଁଶ ବତା ବା ବୃକ୍ଷର ଶୁଷ୍କ ଡାଳରେ ଚପା ତଳ ଉପର କୋରଟପଟ, କଣ ଦୌଡ଼ିରେ ଭିଡ଼ି କରି ଛାତର ଧନରେ ଆଣ୍ଟିରଖିଲେ ତାହା ଖରାବର୍ଷାରୁ ଘର ଓ ଘର ଭିତରେ ଲୋକଙ୍କୁ ନିରାପଦରେ ପ୍ରାୟ ବର୍ଷେ ଦୁଇ ବର୍ଷ ରଖାଏ ପୁଣି ୧ମ ବା ୨ୟ ବର୍ଷରେ ଆଉ ଥରେ ଘର ଛାଆଣି ଆବଶ୍ୟକ ପଡ଼େ।

ଶ୍ରୀରାମ ଲକ୍ଷ୍ମଣ ଋଷି ଆଶ୍ରମରେ ପାଠପଢୁଥିଲେ। ରାଜକୁମାର ହେଲେ ବି ଆଶ୍ରମରେ ଶ୍ରମ କରି ସମସ୍ତେ ରହିବାକୁ ବାଧ୍ୟ। ଆଶ୍ରମଘର କେମିତି ନିର୍ମାଣ ହୁଏ ମରାମତି ରକ୍ଷଣାବେକ୍ଷଣା ହୁଏ ତାହା ତାଙ୍କୁ ଜ୍ଞାତ ଥିଲା। ଏ ପାଇଁ ପଞ୍ଚବଟୀ ଶ୍ରୀରାମଙ୍କ ପର୍ଣ୍ଣକୁଟୀର ଲକ୍ଷ୍ମଣଙ୍କ ଦ୍ୱାରା ସଂଗ୍ରହ ପର୍ଣ୍ଣ ଓ ଅନ୍ୟ ଉପକରଣ ଦ୍ୱାରା ଗୃହ ନିର୍ମିତ ହୋଇଥିଲା। ମନୁଷ୍ୟ ବୁଦ୍ଧି ଲଗାଇ ସମୟ ଦୃଷ୍ଟେ ସଂସ୍କାରିତ ପଥମାନ ବାହାର କରି ତୃଣ ନଡ଼ାକୁ କାମରେ ଲଗାଇ ସୁନ୍ଦର ଘର ତିଆରି ଶିକ୍ଷା କଲା ଏପାଇଁ କିଛି ସହଯୋଗୀ ଆବଶ୍ୟକ କଲା ସେତେବେଳେ ଶ୍ରମ ବିନିମୟ ସମୟ ଥିଲା ପରସ୍ପର ଶ୍ରମରେ ସହାୟ ଏକ ଜୀବନ ଶୈଳୀ ଥିଲା। ଏହି ସହଯୋଗୀ ଧାରାରେ ଏବେ କେବଳ ବନ୍ଧୁ ସଙ୍ଖୁଳା ପଡ଼ୋଶୀ ସଙ୍ଖୁଳା, ବିବାହ ବତ୍ର, ମୃତକ ଆଦି କାର୍ଯ୍ୟରେ ଅଛି। ଶ୍ରମ ସହାୟ ଧାରା ପରେ ପରେ ଦ୍ରବ୍ୟ, ଅର୍ଥ ପରିବର୍ତ୍ତନରେ ଆସିଗଲା। ଦ୍ରବ୍ୟ ପରିବର୍ତ୍ତନ ଶ୍ରମର ମୂଲ୍ୟ ସେବାର ମୂଲ୍ୟରେ ତତୁଲ୍ୟ କରାଗଲା। ଦ୍ରବ୍ୟର ମୂଲ୍ୟ ବି ଅର୍ଥରେ ଭରାଗଲା। ଏହି ଗୃହଛାଦନ କାର୍ଯ୍ୟ ପାଇଁ ମୂଲିଆଙ୍କ ଦ୍ୱାରା କରାଗଲା। ଗୃହଛାଦନ ଏକ କଳା ଓ ଅତିକଷ୍ଟକର କାର୍ଯ୍ୟ। ଖରାଦିନେ ଫେବୃଆରୀ ମାର୍ଚ୍ଚରେ ଏହି ଦିବାକାଳରେ କରାଯାଏ। ଯାହା ମୂଲିଆ ଶ୍ରମିକ କଠିନ ଖରା ଖାଇ ଏହାକୁ ଆରମ୍ଭ କରି ଶେଷ କରନ୍ତି। ଏକ ଗ୍ରାମରେ ଅନେକ ଘର ମାତ୍ର ଘର ଛାଆଣି ମୂଲିଆ ବହୁତ କମ। ଏପରି ଗୃହର କାନ୍ଥ ଦେବା କାନ୍ଥିଆ ଏତେକମ କୁହାଯାଏ। ଏସବୁ ଗୁରୁଦ୍ୱାରା ତାଲିମ ନହେଲେ ହୋଇ ହୁଏନାହିଁ। ଘର ଛାଆଣି ମୂଲିଆଙ୍କୁ ଆଗରୁ ନକହିଲେ ସେମାନେ ଛାଦନକୁ ଆସିବା ସମ୍ଭବ ପୁଣି ନୁହେଁ। ସେମାନେ ତାଙ୍କର ଜଳଖିଆ ଭୋଜନ ଗୃହ ଛାଉଣୀ ଗୃହସ୍ଥର ଗୃହରେ ଅନେକ ସମୟରେ କରିଥାନ୍ତି। ପୂର୍ବେ ଶଗଡ଼ ଥିଲା, ଗ୍ରାମାଞ୍ଚଳରୁ ଶଗଡ଼ ଶଗଡ଼ ଛଣ ରାସ୍ତାରେ ଯିବା ଦେଖା ଯାଉଥିଲା ପୁଣି କେନାଲ ନଦୀରେ ଡଙ୍ଗାରେ ଛଣ, ଦୂରସ୍ଥାନକୁ ବହନ ହେଉଥିଲା। ସେହି ଧାନଚାଷ ଜମି ଅଛି ମାତ୍ର ଛଣ ନଡ଼ା ଏବେ ଦୁଷ୍ପ୍ରାପ୍ୟ। ଶଗଡ଼ ଡଙ୍ଗାରେ ଆଉ ନଡ଼ା ବୁହାଯାଉନାହିଁ। ୧୯୯୯ ଠାରୁ ଚାଉଳ ନଡ଼ା ଛପର ଘର ଆଉ ଗ୍ରାମାଞ୍ଚଳରେ ଦିଶୁନାହିଁ। ବିଜୁବାବୁ ୧ମ ଥର ମୁଖ୍ୟମନ୍ତ୍ରୀ ବେଳେ ନଡ଼ାଘର ବହୁତ ଖରାଦିନେ ବା ଅସବଧାନରୁ ନିଆଁ ଲାଗି ଧନଜୀବନ କ୍ଷତି କରିବା ଦେଖି, ମାଟିରେ ପୋଡାଟାଇଲର ଛାତ ପାଇଁ ଶିଳ୍ପମାନ ବିଭିନ୍ନ ସ୍ଥାନରେ କରି ଗୃହାଚ୍ଛଦନ ବ୍ୟବସ୍ଥା କରିଥିଲେ। ତାଙ୍କ ବେଳେ ପ୍ରଚାର ଥିଲା ଟାଇଲ ଛପର ଘର ନିଆଁକୁ ନଥିବ ଡର। ଟାଇଲ ଖବର ପରି ଖୋଲା ଖପୁରୀ ବି ଅନେକ ହେଉଥିଲା। ପ୍ରଧାନମନ୍ତ୍ରୀ ଶାସ୍ତ୍ରୀଙ୍କ ମୂଳଘର ଏମିତି ଏକ ଖପୁରୀ ଛପର ଘର ଥିଲା। ତାହା ଉତ୍ତର ପ୍ରଦେଶର ବନାରସର ନଦୀପାର ରାମ ନଗରପଟ ବ୍ୟାସ କାଶି ପଟର ଅଞ୍ଚଳ। ବିପଦ ଏକ ଗୁରୁ। ସେ ଅନେକ ଶିକ୍ଷା ଦିଅନ୍ତି। ବିପଦ ଦୈବୀ ଦୁର୍ବିପାକରୁ ଆସେ। ବାତ୍ୟା, ମହାବାତ୍ୟା, ଏମିତି ଏକ ଏକ ଗୁରୁ, ସେ ଚାଳ, ଗୃହଛାଦନ ସମସ୍ୟା ତୁଟାଇଛି, କୋଠାଘର ଗ୍ରାମ ସହରର ସର୍ବତ୍ର ଦୃଶ୍ୟ, ବଳଦ ଚାଷୀଙ୍କର ପୋଷିବା ଦରକାର ପଡ଼ିଲା ନାହିଁ, ତାଙ୍କ କାମ ଟ୍ରାକ୍ଟର କରିଦେଉଛି। ହେଲେ ବିପତ୍ତି ବି ଏଥିରେ ଅଛି। ନଡାକୁଟା ସବୁ କ୍ଷେତ୍ରରେ ନିଆଁରେ ନଷ୍ଟ କରିଆଯାଯିବାରୁ ବାୟୁ ମଣ୍ଡଳ ପ୍ରଦୂଷଣ ହେଉଛି। ଗୋବର ଅଭାବରୁ ଜୈବିକ ଖତ ସାର କମିଯାଉଛି। ଆଜି ଦିଲ୍ଲୀ ପ୍ରଦୂଷଣର ମୁଖ୍ୟ କାରଣ। ଦିଲ୍ଲୀ ଉପକଣ୍ଠ ହରିୟାଣାର ଗହମ କ୍ଷେତ୍ରରେ ଗହମ ଚାଷ ପରେ ଗହମ ନଡ଼ାରେ ଅଗ୍ନି ସଂଯୋଗ। ମହାଭାରତ ଯୁଗରେ ହସ୍ତିନା ଏଇ ଦିଲ୍ଲୀନଗରୀ। ହସ୍ତିନାରେ ତତ୍କାଳ ରାଜ କରୁଥିବା ଦୁର୍ଯ୍ୟୋଧନ ପାଣ୍ଡବଙ୍କୁ ପାଞ୍ଚ ଖଣ୍ଡି ପଡ଼ା ରାଜ୍ୟ ଦେବାକୁ ତାଙ୍କର ସଚିବ ମନ୍ତ୍ରୀ ପରାମର୍ଶରେ ମନା କରିଥିଲେ ଏଇ ପାଞ୍ଚ ଖଣ୍ଡି ପଡ଼ା ରାଜ୍ୟ ହସ୍ତୀନା ସୀମାନ୍ତ ବର୍ତ୍ତମାନ ହରିୟାନାର ସୋନପତ ପାନିପଥ ପରି ସ୍ଥାନ। ସେତେବେଳେ ପରିକଳ୍ପନା ଏବେ ଗ୍ରହଣ କରାଯାଉନାହିଁ। ସବୁ ବଦଳେ, ସ୍ଥାନ ନାମ ବଦଳେ, ରାଜତନ୍ତ୍ର ବଦଳେ, ହେଲେ ଜଳବାୟୁ ପାଣି ପବନର ଧାରା କମ ବଦଳେ। ପବନକୁ କିଏ ରୋକିପାରେ, ଏଇ ପବନ ହିଁ ପ୍ରଦୂଷଣ ଗନ୍ଧାଦି ସ୍ଥାନାନ୍ତର କରାଏ। ଜନ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ରାସ୍ତାଘାଟ, ଯାନ ସଂଖ୍ୟା ବଢୁଛି କୋଠାଘର ମାଳ ମାଳ, ବୃକ୍ଷଲତା କମିଛି। ଏଥିରେ ଧୂଆଁ ଧୂଳି ପ୍ରଦୂଷଣ କି କ୍ଷତି ନକରାଉଛି? ସଂସ୍କାର, ସଂହାର ପରେ କରିବାକଥା ସମୂହ ସମସ୍ୟାର ସମ୍ଭାବନାକୁ ସଂସ୍କାର ଦ୍ୱାରା ମୁକାବିଲା କରାଯାଏ ଏଥିପାଇଁ ଜନତାଙ୍କର ସହଯୋଗ ରାଜଚେଷ୍ଟା ଓ କାନୁନ ଶାସ୍ତ୍ରମାର୍ଗ ଓ ଅଭିଜ୍ଞଙ୍କ ପରାମର୍ଶ ନିହାତି ଆବଶ୍ୟକ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ
ଦୂରଭାଷ : ୯୪୩୭୦୩୧୨୫୩

# ଜନନାୟକ ନୀଳମଣି ରାଉତରାୟ

॥ ବାଦଲ ଭୂୟାଁ ॥

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଶାର ରାଜନୀତି କ୍ଷେତ୍ରରେ ସକ୍ରିୟ ମଙ୍ଗୁଆଳ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଏବଂ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଲକ୍ଷ୍ୟ ସ୍ଥଳୀରେ ପହଞ୍ଚାଇବା ପାଇଁ ନିଷ୍ପାପର ଉଦ୍ୟମ କରିଥିବା ରାଜନେତାଙ୍କ ମଧ୍ୟରେ ନୀଳମଣି ରାଉତରାୟ ଅନ୍ୟତମ। ଓଡ଼ିଶା ତଥା ଓଡ଼ିଆ ଜାତିର ସେବା ଥିଲା, ତାଙ୍କ ଜୀବନର ଏକମାତ୍ର ବ୍ରତ। ସେ କୌଣସି ସମୟରେ ମେଧାବୀ ଛାତ୍ର ନଥିଲେ। ରେଭେନ୍ସା କଲେଜରୁ ବହିଷ୍କୃତ ହୋଇଥିବା ପ୍ରଥମ ଛାତ୍ର ହେଉଛନ୍ତି ନୀଳମଣି ରାଉତରାୟ। ତାଙ୍କୁ ବହିଷ୍କାର କଲାବେଳେ



ରାଭେନ୍‌ସାର ତତ୍‌କାଳୀନ ଅଧକ୍ଷ ଡ.ପ୍ରାଣକୃଷ୍ଣ ପରିଜା ତାଙ୍କ ଚରିତ୍ର ସାର୍ଟିଫିକେଟରେ ଲେଖିଥିଲେ ନୀଳମଣି ଚାରି ବର୍ଷର ଛାତ୍ର ଜୀବନରେ ଧ୍ୱଂସମୂଳକ କାର୍ଯ୍ୟକ୍ରମ ଦ୍ୱାରା କଲେଜକୁ ଏକ ମରୁଭୂମିରେ ପରିଣତ କରିଦେଇଥିଲେ ଏବଂ ଏ ପ୍ରକାର ଛାତ୍ରକୁ ନେଇ ପୃଥିବୀର କୌଣସି ଶିକ୍ଷାନୁଷ୍ଠାନ ଚାଲିପାରିବ ନାହିଁ। ଏପରି ନକାରାତ୍ମକ ଟିପ୍ପଣୀ ସତ୍ତ୍ୱେ ସେ କଲକାତାର ବିଦ୍ୟାସାଗର କଲେଜରୁ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ। ବିଦ୍ୟାସାଗର କଲେଜରେ ଭର୍ତ୍ତି କରାଇବାରେ ସାହାଯ୍ୟ କରିଥିଲେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ। ପରବର୍ତ୍ତୀ କାଳରେ ଆଇନ ଓ ରାଜନୀତି ବିଜ୍ଞାନରେ ଏମ୍‌ଏ ପଢ଼ିବା ପାଇଁ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। ସେଠାରେ ମଧ ଆନ୍ଦୋଳନାତ୍ମକ କାର୍ଯ୍ୟରେ ମାତ୍ରାଧିକ ସଂପୃକ୍ତି ଯୋଗୁଁ ବହିଷ୍କୃତ ହୋଇଥିଲେ। ଘଟନାକ୍ରମେ ସେ କଲକାତା ବିଶ୍ୱବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରି, କଟକ ଫେରିଥିଲେ ଏବଂ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ପ୍ରଜାତନ୍ତ୍ରର ସେ ଥିଲେ ପ୍ରଥମ ମୁଖ୍ୟ ପରିଚାଳକ। ଏହି ଖବରକାଗଜର ପ୍ରଚାର ପ୍ରସାର ପାଇଁ ବହୁ ଉଦ୍ୟମ କରିଥିଲେ। ନୀଳମଣିଙ୍କ ସଂପର୍କରେ ଏକ ଉଲ୍ଲେଖନୀୟ କଥା ହେଉଛି, ରାଜନୈତିକ ଜୀବନର ପ୍ରଥମ ବିଧାନସଭା ନିର୍ବାଚନ ତାଙ୍କୁ ଲଢ଼ିବାକୁ ପଡ଼ି ନଥିଲା। ତାଙ୍କ ବିରୋଧରେ କେହି ପ୍ରାର୍ଥୀ ପତ୍ର ଦାଖଲ ନକରିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ୧୨ ଜୁଲାଇ ୧୯୪୮ ରେ ବିଧାନସଭାର ସଦସ୍ୟ ଭାବେ ଶପଥ ଗ୍ରହଣ କରିଥିଲେ। ୧୯୫୨ରେ ନବକୃଷ୍ଣ ଚୌଧୁରୀ ମନ୍ତ୍ରିମଣ୍ଡଳରେ ସେ ଥିଲେ ଘରୋଇ ବିଭାଗର ଉପମନ୍ତ୍ରୀ; ତତ୍କାଳୀନ କନିଷ୍ଠତମ। ନାନା ବିବାଦୀୟ ପରିସ୍ଥିତିରେ ସକ୍ରିୟ ରାଜନୀତିରୁ ଅବସର ନେବା ପରେ ବନ୍ଧୁ ଓ ଶୁଭକାଂକ୍ଷୀଙ୍କ ଅନୁରୋଧ ଏଡ଼ାଇ ନ ପାରି ନୀଳମଣି ଆତ୍ମଚରିତ ରଚନାରେ ମନ ଦେଇଥିଲେ। ତାଙ୍କ ଆତ୍ମଚରିତ ସ୍ମୃତି ଓ ଅନୁଭୂତିକୁ କେହି କେହି ଓଡ଼ିଶାବାସୀଙ୍କୁ ନୀଳମଣିଙ୍କର ସର୍ବଶ୍ରେଷ୍ଠ ଅବଦାନ ବୋଲି କହନ୍ତି। ତାଙ୍କ ଆତ୍ମଚରିତ ସଂପର୍କରେ ସେ ନିଜେ ଲେଖିଛନ୍ତି... 'ଏହା ମୋର ଜୀବନ ବୃତ୍ତାନ୍ତ ନୁହେଁ, ଐତିହାସିକ ପ୍ରବାହର ଏକ କ୍ରମିକ ବିବରଣୀ ମଧ ନୁହେଁ। ଏହା କେବଳ ମୋର ସ୍ମୃତି ଓ ଅନୁଭୂତିର ବୃତ୍ତାନ୍ତ'। ୧୯୨୦ମେ ଆଜିର ଦିନରେ ତିହିଡ଼ି ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଜନ୍ମ ହୋଇଥିଲେ, ଓଡ଼ିଶାର ଏହି ପୂର୍ବତନ ମୁଖ୍ୟମନ୍ତ୍ରୀ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

*ବହୁ ଚର୍ଚ୍ଚିତ ପ୍ରତାପ ପୋଲାଇ ହତ୍ୟାକାଣ୍ଡ*

## ୧୬ଜଣ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଆ।ସିକା,୨୭।୧୦ (ମହାଭାରତ):** ବହୁ ଚର୍ଚ୍ଚିତ ପ୍ରତାପ ପୋଲାଇ ହତ୍ୟାକାଣ୍ଡ ଘଟଣାରେ ୧୬ଅଭିଯୁକ୍ତଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ଆ।ସିକା ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର। ପ୍ରକାଶ ଥାଉକି ମୃତ ପ୍ରତାପ ପୋଲାଇଙ୍କ ସ୍ତ୍ରୀ ବବିତା ପୋଲାଇଙ୍କ ପକ୍ଷରୁ ଦିଆଯାଇଥିବା ଅଭିଯୋଗ ପ୍ରକାରେ ୦୬/୧୧/୨୦୧୭ ମସିହାରେ ସନ୍ଧ୍ୟା ୮ଘଣ୍ଟ ସମୟରେ ପ୍ରତାପ ପୋଲାଇ ଏକ ଘରୋଇ ବସ୍‌ରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ କରଞ୍ଜେଇ ନିକଟରେ ୩ଜଣ ଦୁର୍ବୃତ୍ତ ବସ୍ ମଧ୍ୟରେ ପଶି ତାଙ୍କୁ ଅତି ନିକଟରୁ ଗୁଳି କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଆ।ସିକା ଓ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନତାରିତ କରାଯାଇଥିଲା ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ଘଟଣାରେ ତାଙ୍କ ସ୍ତ୍ରୀ ଆ।ସିକା ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନା କେସ ନମ୍ବର ୨୩୧/୧୭ପ୍ରକାରେ ମାମଲା ରୁଜୁ କରିଥିଲେ। ତଦନ୍ତ କାରି ଅଧିକାରୀ ଭାବେ ବାଲେଶ୍ୱର ଗିଧି ଓ ସନ୍ତୋଷ କୁମାର ଜେନା ମାମଲାର ତଦନ୍ତ କରି ୪୪ଜଣ ସାକ୍ଷ ପ୍ରମାଣ କୁ ଆ।ଧାର କରି ୧୬ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲେ। ଆ।ଜି ଏହି ଘଟଣା ରେ ଆ।ସିକା ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର ୨୨ଜଣ ସାକ୍ଷ ଙ୍କ ବୟାନ କୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ଅଭାବରୁ ଉକ୍ତ ୧୬ ଙ୍କୁ ନିର୍ଦୋଷ ଖଲାସ କରିଛନ୍ତି। ଖଲାସ ମାନେ ହେଲେ ରବି ନାହାକ, ସମୀର ବିଶ୍ୱାଳ, ସନ୍ତୋଷ ଦାଶ,ବିକ୍ରମ ଜେନା, ସାଇଶଙ୍କର ପୋଲାଇ, ମନୋରଞ୍ଜନ ନାହାକ, ନୀଳକଣ୍ଠ ଗୌଡ଼, କୃଷ୍ଣଚନ୍ଦ୍ର ବେହେରା, କୃଷ୍ଣପ୍ରସାଦ ନାହାକ, ଶଙ୍କର ନାହାକ, ଲମ୍ବୁ ତାରିଣୀ, ଭଗବାନ ସ୍ୱାଇଁ, ସିଲୁ ଓରଫ ଗୌତମ ପୋଲାଇ, ବାୟା ଓରଫ ପ୍ରଣବ ବିଷୋୟୀ, ଶିବରାମ ସେଠୀ, ସନ୍ତୋଷ କୁମାର ପାତ୍ର।

## ପ୍ରଧାନ ଶିକ୍ଷୟତ୍ରୀଙ୍କୁ ବଦଳି ପାଇଁ ଡିଇଓ ଦେଲେ ପ୍ରତିଶ୍ରୁତି

**ନୂଆଗାଁ,୨୭।୧୦ (ମହାଭାରତ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଜାକେଡା ଗ୍ରାମ ପଞ୍ଚାୟତ। ଏହା ଏକ ଅନୁନ୍ନତ ଗ୍ରାମ ପଞ୍ଚାୟତ । ଏଠାରେ ଅଧିକାଂଶ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଜନସାଧାରଣ ବସବାସ କରନ୍ତି ଏଠାରେ ଅଧିକାଂଶ ଲୋକ ଅଶିକ୍ଷିତ। ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗ କ୍ରମେ ଜାକେଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସିମିଳିସାହି ଠାରେ ଗଠନ ହୋଇଥିଲା। ଏହା ଏକ ଆଦିବାସୀ ଅଞ୍ଚଳ ହୋଇଥିବାରୁ ଏହାର ସୁଯୋଗ ନେଇ ଜାକେଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମିନତୀ କୁମାରୀ ତ୍ରିପାଠୀ ଓ କିରାଣୀ ରବୀନ୍ଦ୍ର କୁମାର ହୋତା ଉଭ। ସ୍ୱାମୀ, ସ୍ତ୍ରୀ ହୋଇଥିବାରୁ ସରକାରଙ୍କ ନି।ମ ଅନୁସାରେ ବିଦ୍ୟାଳୟରେ ଏକ ସାଧାରଣ ସଭା ଆୟୋଜନ କରି ପରିଚାଳନା କମିଟି ଗଠନ କରିବାର ବ୍ୟବସ୍ଥା ଥିଲା କିନ୍ତୁ ଏହାକୁ ଉଲଂଘନ କରି ପୁରୁଣା କମିଟିକୁ ହାତ ବାରିସ୍ ସଜେଇ ସ୍ୱାମୀ ରବୀନ୍ଦ୍ର କୁମାର ହୋତା ଘରକୁ ଘର ବୁଲି ଲୋକଙ୍କ ଠାରୁ ଦସ୍ତଖତ ଆଣି ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଅନିୟମିତତା କରିଛନ୍ତି ଏବଂ ପ୍ରତ୍ୟେକ ବର୍ଷ ଏସି/ଏସଟି ଛାତ୍ରଛାତ୍ରୀ ମାନଙ୍କ ପାଇଁ ସରକାରଙ୍କ ତରଫରୁ ଆସୁଥିବା ଟିଉସନ୍ ଫି ନଦେଇ ନିଜେ ହଡ଼ପ କରିଛନ୍ତି, କିରାଣୀ ନିଯୁକ୍ତିରେ ଜାଲିଆ।ତି ଓ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କ ଠାରୁ ୩୫୦ ରୁ ୫୦୦ ପର୍ଯ୍ୟନ୍ତ ମୋଟା ଅଙ୍କରେ ଅର୍ଥ ଆ।ଦାୟ କରି ଗରୀବ ପିଲାମାନଙ୍କୁ ଶୋଷଣ କରିଆ।ସୁଛନ୍ତି। ଏନେଇ ଅଭିଭାବକ ଓ ସ୍ଥାନୀୟ ଲୋକ ପ୍ରତିବାଦ କଲେ ପ୍ରଧାନ ଶିକ୍ଷୟତ୍ରୀ ଜଣେ ନାରୀ ହୋଇଥିବାରୁ ମାନହାନି ମିଥ୍ୟା କେସ ଦେଇ ଜେଲକୁ ପଠାଇବା ଦେଉଛନ୍ତି ଧମକ। ତାଙ୍କ ସ୍ୱାମୀ କିରାଣୀ ଭାବେ କାର୍ଯ୍ୟରତ ରବୀନ୍ଦ୍ର କୁମାର ହୋତା ମଧ୍ୟ ସମାନ କଥା କୁହନ୍ତି ତୁମେ ଜିଲ୍ଲାପାଳଙ୍କ ଠାରୁ ଆ।ରମ୍ଭ କରି ଜିଲ୍ଲା ଶିକ୍ଷା ଅଧିକାରୀ, ନେତା ଠାରୁ ମନ୍ତ୍ରୀ ,ବିଧା।କ ପର୍ଯ୍ୟନ୍ତ ଯେତେ ଗୁହାରି କଲେ ମଧ୍ୟ ଆ।ମର କିଏ କଣ ତାଡ଼ିବ ଆ।ମେ ଦେଖିବୁ ଏଭଳି ସ୍ଥାନୀୟ ଲୋକଙ୍କୁ ଦେଉଛନ୍ତି ଧମକ । ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟରେ ବିଦ୍ୟାଳୟକୁ ଯାଉନଥିବା କହିଛନ୍ତି। ଏପରିକି ଅଧିକାଂଶ ପିଲାମାନେ ଭୟରେ ବିଦ୍ୟାଳୟକୁ ଯାଉନଥିବା ଶୁଣିବାକୁ ମିଳିଛି। ଯେଉଁ ମହ ଉଦ୍ଦେଶ୍ୟ ନେଇ ବିଦ୍ୟାଳୟ ଗଠନ କରାଯାଇଥିଲା ତାହାର ସଫଳ ରୂପାୟନ ହୋଇ ପାରୁନଥିବା ଗ୍ରାମବାସୀ କହିଛନ୍ତି। ଯାହାଦ୍ୱାରା ଉଭୟ ସ୍ୱାମୀ, ସ୍ତ୍ରୀ ମିଳିମିଶି ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ ରହି ନିଜର ସାମ୍ରାଜ୍ୟ ବିସ୍ତାର କରି ଚଳାଉଛନ୍ତି ଆତଙ୍କ ରାଜ ଏଭଳି ସୂଚନା ଦେଇଛନ୍ତି ଖୋଦ୍ ସ୍ଥାନୀୟବାସୀ। ଏଭଳି ମନମୁଖୀ କାର୍ଯ୍ୟ କରୁଥିବା ଜାକେଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମିନତୀ କୁମାରୀ ତ୍ରିପାଠୀଙ୍କୁ ତୁରନ୍ତ ଅନ୍ୟତ୍ର ଡେପୁଟେସେନ୍ ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ନୟାଗଡ଼ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ସହିତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଏବଂ ଶିକ୍ଷା ସଚ୍ଚିବ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଭୁବନେଶ୍ୱର ସହ ମାନ୍ୟବର ବିଧାୟକ ଦଶପଲ୍ଲାଙ୍କୁ ଗତ ସେପ୍ଟେମ୍ବର ୬ ତାରିଖ ଠାରୁ ଲିଖିତ ଅଭିଯୋଗ ପତ୍ର ଦେଇଥିଲେ । କିନ୍ତୁ ଜିଲ୍ଲା ପ୍ରଶାସନଙ୍କ ଅପାରଗତା ଯୋଗୁଁ ଆ।ଜି ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ପ୍ରତି କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏନେଇ ସ୍ଥାନୀୟ ଆଦିବାସୀ ଲୋକେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କୁ ଦେଢମାସ ରୁ ଉର୍ଦ୍ଧ୍ୱ ମଧ୍ୟରେ ୪ ରୁ ୫ ଥର ଭେଟି ଆ।ଲୋଚନା କରିଥିଲେ ମଧ କୌଣସି ଫଳପ୍ରଦ ହୋଇନଥିଲା। ଯାହାଫଳରେ ସ୍ଥାନୀୟ ଲୋକେ ବିରକ୍ତି ପ୍ରକାଶ କରିଥିଲେ। ପରେ ପ୍ରଧାନ ଶିକ୍ଷୟତ୍ରୀ ମିନତୀ କୁମାରୀ ତ୍ରିପାଠୀଙ୍କୁ ତଦନ୍ତ ପରେ ଡେପୁଟେସେନ୍ କରାଯିବ ବୋଲି ଡିଇଓ ରାଜଶ୍ରୀ ପଟ୍ଟନାୟକ ସ୍ଥାନୀୟଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଡ଼ିଇଓଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ୨୩ ତାରିଖରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ନିରଞ୍ଜନ ଜୟସିଂହ ଓ ନୂଆଗାଁ ବିଇଓ ପ୍ରଶାନ୍ତ କୁମାର ସାହୁ ଏବିଓ ଜ୍ୟୋସ୍ନାରାଣୀ ସେଠୀ ଉକ୍ତ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ।

## ଦୁଷ୍କର୍ମ ଅଭିଯୋଗରେ ଅରକ୍ଷିତ ଗିରଫ

**ବରୀ,୨୭।୧୦ (ମହାଭାରତ):** ଯାଜପୁର ଜିଲ୍ଲା ବରୀ କଳାମାଟିଆ ଅଂଚଳରେ ଘଟିଛି ଅଭାବନିୟ ଘଟଣା। ନେଉଳ ଦେଖାଇବାକୁ ଡାକି ନେଇ ୮ ବର୍ଷର ନାବାଳିକାକୁ ଦୁଷ୍କର୍ମ କରିଥିବା ବରୀ ଥାନାରେ ଅଭିଯୋଗ। ସେଦିନ ଥିବା ୨୩ ତାରିଖ ସମୟ ୪ ଟା ପ୍ରାୟ, ଜେଜ ବାପା ପାଖରେ ଶୋଇଥିବା ୮ ବର୍ଷର କୁନି ଝିଅଟି ସାଙ୍ଗ ମାନଙ୍କ ସହ ଖେଳିବା ପାଇଁ ଘରୁ ବାହାରି ଆସିଥିଲା। ଆଉ ସେହି ସମୟରେ ସେହି ଗ୍ରାମର ଘର ପାଖର ୫୮ ବର୍ଷର ଅରକ୍ଷିତ ପରିଡା ଓରଫ କାଳିଆର ପାପ ଆଖି ପଡିଥିଲା କୁନି ଝିଅ; ଉପରେ ନେଉଳ ଛୁଆ ଦେଖେଇବା ପାଇଁ ଡାକି ନେଇଥିଲା ବାଡି ଭିତରକୁ । ପାଟିରେ ହାତ ଦେଇ ଦୁଷ୍କର୍ମ କରିଥିବା ଯାହା ଅଭିଯୋଗ ହୋଇଛି। ଦୁଷ୍କର୍ମ କରିବା ସହ ଯଦି କାହାକୁ କହିବୁ ନାବାଳିକାକୁ ଜୀବନରୁ ମାରି ଦେବା ପାଇଁ ମଧ ଧମକ ଦେଇଥିଲା। ପରେ କୁନି ଝିଅଟି ରକ୍ତାକ୍ତ ଅବସ୍ଥାରେ ଘରେ ପହଂଚି କାନ୍ଦି କାନ୍ଦି କିଛି କହିବା ପୂର୍ବରୁ ଅଚେତ ହୋଇ ପଡିଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଦେଖି ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଂଚିବା ପରେ ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକ ଏସ ସି ବି ଗାଇନିଂ ୱାଡ ର ଆଇ ସି ୟୁ ରେ ଭର୍ତି କରାଯିବା ପରେ ଡାକ୍ତର ଓ ନାବାଳିକା ଠାରୁ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ପରିବାର ଲୋକେ ଜାଣିଥିଲେ। ପରେ ପରିବାର ଲୋକେ ରାମଚନ୍ଦ୍ରପୁର ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଆଧାର କରି ବରୀ ପୋଲିସ୍ ତଦନ୍ତ ଆରମ୍ଭ କରି ପ୍ରଥମେ ପରିବାର ଲୋକଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ କାଳିଆ ପରିଡା ପୋଲିସ୍ କୁ ଚକ୍ମା ଦେଇ ଫେରାର ହୋଇଯାଇଥିଲା। ବହୁ ଖୋଜା ଖୋଜି ପରେ ଗତ କାଲି ବିଳମ୍ବିତ ରାତିରେ ଦାଣ୍ଡି ସାହି ଅଂଚଳରୁ ମୁଖ୍ୟ ଅଭିଯୁକ୍ତ ଅରକ୍ଷିତ ପରିଡା ଓରଫ କାଳିଆକୁ ବରୀ ପୋଲିସ ଗିରଫ କରିବା ସହ ତାକୁ ଲୁଚିବାରେ ସାହାର୍ଯ୍ୟ କରିଥିବା ସହଯୋଗି ୧୦ ଜଣଙ୍କୁ ବରୀ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି।

## ପ୍ରେମିକକୁ ଗଛରେ ବାନ୍ଧି ଯୁବତୀକୁ ଗଣଦୁଷ୍କର୍ମ

**ଭାପୁର,୨୭।୧୦ (ମହାଭାରତ):** ନା।ଗଡ ଫତେଗଡ଼ ଥାନା ଅଞ୍ଚଳରେରେ ଚାଞ୍ଚଲ୍ୟ। ପ୍ରେମିକକୁ ଗଛରେ ବାନ୍ଧି ଯୁବତୀକୁ ଗଣଦୁଷ୍କର୍ମ। ଏଭଳି ଲଜ୍ୟା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଅଞ୍ଚଳରେ ଏହି ଲଜ୍ୟା ଜନକ ଘଟଣା ନୟାଗଡ଼କୁ ପୁଣି ନିନ୍ଦିତ କରିଛି। ଜଙ୍ଗଲ ଭିତରେ ପ୍ରେମିକକୁ ମାଡମାରି ପ୍ରେମିକାକୁ ଗଣଦୁଷ୍କର୍ମ କରି ତାଙ୍କର ଅଶ୍ଳୀଳ ଭିଡିଓ କରି ତାକୁ ଭାଇରାଲ କରିବା ମାମଲାରେ ତିନିଜଣ ଯୁବକ ଙ୍କୁ ପ୍ରଥମେ ଫତେଗଡ ଥାନା ପୁଲିସ ଅଟକ ତଦନ୍ତ ଆରମ୍ଭ କଲା।

ଘଟଣାରୁ ପ୍ରକାଶ ଯେ ଗତ ରବିବାର ( ଅକ୍ଟୋବର ୨୦ ତାରିଖ ) ଜଣେ ୨୧ ବର୍ଷି। ଯୁବତୀ ତାଙ୍କ ପୁରୁଷ ବନ୍ଧୁ ସହିତ ଦ୍ୱିତୀୟ ଅଯୋଧ୍ୟା କୁହାଯାଉଥିବା ଫତେଗଡ ଶ୍ରୀରାମ ମନ୍ଦିରକୁ ଆ।ସିଥିଲେ। ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିସାରି ବାଇକରେ ସନ୍ଧ୍ୟା ସାଢ଼େ ୬ଟା ବେଳେ ଫେରୁଥିଲେ। ଏହି ସମୟରେ ପିଠାଖାଇ ଜଙ୍ଗଲ ରାସ୍ତାରେ ୩ଜଣ ଯୁବକ ପ୍ରେମୀଯୁଗଳଙ୍କୁ ଅଟକାଇଥିଲେ। ଛୁରୀ ଦେଖାଇ ଭୟଭୀତ କରି ପ୍ରେମୀ ଯୁଗଳଙ୍କୁ ଜଙ୍ଗଲ ଭିତରକୁ ନେଇଯାଇ ପ୍ରବଳ ମାଡମାରି ପ୍ରେମିକାକୁ ଗଛରେ ବାନ୍ଧି ଦେଇଥିଲେ। ଏହାପରେ ଯୁବତୀଙ୍କ ପୋଷାକ ଖୋଲି ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିବା ସହ ମୋବାଇଲରେ ଦୁଷ୍କର୍ମ ବେଳର ଭିଡିଓ ଉତ୍ତୋଳନ କରିଥିଲେ।

ପ୍ରାୟ ୬ ଟି ଭିଡିଓ କରିଛନ୍ତି ଅଭିଯୁକ୍ତ ମାନେ। ଜୋର ଜବରଦସ୍ତ ଜଣକ ପରେ ଜଣେ ଗଣଦୁଷ୍କର୍ମ କରି ଅଭିଯୁକ୍ତ ମାନେ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିବା ଅଭିଯୋଗ ହୋଇଛି। ଏହାପରେ ଯୁବକ ଯୁବତୀଙ୍କ ଠାରୁ ୪ ହଜାର ୮ ଶହ ଟଙ୍କା ଛଡ଼ାଇ ନେଇ ଘଟଣାସ୍ଥଳରୁ ପଳାଇଥିଲେ। ପୁଣି ଅଭିଯୁକ୍ତମାନେ ଯୁବତୀଙ୍କୁ ଦୁଷ୍କର୍ମ ପାଇଁ ଧମକ ଦେବା ସହ ନଆସିଲେ ସୁଟିଂ କରିଥିବା ଭିଡିଓ ଭାଇରାଲ ପାଇଁ ଧମକ ଦେଇଥିଲେ। ଯୁବତୀ ଜଣକ ରାଜି ନ ହେବାରୁ ଭିଡିଓକୁ ମୋବାଇଲରୁ ମୋବାଇଲକୁ ଭାଇରାଲ କରିଥିଲେ। ପରେ ଏହା ସୋସିଆଲ ମିଡିଆରେ ବ୍ୟାପିବାରେ ଲାଗିଲା।

ପୀଡ଼ିତା ଯୁବତୀ ଜଣଙ୍କ ଏହି ଘଟଣା ଜାଣିବା ପରେ ଭୁବନେଶ୍ୱର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଫତେଗଡ ଥାନା ପୁଲିସ ଏଭଳି ସମ୍ବେଦନଶୀଳ ଘଟଣାକୁ ଗୁରୁତର ଭାବେ ନେଇ କେସ ନଂ ୨୭୬/୨୪ ମାମଲା ରୁଜୁ କରି ତଦନ୍ତ ଆ।ରମ୍ଭ କରିଥିଲା। ଏହି ଘଟଣାରେ ଫତେଗଡ ଥାନା ପୁଲିସ ପିଠାଖାଇ ଗାଁର ବୁଲୁ ଲେଙ୍କା, ଭାପୁର ଗ୍ରାମର କାହ୍ନା ପ୍ରଧାନ ଓ ସିଟୁ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ୩ ମୋବାଇଲ ଫୋନ୍ ସହ ଗୋଟିଏ ଛୁରୀ ଜବତ କରିଛି ପୁଲିସ।

## ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜନଶୁଣାଣୀ

**କଣିହାଁ,୨୭।୧୦ (ମହାଭାରତ):** ଅନୁଗୁଳ ଜିଲ୍ଲା କଣିହାଁ ପଞ୍ଚାୟତ ସମିତିର ପବିତ୍ର ମୋହନ ସଭାଗୃହରେ ଶୁକ୍ରବାର, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନ ଶୁଣାଣି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ। ରାମକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ କରିଥିବା ବେଳେ ବିଡିଓ ଦେବଦତ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଲିଳ କୁମାର ସ୍ୱାଇଁ ସମାଜିକ ସମୀକ୍ଷକ ପିତାମ୍ବର ଦେହୁରୀ ଏପିଓ ଦିପ୍ତି ରେଖା ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ବିଭିନ୍ନ ପଞ୍ଚାୟତ ର ଜନପ୍ରତିନିଧି ପ୍ରମୁ ଓ ଜବ କାର୍ଡ଼ ଧାରୀ ଉପସ୍ଥିତ ଥିଲେ । କଣିହାଁ ବ୍ଲକ ର ୨୭ ଟି ପଞ୍ଚାୟତରେ ୧୪ ହଜାର ୬୦୩ ଜଣ ଜବ କାର୍ଡ ଧାରୀ ପୁଞ୍ଜି କୃତ କରିଛନ୍ତି । ଏଥି ମଧ୍ୟରୁ ୮୭୩୯ ପରିବାରଙ୍କୁ କର୍ମ ନିଯୁକ୍ତି ପାଇଁ ୨୦୨୩ ଓ ୨୦୨୪ ଆର୍ଥିକ ବର୍ଷରର ୨ୟ ପର୍ଯ୍ୟାୟରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୩୨୦ ଟି ପ୍ରକଳ୍ପ ମଧ୍ୟରୁ ୬୮୦ ଟି ପ୍ରକଳ୍ପ ର କାର୍ଯ୍ୟ ସଂମ୍ପୂର୍ଣ୍ଣ ପାଇଁ ୧୧ କୋଟି ୯୪ ଲକ୍ଷ ୯୦ ହଜାର ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇ ଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୦ କୋଟି ୨୫ ଲକ୍ଷ ୯୨ ହଜାର ଟଙ୍କା ଖର୍ଚ୍ଚ କରିଥିବା ବେଳେ ବ୍ଲକର ଲାଇନ ଡିପାର୍ଟମେଣ୍ଟରେ ୧ କୋଟି ୬୯ ହଜାର ୨୮ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ନେଇ ସୂଚନା ଦେଇଥିଲେ। ୬୬୦ ଟି ପରିବାରକୁ ବାର୍ଷିକ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୦୦ ଦିନର କାର୍ଯ୍ୟ ପ୍ରଦାନ କରାଯାଇ ଥିବା ନେଇ ଜଣ ଶୁଣାଣୀ ରେ ସୂଚନା ପ୍ରଦାନ କରିଥିଲେ।

## କପ୍ତିପଦାରେ ବାତ୍ୟା ପରବର୍ତ୍ତୀ ସମୀକ୍ଷା କଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ

**ଉଦଳା,୨୭।୧୦ (ମହାଭାରତ):** କପ୍ତିପଦା ଉପଖଣ୍ଡରେ ବାତ୍ୟା (ଦାନା)ର ମୁକାବିଲା ପାଇଁ ନିଆ।ଯାଇଥିବା ପଦକ୍ଷେପ ଏବଂ କ୍ଷ।କ୍ଷତିର ଆକଳନ ପାଇଁ ଓଡ଼ିଶା ସରକାରଙ୍କ ମାନ୍ୟବର ଗୃହ ଓ ନଗର ଉନ୍ନ।ନ ମନ୍ତ୍ରୀ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳ କପ୍ତିପଦା ଉଦଳାଙ୍କ କାର୍ଯ୍ୟାଳ। ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢ଼େଇ, ଏନ୍.ଏ.ସି. ଅଧକ୍ଷା ପ୍ରମିଳା ପଣ୍ଡା, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍, ପ୍ରକଳ୍ପ ପ୍ରଶାସକ ଆ।ଇଟିଡ଼ିଏ଼ ନରେନ୍ଦ୍ର କୁମାର ଖମାରୀ, ଉପଖଣ୍ଡ ଆ।ରକ୍ଷୀ ଅଧୀକ୍ଷକ ସାର୍ଥକ ରା।, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରାମଚନ୍ଦ୍ର ସୋରେନ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଉପଖଣ୍ଡର ଚାରିଗୋଟି ବ୍ଲକ୍ର ପ୍ରଶାସନିକ ଅଧିକାରୀ ତଥା ବାତ୍ୟା ମୁକାବିଲା ସଂପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, ନିର୍ବାଚିତ ଜନ ପ୍ରତିନିଧି ଓ ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ସର୍ବପ୍ରଥମେ ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ବାତ୍ୟା ମୁକାବିଲା ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପ ଓ କ୍ଷୟକ୍ଷତିର ଆନୁମାନିକ ଆକଳନ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ମୁକାବିଲା ପାଇଁ ପଦକ୍ଷେପ ସଦୃଶ ଚାରିଗୋଟି ବ୍ଲକ୍ ଏବଂ ଉଦଳା ଏନ୍.ଏ.ସି. ତରଫରୁ ସର୍ବମୋଟ ୧୮୪ ଗୋଟି ଅସ୍ଥାୟୀ ବାତ୍ୟା ଆ।ଶ୍ରୟ ସ୍ଥଳର ବନ୍ଦୋବସ୍ତ କରାଯାଇ ସମୁଦାୟ ୩୯୩୮୦ ଜଣଙ୍କୁ ବାତ୍ୟା ଆ।ଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇ ସେଠାରେ ଜେନେରେଟର ଏବଂ ପିଇବା ପାଣି ବ୍ୟବସ୍ଥା କରିବା ସହିତ ସୁଖିଲା ଖାଦ୍ୟ ଏବଂ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା । ଉପଖଣ୍ଡ ପ୍ରଶାସନ ତରଫରୁ ୮ ଗୋଟି ମେଡ଼ିକାଲ ଟିମ୍, ୪ ଗୋଟି ଭେଟନାରୀ ଟିମ୍, ଦୁଇଗୋଟି ଓଡ୍ରାଫ ଟିମ୍, ୫ ଗୋଟି ଅଗ୍ନିଶମ ଦଳ ଏବଂ ୨ ଗୋଟି ଜରୁରୀ ସେବା ଦଳର ବ୍ୟବସ୍ଥା କରାଯାଇଥିଲା । କ୍ଷୟକ୍ଷତି ମଧ୍ୟରେ ଉଦଳାରେ ଦୁଇଗୋଟି କଚା ଗୃହ ଏବଂ ଗୋଟିଏ ପକ୍କା ଗୃହ, କପ୍ତିପଦାରେ ୫୩ ଗୋଟି କଚା ଗୃହ ଏବଂ ୫ ଗୋଟି ଗୁହାଳ, ଗୋପବନ୍ଧୁନଗରରେ ୧୪ ଗୋଟି କଚା ଗୃହ, ଏବଂ ୩ ଗୋଟି ଗୁହାଳ ତଥା ଖୁଣ୍ଟାରେ ୪୫ ଟି କଚା ଗୃହ ବାତ୍ୟାରେ କ୍ଷୟକ୍ଷତି ହେବା ସହିତ ସମସ୍ତଙ୍କୁ ପଲିଥିନ ଯୋଗାଇ ଦିଆ।ଯାଇଥିବାର ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ଜଣାଇଥିଲେ । ଧାନ ଏବଂ ଅଣଧାନ ଚାଷ ହୋଇଥିବା ଉଦଳା ବ୍ଲକ୍ର ୧୨୦୦ ହେକ୍ଟର ଧାନ, ୩୦ ହେକ୍ଟର ଅଣଧାନ, କପ୍ତିପଦା ବ୍ଲକ୍ରେ ୧୫୦୩ ହେକ୍ଟର ଧାନ ଏବଂ ୭୬ ହେକ୍ଟର ଅଣଧାନ, ଗୋପବନ୍ଧୁ ନଗରରେ ୧୩୫ ହେକ୍ଟର ଧାନ ଏବଂ ୬୫ ହେକ୍ଟର ଅଣଧାନ, ଖୁଣ୍ଟା ବ୍ଲକ୍ରେ ୫୩ ହେକ୍ଟର ଧାନ ଫସଲ ନଷ୍ଟ ହୋଇଥିବା ପ୍ରାଥମିକ ଆ।କଳନ କରିଥିବାର ସଂପୃକ୍ତ ବ୍ଲକ୍ର ବିଭାଗୀୟ ଅଧିକାରୀ ମାନେ ପ୍ରକାଶ କରିଥିଲେ।

## ବିଡ଼ିଓଙ୍କୁ ଘେରିଲେ ଜନପ୍ରତିନିଧି

**ନୂଆଗାଁ,୨୭।୧୦ (ମହାଭାରତ):** ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍‌ର ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ମାନେ ଏକାଠି ହୋଇ ବିଭିନ୍ନ ସମସ୍ୟା ନେଇ ନୂଆଗାଁ ବ୍ଲକ୍ ବିଡ଼ିଓ ବାସୁଦେବ ନା।କଙ୍କୁ ତାଙ୍କ କାର୍ଯ୍ୟାଳୟରେ ଘେରାଉ କରିଥିଲେ। ବିଡ଼ିଓ ବାସୁଦେବ ନାୟକ ମନମୁଖୀ କାର୍ଯ୍ୟ କରୁଥିବା ପ୍ରତିବାଦରେ ୨୨ଟି ପଞ୍ଚାୟତର ଜନପ୍ରତିନିଧି ମାନେ ବିଡ଼ିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଡ଼ିଓଙ୍କୁ ଭେଟି ପୂର୍ବ ସରକାର ସମୟରେ ଆସିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବନ୍ଦ ହେବା ସହ ବ୍ଲକ୍ ପରିସରରେ ଅଚିହ୍ନା ବ୍ୟକ୍ତିଙ୍କର ଜଡ଼ିତ ହେବ ଏବଂ କାର୍ଯ୍ୟାଳୟ ଭିତରେ ବହୁ ଅନୈତିକ କାର୍ଯ୍ୟ ହେଉଛି ବୋଲି ବିଡ଼ିଓଙ୍କୁ ପ୍ରଶ୍ନ କରିଥିଲେ। କିନ୍ତୁ ବିଡ଼ିଓ ବାତ୍ୟା 'ଦାନା' ପାଇଁ ମୋ ପାଖରେ ସମୟ ନାହିଁ କହିଥିଲେ। ଏନେଇ ଆସନ୍ତା ୨୭ ତାରିଖରେ ବିଭିନ୍ନ ସମସ୍ୟା ବିଷ।ରେ ଆଲୋଚନା କରିବା ବୋଲି କହି ନିଜ ଚୌକି ଛାଡ଼ି ଚାଲିଯାଇଥିଲେ। ଯାହାଫଳରେ ଜନପ୍ରତିନିଧି ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଏହି ସମ୍ପର୍କରେ ଜନପ୍ରତିନିଧି ମାନେ କହିବା ମୁତାବକ ଯେ ବିଡ଼ିଓ ଆ।ମଙ୍କୁ ଅଣଦେଖା କରି ଚାଲିଯିବା ଏକ ନିନ୍ଦନୀୟ ଘଟଣା ଯାହାକି ଆ।ମ୍ଭ ମାନଙ୍କୁ ଆ।ଘାତ ଲାଗିଲା ବୋଲି ମତପ୍ରକାଶ କରିଛନ୍ତି। ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହିତ ବିଡ଼ିଓଙ୍କ ଏଭଳି ମନମୁଖୀ କାର୍ଯ୍ୟ ଲାଗି ଆଗାମୀ ଦିନରେ ରାଜରାସ୍ତାକୁ ଓଲ୍ହାଇ ତୀବ୍ରତର ବିରୋଧ କରାଯିବ ବୋଲି ଜନପ୍ରତିନିଧି ସୂଚନା ଦେଇଛନ୍ତି କ୍ଷ ଏ ସମ୍ପର୍କରେ ବିଡ଼ିଓ ବାସୁଦେବ ନା।କ କୁହନ୍ତି ଯେ ସେମାନେ ଆ।ଣିଥିବା ଅଭିଯୋଗ ଭିତ୍ତିହୀନ ।

## ଅପହରଣ ଘଟଣାରେ ଅଭିଯୁକ୍ତ ଅଟକ

**କଣହାଁ,୨୭।୧୦ (ମହାଭାରତ):** କଣିହାଁ ବ୍ଲକ ଡେରଙ୍ଗ ସ୍ଥିତ ଜେଆଇଟିପିଏଲ ବିଦ୍ୟୁତ ପ୍ରକଳ୍ପ ରେ ଠିକା ଶ୍ରମିକ ଭାବେ ଛେଣ୍ଡିପଦା ଥାନା ଅଞ୍ଚଳର ହରିବେରଣୀ ଗ୍ରାମର ରଙ୍ଗେଇ ବେହେରା (୪୨) ମା'ଙ୍କ ସହିତ ତାଙ୍କ ଝିଅ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସକାଳ ଠାରୁ କେହି ଜଣେ ଅଜଣା ବ୍ୟକ୍ତି ଅପହରଣ କରିଥିବା ନେଇ କଣିହାଁ ଥାନାରେ ତାଙ୍କ ମା' ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କଣିହାଁ ପୋଲିସ ଥାନା ପା।ରୁ ୩୬୭/୨୪ ରେ ମାମଲା ରୁଜୁ ତଦନ୍ତ ଜାରି ରଖିଥିବା ବେଳେ କୌଣସି ସୂତ୍ରରୁ ସୂଚନା ପାଇଁ ଅପହୃତ ହୋଇଥିବା ନାବାଳିକା ସହିତ ଅପହରଣ କରି ଥିବା ଅଭିଯୁକ୍ତ କୁ କଣିହାଁ ବସଷ୍ଟାଣ୍ଡ ରୁ କଣିହାଁ ପୋଲିସ ଉଦ୍ଧାର କରି ଥିଲେ । ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରି ପୋଲିସ ତଦନ୍ତ ଜାରି ରୁଖିଛି।

*ଖୁସି ହଜିଯାଇଛି କୁମ୍ଭାର ପରିବାରରେ*

## ବିକ୍ରୀ ହେଉନାହିଁ ମାଟି ଦୀପ ଓ ସାମଗ୍ରୀ

**କୋକସରା,୨୭।୧୦ (ମହାଭାରତ):** ଆଗକୁ ଦିପାବଳୀ ଥିବାରୁ କୋକସରା ବ୍ଲକର ବିଭିନ୍ନ ଗ୍ରାମରେ ବସବାସ କରୁଥିବା କୁମ୍ଭକାର ପରିବାର ମାଟି ଦୀପ ଓ ସାମଗ୍ରୀ ତିଆରି କରି ବେଶ ଦିପଇସା ରୋଜଗାର କରିବା ନେଇ ଆଶା ବାନ୍ଧିଛନ୍ତି। ହେଲେ ବଜାରରେ ମିଳୁଥିବା ଅନେକ ପ୍ରକାରର ଲାଇଟ୍ ଓ ଦୀପ ଅତି କମ୍ ଦରରେ ମିଳୁଥିବାରୁ ମାଟି ଦୀପକୁ ନେବା ପାଇଁ ଗ୍ରାହକ ମୁହଁ ମୋଡ଼ି ଦେଇଛନ୍ତି। ଫଳରେ କାଁ ଭାଁ ମାଟି ଦୀପ ବିକ୍ରୀ ଯୋଗୁଁ କୁମ୍ଭକାର ପରିବାରର ଖୁସି ମଉଳି ଯାଇଛି। ପୂର୍ବରୁ ମାଟି ତିଆରି ସାମଗ୍ରୀ ପୂଜାପାଠ ଠାରୁ ଆରମ୍ଭ କରି ବିବାହ ବ୍ରତ ଭଳି ଘରେ ଘରେ ଚାହିଦା ରହିଥିଲା। କ୍ରମେକ୍ରମେ ଧାତୁରେ ତିଆରୀ ସାମଗ୍ରୀ ଗୁଡିକ ବହୁଳ ମାତ୍ରାରେ ବଜାର କୁ ପ୍ରବେଶ କରିବା ଦ୍ୱାରା ମାଟି ତିଆରି ସାମଗ୍ରୀର ଚାହିଦା କମିବାରେ ଲାଗିଛି। ମାଟି କାରୀଗରମାନଙ୍କୁ ସରକାରୀ ପ୍ରୋତ୍ସାହନ ଓ ବଜାର ବ୍ୟବସ୍ଥା ମିଳୁ ନଥିବାରୁ ଅବହେଳିତ ଅବସ୍ଥାରେ ଜୀବନ ଜୀବିକା କରି ପଡି ରହିଛନ୍ତି। ପିଢ଼ି ପରେ ପିଢ଼ି ମାଟି ସାମଗ୍ରୀ ତିଆରି କରି ଆସୁଥିବା କୁମ୍ଭକାର ପରିବାରର ଲୋକେ ତଥାପି ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି। ଆଗକୁ ଦୀପାବଳୀ ରହିଥିବାବେଳେ କୋକସରା ବ୍ଲକର ମାଝିଗୁଡା, ଫୁପଗାଁ, କାଶୀବାହାଲ, ମୋଟେର, ଭୁର୍ଷାଗୁଡା, ଆଁଏଲି ଓ କାଉଡୋଲା ଆଦି ଗ୍ରାମରେ ବସବାସ କରୁଥିବା କୁମ୍ଭକାର ମାନେ ସମସ୍ତ ପ୍ରକାରର ମାଟି ସାମଗ୍ରୀ ସହ ଦୀପ ତିଆରି କରି ଘରେ ବସିଥିବା ବେଳେ ଦୀପ ନେବା ପାଇଁ କାଁ ଭାଁ ଗ୍ରାହକ ଆସୁନଥିବାରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅନ୍ୟପଟେ କୌଳିକ ବୃତ୍ତିକୁ ଦୂରେଇ ଦେଇ ଆଗମୀ ପିଢ଼ି ବିଭିନ୍ନ କାମ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା କୁମ୍ଭକାର ପରିବାର ଲୋକେ କୁହନ୍ତି। ଦିନକୁ ଦିନ ମାଟି ଦୀପର ଚାହିଦା କମିବାରେ ଲାଗିଛି। ଲୋକଙ୍କ ଚାହିଦା କମିଯିବାରୁ ମାଟି ତିଆରି କରୁଥିବା କୁମ୍ଭକାର ବଜାରରେ କମ୍ ମୂଲ୍ୟରେ ମାଟି ଦୀପକୁ ବିକ୍ରୀ କରିବାକୁ ବାଧ ହେଉଥିବା ପ୍ରକାଶ କରିଛନ୍ତି। ଧିରେଧିରେ ମାଟି ତିଆରି ସାମଗ୍ରୀ ବିଲୋପ ହେବାକୁ ବସିଥିବା ବେଳେ ମାଟି କାରୀଗରମାନେ ଦୁର୍ବିସହ ଜୀବନ ଯାପନ କରିବାରେ ଲାଗିଛନ୍ତି। ସରକାର କୁମ୍ଭକାର ପରିବାରକୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେଲେ ମାଟି ତିଆ।ରୀ କାର୍ଯ୍ୟରେ ଲିପ୍ତ ଥିବା କୁମ୍ଭକାର ପରିବାର ଉପକୃତ ହେବା ସହ ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିବେ ବୋଲି ମତ ପ୍ରକାଶ ପାଇଛି।

## ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କୁ ଉପେକ୍ଷା

**ଯୋଡା,୨୭।୧୦ (ମହାଭାରତ):** କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ତଥା ବ୍ଲକ ଅନ୍ତର୍ଗତ ବଡ କାଳିମାଟି ଗ୍ରାମପଞ୍ଚାୟତର ବଡ କାଳୀମାଟି ଓ ବଳଦୟ ଗ୍ରାମରେ ଥିବା ଖଣି ଲିଜ ଅଞ୍ଚଳ ପାଇଁ ହେବାକୁ ଥିବା ଜନଶୁଣାଣିରେ ପଞ୍ଚାୟତର ସରପଞ୍ଚ ତଥା ପଞ୍ଚାୟତ ବାସୀ ଅନୁପସ୍ଥିତ ରହିବା ନେଇ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିବା ଜଣାପଡିଛି । ଏହି ଜନ ଶୁଣାଣି ପାଇଁ ସ୍ଥାନୀୟ ଅଞ୍ଚଳରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ଅବଗତ କରାଯାଉଥିବା ବେଳେ ଏ ନେଇ ସ୍ଥାନୀୟ ବଡ କାଳୀମାଟି ସରପଞ୍ଚଙ୍କୁ କୌଣସି ମୌଖିକ କିମ୍ବା ଲିଖିତ ଭାବେ ଜଣାଯାଇ ନ ଥିବାରୁ ଏହି ଜନଶୁଣାଣିରେ ନିଜେ ଓ ପଞ୍ଚାୟତବାସୀ ଅନୁପସ୍ଥିତ ରହିବାର ନିଷ୍ପତି ନେଇଥିବା ନେଇ ଜିଲ୍ଲାପାଳ ଙ୍କୁ ଜଣାଇବା ସହିତ ରାଜ୍ୟ ପ୍ରଦୂଷଣ ବିଭାଗକୁ ମଧ ଜଣାଇଥିବା ଜଣାପଡିଛି। କେନ୍ଦୁଝର ଜିଲ୍ଲା ଯୋଡା ଖଣିକ୍ଷେତ୍ର ଅନ୍ତର୍ଗତରେ ଆସୁଥିବା ଓଡିଶା ଖଣି ଏବଂ ଭୂବିଜ୍ଞାନ ନିର୍ଦ୍ଦେଶାଳୟ କେନ୍ଦୁଝର ଜିଲ୍ଲା ବଡବିଲ ତହସିଲ ଅନ୍ତର୍ଗତ ବଡକାଳିମାଟି ଏବଂ ବଳଦା ଗ୍ରାମରେ ୬୭.୧୭୭ ହେକ୍ଟର ପରିମିତ ଖଣି ଲିଜ ଅଞ୍ଚଳରେ ସ୍ଥିତ କାଳିମାଟି ମାଙ୍ଗାନିଜ ବ୍ଲକ (ପୂର୍ବ-ଏମ୍ବେଡେଡ କ୍ଲିଅରାନ୍ସ)ର ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଜନଶୁଣାଣୀ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡିଶା ପକ୍ଷରୁ ୨୩.୯.୨୦୨୪ରେ ପତ୍ର ସଂଖ୍ୟା ୧୫୧୬୪ରେ ଏକ ବିଜ୍ଞପ୍ତି ଜାରି କରାଯାଇଛି। ହେଲେ ଏହି ଜନଶୁଣାଣୀ ନିମନ୍ତେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ପ୍ରତିନିଧି ତଥା ସ୍ଥାନୀୟ ଜନସାଧାରଣଙ୍କୁ ଉପେକ୍ଷା କରାଯାଇଥିବାରୁ ତାକୁ ନେଇ ଉଠିଛି ବିବାଦ ।

## ବାଜା ବାଣ ସହ ଧନ ଲକ୍ଷ୍ମୀ ବିଦାୟ ଦେଲେ କୁଲାଡ ଗ୍ରାମରୁ

**ଅନୁଗୋଳ,୨୭।୧୦ (ମହାଭାରତ):** ଗତ ଦଶ ଦିନ ଧରି ଚାଲିଥିବା କୁଲାଡ଼ ଗ୍ରାମର ପ୍ରସିଦ୍ଧ। ମା ଗଜଲକ୍ଷ୍ମୀଙ୍କର ଆଜି ହେଉଛି ଭସାଣି ଉତ୍ସବ। ଏଥିରେ ସର୍ବମୋଟ ଦଶ ଗୋଟି ଯଥା, ସାହାରା କ୍ଲବ, ଫ୍ରେଣ୍ଡେସ କ୍ଲବ, ବିଗ ପଣ୍ଡ ପୂଜା କମିଟି, ରୟାଲ କ୍ଲବ, ବ୍ରାହ୍ମଣୀ ଦେବି ପୂଜା କମିଟି, କୁଲାଡ଼ ଛକ, ପ୍ରିନ୍ସ କ୍ଲବ, ବାବା କ୍ଲବ, ବଣିକ ସଙ୍ଘ, ଓ ହାଇସ୍କୁଲ ପୂଜା କମିଟି ଭସାଣି ଉତ୍ସବରେ ସାମିଲ ହୋଇଥିଲେ। ଦିନ ୧୧ ଘଟିକା ସମୟରୁ ନାଲକୋ ମେନଗେଟ ଠାରୁ ସମସ୍ତ ପୂଜା କମିଟିର ମେଢ଼କୁ ମହା ଆଡମ୍ବରେ ସହିତ ସାଜ ସଜା କରି ଆରମ୍ଭ କରି ରାତି ୧୦ଟାରେ ସିପିପି ପୋଖରୀରେ ମା'ଙ୍କର ମୂର୍ତ୍ତିଙ୍କୁ ବିସର୍ଜନ କରାଯାଇଥିଲା। ଏଥିରେ ଜିଲ୍ଲା ପୋଲିସ ତରଫରୁ ଶାନ୍ତି ଶୃଙ୍ଖଳା ଯୋଗାଇ ଦେଇଥିବା ବେଳେ ଗାଁ କମିଟିର ସଭାପତି, ସରପଞ୍ଚ, ସମିତି ସଭ୍ୟା ମଧ୍ୟ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ। ସାହାରା କ୍ଲବ ତରଫରୁ ପ୍ରତେକ ବର୍ଷ ପରି ଏ ବର୍ଷ ମଧ୍ୟ ନିଆରା ପରମ୍ପରାକୁ ବଜାୟ ରଖିଥିଲା, ସୁଦୂର କଲିକତାରୁ ଏକ ଶହରୁ ଉର୍ଦ୍ଧ୍ୱ ମହିଳା ଆସି ଭିନ୍ନ ଭିନ୍ନ ଢଙ୍ଗରେ ବଙ୍ଗୀୟ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା ଏବଂ ଉନ୍ନତ ମନ ଲୋଭା ଲାଇଟ ସହିତ ବିଭିନ୍ନ ଆକର୍ଷଣୀୟ ବ୍ୟାଣ୍ଡ ବାଜା, ଆତାଶ ବାଜି କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ଏଥିରେ ସାହାରା ପରିବାରରର ସଭାପତି ଦୀପକ ଜେନା, ସମ୍ପାଦକ ପିଙ୍କୁ ସାମନ୍ତ ସିଂ, କୋଷାଧକ୍ଷ ବିକାଶ ଜେନା, ପ୍ରକାଶ ବେହେରା, ଅଭିଷେକ ଦେଓ, ବିଶ୍ୱଜିତ ବେହେରା, ରାଜୀବ ବିଶୋଇ, ଦିପେଶ ବେହେରା, ଜୁଲୁ ସ୍ୱାଇଁ, ବାପୁନ ପ୍ରଧାନ, ଗୌରାଙ୍ଗ ରାଉତ, ଯୋଗୀ ନାଥ ସାହୁ, ମିଳନ ସ୍ୱାଇଁ ସହିତ ସବୁ ସଦସ୍ୟ ସାହାଯ୍ୟ ସହଯୋଗ କରି ଭସାଣିକୁ ସମ୍ପୂର୍ଣ୍ଣ କରିଥିଲେ।

*ଦିପାବଳୀ ପାଇଁ ଚଳଚଞ୍ଚଳ ହିନ୍ଦୋଳ*

## ଦୀପ ତିଆରି କରିବାରେ ବ୍ୟସ୍ତ କୁମ୍ଭକାର

**ହିନ୍ଦୋଳ,୨୭।୧୦ (ମହାଭାରତ):** ଆଉ କେଇଟା ଦିନ ପରେ ପାଖେଇ ଆସୁଛି ଆଲୋକର ପର୍ବ ଦୀପାବଳି ସେଥିପାଇଁ ଗାଁ ଠାରୁ ନେଇ ସହର ସବୁଠି ଉତ୍ସବ ମୁଖର। ତେବେ ଚଳିତ ବର୍ଷ ଦୀପାବଳି ପାଇଁ କୁମ୍ଭକାର ମାନେ ଭଲ ଦି ପଇସା ରୋଜଗାର ଆଶାରେ ନିଜର କୌଳିକ ବୃତ୍ତିକୁ ଆପଣାଇ ଆଜକୁ ପ୍ରାୟ ଏକ ମାସ ହେବ ଦୀପ ପ୍ରସ୍ତୁତ କରିବାରେ ଲାଗିପଡିଲେଣି। ସେହିଭଳି ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳରେ ବଢ଼ିବାରେ ଲାଗିଲାଣି ଦୀପର ଚାହିଦା। ଘରେଘରେ ପୁରୁଷ ଏବଂ ମହିଳାମାନେ ଦିନରାତି ଏକ କରି ଦୀପ ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି। ହିନ୍ଦୋଳରେ କିଛି କୁମ୍ଭକାର ସମ୍ପ୍ରଦା।ର ଲୋକେ ନିଜର କୌଳିକ ବୃତ୍ତିକୁ ଛାଡ଼ିବାରେ ଲାଗିପଡ଼ିଥିବା ବେଳେ ଆ।ଉ କିଛି ବା।ସ୍କ ଲୋକ ନିଜର କୌଳିକ ବୃତ୍ତିକୁ ଜାବୁଡ଼ି ଧରିଛନ୍ତି। ବର୍ଷ ତମାମ ରହିଥାଏ ଦୀପର ଚାହିଦା, ବିଭିନ୍ନ ପର୍ବପର୍ବାଣୀ ହେଉ ଅବା ଦୀପାବଳି ସବୁ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ ଦୀପ। କିନ୍ତୁ ଦୀପାବଳି ଆ।ସିଲେ ଏହି ଦୀପର ଚାହିଦା ଦ୍ୱିଗୁଣିତ ହୋଇଥାଏ। ସେଥିପାଇଁ ଏକମାସ ପୂର୍ବରୁ ଦ୍ୱୀପ ତିଆରି କରିବାରେ ଲାଗିପଡନ୍ତି କାରିଗର। ଚଳିତ ବର୍ଷ ଦୀପାବଳିରେ ବେଶ୍ ଭଲ ଦୁଇପଇସା ରୋଜଗାର ଆଶାରେ ନିଜର କୌଳିକ ବୃତ୍ତିରେ ଲାଗିପଡିଛନ୍ତି କୁମ୍ଭକାର ମାନେ।

## ରାସନ୍ କାର୍ଡରେ ନା ନଥିବାରୁ ଚିକିତ୍ସା ପାଇଁ କ୍ୟାନସର ରୋଗୀ ଭୋଗୁଛି ଦୁର୍ଦ୍ଦଶା

**ନୂଆଗାଁ,୨୭।୧୦ (ମହାଭାରତ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ସିଙ୍ଗପୁର ଗ୍ରାମର ବଳରାମ କହଁର (୫୭) ଦୀର୍ଘ ଦିନ ଧରି କ୍ୟାନସର ରୋଗରେ ପୀଡିତ। ବଳରାମ କହଁର (୫୭)ଦୀର୍ଘ ୮ ମାସ ଧରି କ୍ୟାନସର ରୋଗରେ ପୀଡିତ କିଛି ଦିନ ତଳେ ସ୍ୱାମୀ ବଳରାମଙ୍କୁ ଚିକିତ୍ସା ପାଇଁ ସ୍ତ୍ରୀ ସୁବନୀ କହଁର (୪୫) ଓ ଦୁଇ ଝିଅଙ୍କୁ ସାଙ୍ଗରେ ଧରି ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ କ୍ୟାନସର ରୋଗୀଙ୍କୁ ଭଲ କରିବାକୁ ହେଲେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ବୋଲି ଡାକ୍ତର ତାଙ୍କ ଧର୍ମପତ୍ନୀ ଙ୍କୁ କହିଥିଲେ। କିନ୍ତୁ ସ୍ତ୍ରୀ ସୁବନିଙ୍କ ପାଖରେ ଟଙ୍କା ନଥିବାରୁ ସ୍ୱାମୀଙ୍କୁ ଘରକୁ ଫେରାଇ ଆଣିଥିଲା ସ୍ତ୍ରୀ ସୁବନିଙ୍କ ପାଖରେ ରାସନ୍ କାର୍ଡ ଥିଲା। କିନ୍ତୁ ସ୍ୱାମୀ ବଳରାମଙ୍କ ନାମ ସଂଯୋଗ ହୋଇନଥିଲା। ସ୍ୱାସ୍ଥ୍ୟ କାର୍ଡ ମଧ୍ୟ ମିଳିନଥିଲା ଏନେଇ ସ୍ୱାମୀଙ୍କ କ୍ୟାନସର ରୋଗ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ କାର୍ଡ ଦରକାର ପଡୁଥିବା ବେଳେ ସେମାନଙ୍କ ପାଖରେ ସ୍ୱାସ୍ଥ୍ୟ କାର୍ଡ ନଥିଲା ବାଧ ହୋଇ ସ୍ୱାମୀଙ୍କୁ ଘରକୁ ଫେରାଇ ଆଣିଥିଲା। ବଳରାମ ଜଣେ ଗରୀବ ପରିବାରର ହୋଇଥିବାରୁ ନା ଘର ଚଳିବା ପାଇଁ ଅଛି ଚାଷ ଜମି, ନା ଅଛି ଘରବାରି , ସ୍ତ୍ରୀ ମୁଲ ଲାଗିଲେ ଘର ଚଳେ ସେଥିରେ ପୁଣି ଓଳିଏ ଖାଇଲେ ଦୁଇଓଳି ଉପାସ। ଏପରିକି ଘର ଚଳିବା ଭାରି କଷ୍ଟ ତେବେ ସ୍ୱାମୀଙ୍କ ଚିକିତ୍ସା ପାଇଁ ସ୍ତ୍ରୀ ପାଖରେ ଏତେ ଟଙ୍କା ଆସିବ କୁଆଡୁ। ସ୍ୱାମୀ ଓ ସ୍ତ୍ରୀଙ୍କ କହିବା ଅନୁଯାୟୀ ଲୋକଙ୍କର ହିତସାଧନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଆମେ ସ୍ୱାସ୍ଥ୍ୟ କାର୍ଡ ଓ ଇନ୍ଦିରା ଆବାସ ଘର ପାଇବାକୁ ଯୋଗ୍ୟ ଥିଲେ ମଧ୍ୟ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ଗରୀବ ଲୋକଙ୍କ କଥା କିଏବା ସୁଣୁଛି ଦୁଃଖର ପରିତାପ ବିଷୟ।

## ଜିଲ୍ଲା ବୋଇତବନ୍ଦାଣ ସମିତିର ଜିଲ୍ଲାସ୍ତରୀୟ ପ୍ରତିଯୋଗୀ ସମାବେଶ

**କେନ୍ଦ୍ରାପଡ଼,୨୭।୧୦ (ମହାଭାରତ):** ରାଜ୍ୟର ପୁରାତନ ସାଂସ୍କୃତିକ ଅନୁଷ୍ଠାନ ଜିଲ୍ଲା ବୋଇତ ବନ୍ଦାଣ ସମିତି କେନ୍ଦ୍ରାପଡାର ୫୬ତମ ବୋଇତ ବନ୍ଦାଣ ଉତ୍ସବର ଅବ୍ୟବହିତ ପୂର୍ବରୁ ରବିବାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ବିଭିନ୍ନ ବିଭାଗରେ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପ୍ରାଥମିକ ସ୍ତରରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ, ବକ୍ତୃତା, ସଂଗୀତ, ଝୋଟି(ମୁରୁଜ), ମେହେନ୍ଦୀ ଓ ନୃତ୍ୟ ପ୍ରଭୃତି ବିଭାଗରେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଚାରକ ଭାବରେ ଇନ୍ଦ୍ରମଣୀ ପଣ୍ଡା,ଶରତ ଚନ୍ଦ୍ର ମଲ୍ଲିକ, ଋତୁପର୍ଣ୍ଣା କର, କାକୁଲି ମଲ୍ଲିକ, ବୈଷ୍ଣବ ଚରଣ ପ୍ରଧାନ, ଅବନ୍ତୀ ବେହେରା, ଜୟଶ୍ରୀ ଦାସ, ଲିପ୍ସା ଦାସ, ପ୍ରିୟଙ୍କା ମଲ୍ଲିକ, ରୋଜାଲିନ୍ ବେଉରା, ଜ୍ୟୋତିର୍ମୟୀ ମହାନ୍ତି, ପ୍ରଭାତୀ ଧଳ, ଭଞ୍ଜ କିଶୋର ମହାରଣା ଓ ରଣଧୀର ଜେନା ପ୍ରମୁଖ ଯୋଗଦେଇଥିଲେ। ସମିତିର ସଭାପତି ଚିନ୍ମୟ ପ୍ରସାଦ ବେହୁରା, ସମ୍ପାଦକ ଉମାଶଙ୍କର ଜେନା, ପ୍ରଫୁଲ୍ଲ ଦାସ, ରବିନାରାୟଣ ମହାନ୍ତି, ସରୋଜ ସାହୁ, ରାଜେନ୍ଦ୍ର ମହାପାତ୍ର, ଗୋଲେଖ ପଢିଆରୀ, ମୀନତୀ ପ୍ରଭା ସ୍ୱାଇଁ, କମଳାକାନ୍ତ ବେହେରା,ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ଲକ୍ଷ୍ମୀକାନ୍ତ ନାୟକ, କୃପାସିନ୍ଧୁ ମଲ୍ଲିକ, ରଜନୀକାନ୍ତ ସ୍ୱାଇଁ, ଦୀନେଶ ବେହେରା, ଲୋହିତ ମହାନ୍ତି, ଗାୟତ୍ରୀ ମହାନ୍ତି, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ସଞ୍ଜୟ ରାଉତ ପ୍ରମୁଖ ସଦସ୍ୟ/ସଦସ୍ୟାମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତୁଳସୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁଙ୍କ ସମେତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନେ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ହାରିସ୍ ତୃତୀୟ ବିଶ୍ୱଯୁଦ୍ଧର କାରଣ ହେବେ: ଟ୍ରମ୍ପ

**ୱାଶିଂଟନ, ୨୭।୧୦ :** ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାୟ ଏକ ସପ୍ତାହ ବାକି ଅଛି। ଉଭୟ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଏବଂ କମଲା ହାରିସ୍ ସେମାନଙ୍କର ନିର୍ବାଚନ ପ୍ରଚାରକୁ ଜୋରଦାର କରିଛନ୍ତି। ଦୁହିଁଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ଡୋନାଲ୍ଡ ଟ୍ରମ୍ପ ବର୍ତ୍ତମାନ ଏକ ବିବୃତିରେ କହିଛନ୍ତି ଯେ ଯଦି କମଲା ହାରିସ୍ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୁଅନ୍ତି, ତେବେ ସେ ତୃତୀୟ ବିଶ୍ୱଯୁଦ୍ଧ କରାଇ ଦେବେ। ଟ୍ରମ୍ପ କହିଛନ୍ତି କମଲା ହାରିସ ରାଷ୍ଟ୍ରପତି ପଦ ପାଇଁ ଯୋଗ୍ୟ ନୁହଁନ୍ତି।ସେ ବିଶ୍ୱପ୍ରସଙ୍ଗ ଉପରେ କିଛି ଜାଣନ୍ତି ନାହିଁ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କିପରି କଥା ହେବେ ସେ ଜାଣନ୍ତି ନାହିଁ। ଟ୍ରମ୍ପ କହିଛନ୍ତି ଯେ ହାରିସ୍‌ଙ୍କ ରାଷ୍ଟ୍ରପତି କରିବା ଦେଶର ଲକ୍ଷ ଲକ୍ଷ ଲୋକଙ୍କ ପିଲାଙ୍କ ଜୀବନ ସହ ଜୁଆ ଖେଳିବା ଭଳି। ଟ୍ରମ୍ପ କହିଛନ୍ତି ଯେ ବିଶ୍ୱଯୁଦ୍ଧର ବିପଦ ବର୍ତ୍ତମାନ ଯେଭଳି ରହିଛି ତାହା କେବେ ମଧ୍ୟ ନ ଥିଲା। ଟ୍ରମ୍ପ୍ କହିଛନ୍ତି ଯେ ଯଦି ମୁଁ ଅଫିସରେ ଥାଆନ୍ତି, ତେବେ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ଆକ୍ରମଣ ହୋଇ ନ ଥାନ୍ତା। ଡେମୋକ୍ରାଟିକ୍ ପାର୍ଟି ମଧ୍ୟ ନିର୍ବାଚନ ପ୍ରଚାର ଉପରେ ସମ୍ପୂର୍ଣ୍ଣ ଗୁରୁତ୍ୱ ଦେଇଛି। ଏହି କାରଣରୁ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଏବଂ ତାଙ୍କ ପତ୍ନୀ ମିସେଲ ଓବାମା ମଧ୍ୟ କମଲା ହାରିସଙ୍କ ସମର୍ଥନରେ ରାଲି କରୁଛନ୍ତି। ମିସେଲ ଓବାମା ଶନିବାର ମିଚିଗାନରେ ଏକ ରାଲିରେ କମଲା ହାରିସଙ୍କ ସହ ଯୋଗ ଦେଇଥିଲେ। ଏହି ସମୟରେ ସେ ପୁନର୍ବାର ଡୋନାଲ୍ଡ ଟ୍ରମ୍ପଙ୍କୁ ରାଷ୍ଟ୍ରପତି ନ କରିବାକୁ ଲୋକଙ୍କୁ ଚେତାବନୀ ଦେଇଛନ୍ତି। ଟ୍ରମ୍ପଙ୍କ ମାନସିକ ସ୍ୱାସ୍ଥ୍ୟ, ତାଙ୍କର ଚାଲିଥିବା କାର୍ଯ୍ୟ ତଥା ଯୌନ ନିର୍ଯାତନା ଅଭିଯୋଗ ଉପରେ ମିସେଲ ଓବାମା ଟାର୍ଗେଟ କରିଥିଲେ।

# ବାନ୍ଦ୍ରା ରେଳ ଷ୍ଟେସନରେ ଦଳାଚକଟା : ୯ ଆହତ



**ମୁମ୍ବାଇ, ୨୭।୧୦ (ଏଜେନ୍ସି) :** ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରୁ ବଡ଼ ଖବର ଆସିଛି। ମୁମ୍ବାଇର ବାନ୍ଦ୍ରା ଟର୍ମିନାସ୍ ରେଳ ଷ୍ଟେସନରେ ଦଳାଚକଟା ଘଟିଛି। ଏଥିରେ ପ୍ରାୟ ୯ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ଲାଗି ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବର ମୁତାବକ, ବାନ୍ଦ୍ରା ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ ରେ ଭିଡ଼ ଜମିଥିବାରୁ ଏହି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ବାନ୍ଦ୍ରା ଟର୍ମିନାସ୍ ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ରେ ଟ୍ରେନରେ ଚଢୁଥିବା ସମୟରେ ଯାତ୍ରୀଙ୍କ ଭିଡ଼ ବୃଦ୍ଧି ଯୋଗୁ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ବାନ୍ଦ୍ରା-ଗୋରଖପୁର ଟ୍ରେନରେ ଯାତ୍ରୀ ଚିବା ସମୟରେ ଏହି ଘଟଣା ଘଟିଥିଲା। ଦଳାଚକଟାରେ ୯ ଯାତ୍ରୀ ଆହତ ହୋଇ ଚିକିତ୍ସା ପାଇଁ ଭାଭା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ବିଏମସି ସୂଚନା ଦେଇଛି ଆହତଙ୍କ ମଧ୍ୟରେ ୭ ଜଣଙ୍କ ଅବସ୍ଥା ସ୍ଥିର ରହିଥିବାବେଳେ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ବୋଲି କୁହାଯାଉଛି। ଆହତଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇପାରେ ବୋଲି ଆଶା କରାଯାଉଛି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଷ୍ଟେସନରେ କେଣସି ସୁରକ୍ଷା ବ୍ୟବସ୍ଥା ନ ଥିବା ରେଳ ପ୍ରଶାସନ ଅଭିଯୋଗ କରିଛି। ପ୍ଲାଟଫର୍ମରେ କିଛି ଆରପିଏଫ୍ ଯବାନ ଥାନ୍ତି ଯେଉଁମାନେ ଧାଡିରେ ରହିବାକୁ ଯାତ୍ରୀଙ୍କୁ ଅନୁରୋଧ କରିଥାନ୍ତି। ତେବେ ଟ୍ରେନ୍ ଆସିବା ପରେ ଯାତ୍ରୀଙ୍କ କେଣସି ଲାଇନ ଦୃଶ୍ୟମାନ ହୋଇ ନ ଥିଲା। ଲୋକମାନେ ଟ୍ରେନ୍ କୋଚ୍ ଭିତରକୁ ଯିବା ପାଇଁ ପରସ୍ପର ଉପରେ ଚିବା ଆରମ୍ଭ କରିଥିଲେ। ଲୋକମାନେ ପରସ୍ପରକୁ ପଛକୁ ଟାଣି ନିଜେ ଆଗକୁ ଯାଇ କମ୍ପାର୍ଟମେଣ୍ଟରେ ପ୍ରବେଶ କରିବାକୁ ଉଦ୍ୟମ କରୁଥିଲେ।

ଦଳାଚକଟା ପରେ ଦେଖାଯାଇଥିଲା ଯେ ବହୁ ଯାତ୍ରୀଙ୍କ ପୋଷାକ ଚିରିଯାଇଛି। କାହାର ସାର୍ଟ ଛିଣ୍ଡିଛି ଏବଂ କାହାର ପ୍ୟାଣ୍ଟ୍। ସମସ୍ତ ସାମଗ୍ରୀ ଛିନ୍ନଭିନ୍ନ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ଲାଟଫର୍ମରେ ଠାଏଁଠାଏଁ ରକ୍ତଛିଟା ପଡିଥିଲା। ଯେଉଁଥିରୁ ଅନୁମାନ କରାଯାଇପାରେ ଯେ ଦଳାଚକଟାରେ ଯାତ୍ରୀମାନେ ଗୁରୁତର ଆହତ ହୋଇଛନ୍ତି। ପଶ୍ଚିମ ରେଳର ସିଆରପିଓ ଭିନୀତ ଅଭିଷେକ କହିଛନ୍ତି ଯେ ଟ୍ରେନ୍ ନମ୍ବର ୨୨୯୨୧ ମୁମ୍ବାଇରୁ ଗୋରଖପୁର ପର୍ଯ୍ୟନ୍ତ ଚାଲିଥାଏ। ଏହି ଟ୍ରେନର ସମସ୍ତ କୋଚ୍ ସାଧାରଣ ଅର୍ଥାତ୍ ସଂରକ୍ଷିତ ନୁହେଁ। ଟ୍ରେନ୍ ୫ଟା ୧୫ରେ ଛାଡ଼ିବାର ଥିଲା, କିନ୍ତୁ ପାର୍ବଣ ଋତୁରେ ଏହା ସ୍ଥିର ହୋଇଥିଲା ଯେ ଟ୍ରେନରୁ ୨-୩ ଘଣ୍ଟା ପୂର୍ବରୁ ପ୍ଲାଟଫର୍ମକୁ ଅଣାଯିବ ଯାହା ଦ୍ୱାରା ଯାତ୍ରୀମାନେ ଆରାମରେ ଚିପାରିବେ। ତେବେ ପ୍ଲାଟଫର୍ମରେ ପହଞ୍ଚିବା ପୂର୍ବରୁ ମଧ୍ୟ ଲୋକମାନେ ଟ୍ରେନରେ ଚିବା ଆରମ୍ଭ କରିଥିଲେ। ଯେତେବେଳେ ଲୋକମାନେ ଏହା ଉପରେ ଚିବା ଆରମ୍ଭ କଲେ ଟ୍ରେନ୍ ସେତେବେଳେ ଚାଲୁଥିଲା। ଯେଉଁ କାରଣରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

ସିଆରପିଓ ଭିନୀତ ଅଭିଷେକ ଏହା ମଧ୍ୟ କହିଛନ୍ତି ଯେ ଗତ ବର୍ଷ ତୁଳନାରେ ଏଥର ଆହୁରି ଅନେକ ଛୁଟିଦିନର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଛି। କେବଳ ମୁମ୍ବାଇରୁ ଦେଶର ବିଭିନ୍ନ ଷ୍ଟେସନକୁ ୮୭ଟି ଟ୍ରେନ୍ ଚଳାଚଳ କରୁଛି।

# ଲକ୍ଷ୍ନୌର ଅନେକ ହୋଟେଲକୁ ବୋମା ଧମକ

**ଲକ୍ଷ୍ନୌ, ୨୭।୧୦ (ଏଜେନ୍ସି):** ଫ୍ଲାଇଟ୍ ଓ ସ୍କୁଲ ପରେ ଏବେ ରାଜଧାନୀ ଲକ୍ଷ୍ନୌର ଅନେକ ହୋଟେଲକୁ ବୋମାରେ ଉଡ଼ାଇବାକୁ ମିଳିଛି ଧମକ। ଏହାପରେ ପୋଲିସ୍ ପ୍ରଶାସନରେ ଆତଙ୍କ ଖେଳି ଯାଇଛି। ସହରର ରାଣା ପ୍ରତାପ ମାର୍ଗ ସ୍ଥିତ ହୋଟେଲ ଫର୍ଚ୍ୟୁନ, କାନପୁର ରୋଡ୍ ସ୍ଥିତ ଲେମନ ଟ୍ରି, ହୋଟେଲ ମ୍ୟାରିଏଟ ସମେତ ଅନେକ ହୋଟଲକୁ ଧମକପୂର୍ଣ୍ଣ ମେଲ୍ ମିଳିଛି।

ସୂଚନା ମିଳିଛି କି ବୋମା ସ୍କ୍ୱାଡ୍ କାଗଜପତ୍ର ଟୁମ୍ ହୋଟେଲରେ ପହଞ୍ଚିଛନ୍ତି। ମେଲେ ପଠାଇଥିବା ବ୍ୟକ୍ତି ଲେଖିଛନ୍ତି , ଆପଣଙ୍କ ହୋଟେଲ ପରିସରରେ କଳାବ୍ୟାଗ୍ରେ ବୋମା ଲୁଚା ଯାଇଛି। ମୋତେ ୫୫ ହଜାର ଡଲାର (ପାଖାପାଖି ୪୫.୬ ଲକ୍ଷ ଟଙ୍କା) ଆବଶ୍ୟକ , ନୁହେଁ ତ ବୋମାରେ ଉଡାଇ ଦେବି ଏବଂ ପ୍ରତି ସ୍ଥାନରେ ଖାଲି ରକ୍ତ ହିଁ ରକ୍ତ। ଏହାସହ ଯଦି କିଏ ବୋମାକୁ ନିଷ୍କ୍ରିୟ କରିବାକୁ ଚେଷ୍ଟା କରେ ତ ବୋମାରେ ଉଡ଼ାଇ ଦେବି ।

ଏପଟେ ବେଙ୍ଗାଲୁରୁରୁ ଅଯୋଧ୍ୟାର ମହର୍ଷି ବାଲ୍ମୀକି ଏୟାରପୋର୍ଟ ଆସୁଥିବା ଆକାସା ଏୟାରଲାଇନ୍ସର ଫ୍ଲାଇଟ୍ ସଂଖ୍ୟା ୧୮୨୧ରେ ବୋମା ଥିବାର ସୂଚନା ମିଳିବାରେ ସୁରକ୍ଷା ଏଜେନ୍ସି ରେ ଆତଙ୍କ ଖେଳି ଯାଇଛି। ଏହି ସୂଚନା ମିଳିବା ପରେ ଏୟାରପୋର୍ଟରେ ଆକସ୍ମିକ ବୈଠକ ଆରମ୍ଭ କରାଯାଇଛି ଏବଂ ଫ୍ଲାଇଟ୍ରେ ସୁରକ୍ଷା ଏଜେନ୍ସି ଗୁଡ଼ିକ ଗଭୀର ଯାଞ୍ଚରେ ଲାଗ ପଡ଼ିଛନ୍ତି। ଅଧିକାରୀମାନେ ଯାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସବୁ ଆବଶ୍ୟକୀୟ ପଦକ୍ଷେପ ଉଠାଇବା ଆରମ୍ଭ କରି ଦେଇଛନ୍ତି।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ



ଭବାନୀପାଟଣା,(ନିପ୍ର): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟ କ୍ରମରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ବିଜୟା ଲକ୍ଷ୍ମୀ ନାଗଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କଳାହାଣ୍ଡି ପବିତ୍ର ମୋହନ ସାହୁ, ମୁଖ୍ୟ ବକ୍ତା ଭାବେ ପ୍ରଧାନ ଶିକ୍ଷକ ତେରେସିଂହା ସରକାରୀ ଉଚ୍ଚବିଦ୍ୟାଳୟ ଗରୁଡ଼ ଧ୍ୱଜ ଗହିର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କର୍ଲାମୁଣ୍ଡା ରାମ ଚନ୍ଦ୍ର ସା,ନୋଡାଲ ପ୍ରାଥମିକ ବିଦ୍ୟାଳୟ କର୍ଲାମୁଣ୍ଡା ଗୋପମଣି ସାହୁ,ମିଳିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଯୋରାଡ୍ୱରା ର ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରୋହିତ କୁମାର ରଣା ପ୍ରମୁଖ ଯୋଗଦେଇ ସୁରଭି କିପରି ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ ପ୍ରତିଭା କୁ ପରିପ୍ରକାଶ କରେ ଏବଂ ରାଜ୍ୟ ରେ ଆମ ଜିଲ୍ଲା ର କିପରି ସ୍ୱତନ୍ତ୍ର ସ୍ଥାନ ରହିଛି ତା ଉପରେ ଅଭିଭାଷଣ ରଖିଥିଲେ । ବିଭିନ୍ନ ପ୍ରତିଯୋଗିତା କୃମି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଅତିଥି ମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଦଳଗତ ନୃତ୍ୟରେ ବିଭିନ୍ନ ବିଦ୍ୟାଳୟର ପ୍ରତିଯୋଗିତା ଭିତରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସାପଲହରା ପ୍ରଥମ ସ୍ଥାନ ହାସଲ କରିଥିଲେ। ଶିକ୍ଷକ ଦୁର୍ଗାପ୍ରସାଦ ସାହୁ ଓ ସିଆରସିସି ଉଜ୍ଜ୍ୱଳ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।ସିଆରସିସି ପ୍ରଶନ୍ନ କୁମାର ସାହୁ,ଟୁକୁନୁ କୁମାର, ହେମନ୍ତ ନାଏକ, ପ୍ରଭାବ ରଞ୍ଜନ ବନଚୋର, ବିଶିକେଶନ ସୁନା, ପ୍ରଫୁଲ୍ଲ କୁମାର ପାଟି, କ୍ଷିରୋଦ୍ର ବଡମାଳୀ, ପ୍ରଦୀପ ବେହେରା, ପ୍ରକାଶ ବିଶ୍ୱାଳ, ଭୋଜରାଜ ରଣା,ତ୍ରିଜ୍ୟୋତୀ ନିଆଁଲ, ସନ୍ତୋଷ କୁମାର, ବୃନ୍ଦାବନ ରଣା,ଉମିକାନ୍ତ ସାହୁ, ରୋହିତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବାଲେଶ୍ୱର ଜିଲ୍ଲାସ୍କୁଲ୍ ଭୂସଂପତ୍ତିର ସୁରକ୍ଷା ପାଇଁ ସାମ୍ବାଦିକ ସମ୍ମିଳନୀ




ବାଲେଶ୍ୱର, ୨୨।୧୦: ବାଲେଶ୍ୱର ଜିଲ୍ଲାସ୍କୁଲ୍‌ର ଭୂସଂପତ୍ତିର ସୁରକ୍ଷା ପାଇଁ ବିଭିନ୍ନ ସମୟରେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ପୌରପରିଷଦ ନେଇଥିବା ନିଷ୍ପତ୍ତିକୁ ସଠିକ୍ କାର୍ଯ୍ୟକାରୀ କରାନଯିବା ଦ୍ୱାରା ପରିସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଜିଲ୍ଲାସ୍କୁଲ୍ ଖେଳପଡ଼ିଆ ଯାହାକି ଅଦ୍ୟାବଧି ବାଲେଶ୍ୱର ପୌରସଂସ୍ଥା ନାମରେ ରହିଛି, ସେହି ୪ଏକର ୭୨ଡିସିମିଲ୍ ଜମିକୁ ତୁରନ୍ତ ସ୍କୁଲ୍ ନାମରେ ରେକର୍ଡ଼ଭୁକ୍ତ କରିବା ଓ ଏହି ସଂପତ୍ତିକୁ ଚିହ୍ନଟ କରିବା ପାଇଁ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ଗତ ତା ୨୧-୦୮-୨୦୨୪ ରିଖରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ସହିତ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୁନଶ୍ଚ ତା ୧୧-୦୯-୨୦୨୪ ରିଖରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏହି ସମସ୍ୟାର ସମାଧାନ ଦାବିରେ ରାଜସ୍ୱମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଜିଲ୍ଲାପାଳ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ତେଣୁ ଗତ ସେପ୍ଟେମ୍ବର ୩୦ ତାରିଖ ଦିନ ବାଲେଶ୍ୱର ସିଭିଲ୍ ସୋସାଇଟି, ଜିଲ୍ଲା ସ୍କୁଲ୍‌ର ପରିଚାଳନା କମିଟି ଓ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତାଙ୍କ ସମେତ ବହୁ ସାମାଜିକ ସଂଗଠନର ଶତାଧିକ କର୍ମକର୍ତ୍ତା ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣାରେ ବସିଥିଲେ। କିନ୍ତୁ ଦୁଃଖର ବିଷୟ ଯେ ଅଦ୍ୟାବଧି ଜିଲ୍ଲାସ୍କୁଲ୍‌ର ସେହି ୪ଏକର ୭୨ଡିସିମିଲ୍ ଜମିକୁ ଚିହ୍ନଟ କରାଗଲା ନାହିଁ କିମ୍ବା ସ୍କୁଲ୍ ନାମରେ ରେକର୍ଡ଼ଭୁକ୍ତ କରାଗଲା ନାହିଁ। ଜିଲ୍ଲାସ୍କୁଲ୍‌ର ପୂର୍ବରୁ ଥିବା ଖେଳପଡ଼ିଆର ୬ଏକର ୫୮ ଡିସିମିଲ୍ ଭୂସଂପତ୍ତି (ପରମିଟ୍ ପଡ଼ିଆ)କୁ ବାଲେଶ୍ୱର ପୌରସଂସ୍ଥା ନେଇ ଜିଲ୍ଲା ଏଥ୍‌ଲେଟିକ୍ ଆସୋସିଏସନ୍‌କୁ ଦେଇଛି ଓ ପୌରସଂସ୍ଥା ନାମରେ ଥିବା ୪ଏକର ୭୨ଡିସିମିଲ୍ ଜାଗା ଯେଉଁଥିରେ କି ବାଲେଶ୍ୱର ଏଥ୍‌ଲେଟିକ୍ ଆସୋସିଏସନ୍ (ପୁରୁଣା ଷ୍ଟାଡିୟମ୍) ଥିଲା, ତାକୁ ବାଲେଶ୍ୱର ଜିଲ୍ଲାସ୍କୁଲ୍ ନାମକୁ ପରିବର୍ତ୍ତନ କରାଯାଇନାହିଁ। ଗତ ୨୭-୦୯-୧୯୮୫ ରିଖରେ ପୌର ପରିଷଦର କାଉନ୍‌ସିଲ୍ ବୈଠକର ରିଜୋଲ୍ୟୁସନ୍ ନଂ.-୨୦ରେ ଏହା ଅନୁମୋଦନ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବାଲେଶ୍ୱରର ପୂର୍ବତନ ଜିଲ୍ଲାପାଳ ତା ୧୨-୦୪-୨୦୦୨ରିଖରେ ସମସ୍ତ ବିଭାଗୀୟ ସଂପୃକ୍ତ ଅଧିକାରୀମାନଙ୍କୁ ଓ ବାଲେଶ୍ୱରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସ୍ୱାକ୍ଷରରେ ଏହି ପରିବର୍ତ୍ତନ ସଂପର୍କରେ ସର୍ବସମ୍ମତି ରିଜୋଲ୍ୟୁସନ୍ ମାଧ୍ୟମରେ ଏକ ଲିଖିତ ବିବରଣୀ ପ୍ରକାଶ କରିଥିଲେ। କିନ୍ତୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ପୌରସଂସ୍ଥା ନାମରେ ଥିବା ୪ଏକର ୭୨ଡିସିମିଲ୍ (ପୁରୁଣା ଷ୍ଟାଡିୟମ୍)ର ଭୂସଂପତ୍ତିକୁ ଆଜିପର୍ଯ୍ୟନ୍ତ ଜିଲ୍ଲା ସ୍କୁଲ୍ ନାମରେ ରେକର୍ଡ଼ଭୁକ୍ତ କରାଯାଇନାହିଁ। ଗତ କିଛିଦିନ ତଳେ ବାଲେଶ୍ୱର ପୌର ପରିଷଦ ପକ୍ଷରୁ ସେହି ସ୍ଥାନରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ଯାହାକି ସଂପୂର୍ଣ୍ଣ ଅନ୍ୟାୟ ଓ ସରକାରୀ ନିଷ୍ପତ୍ତିର ବିରୁଦ୍ଧାଚରଣ କରୁଅଛି। ଜିଲ୍ଲା ପ୍ରଶାସନ ଓ ପୌର କର୍ତ୍ତୃପକ୍ଷଙ୍କୁ ଏହି ତ୍ରୁଟି ସଂପର୍କରେ ବାରମ୍ବାର ଦର୍ଶାଇଥିଲେ ମଧ୍ୟ କଲ୍ୟାଣମଣ୍ଡପ ନିର୍ମାଣ କାର୍ଯ୍ୟରୁ କର୍ତ୍ତୃପକ୍ଷ ବିରତ ହୋଇନାହାନ୍ତି। ତେଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ଏହି ୪ଏକର ୭୨ଡିସିମିଲ୍ ଭୂସଂପତ୍ତି ଜିଲ୍ଲା ସ୍କୁଲ୍‌ନାମରେ ରେକର୍ଡ଼ଭୁକ୍ତ କରାଇ ତାହାର ସୁରକ୍ଷା ସହ ସ୍କୁଲ୍‌ର ଅଫିସ୍, ସମସ୍ତ ଶ୍ରେଣୀଗୃହ ଓ ହଷ୍ଟେଲ୍ ପ୍ରଭୃତି ଥିବା ୧୨ଏକର ୬୧ ଡିସିମିଲ୍ ଜମିର ସୁରକ୍ଷା ପାଇଁ ବାଲେଶ୍ୱର ସିଭିଲ୍ ସୋସାଇଟି, ଜିଲ୍ଲାସ୍କୁଲ୍‌ର ପରିଚାଳନା କମିଟି ଓ ପୁରାତନ ଛାତ୍ରସଂସଦର ପ୍ରତିନିଧିମାନେ ମଙ୍ଗଳବାର ଦିନ ଅପରାହ୍ନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦୃଢ଼ ଦାବି କରିଛନ୍ତି। ପ୍ରକାଶ ଥାଉକି, ବାଲେଶ୍ୱର ସିଭିଲ୍ ସୋସାଇଟିର କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ଓ ପରିଚାଳନା କମିଟିର ସଭାପତି ସଞ୍ଜିବ କୁମାର ମିଶ୍ରଙ୍କ ପକ୍ଷରୁ ମାନ୍ୟବର ଓଡ଼ିଶା ହାଇକୋର୍ଟ୍‌ରେ ଆଗତ ମୋକଦ୍ଦମା (ଡବ୍ଲ(ସି)-୨୪୮୮୬/୨୪ )ରେ ମାନ୍ୟବର ହାଇକୋର୍ଟ ସ୍କୁଲ୍ ସଂପତ୍ତି ଉପରେ କଲ୍ୟାଣମଣ୍ଡପ କିମ୍ବା କୌଣସି ନିର୍ମାଣକାର୍ଯ୍ୟ ଉପରେ ଜବାବ ତଲବ କରିଥିବା ସଂପର୍କରେ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସିଭିଲ୍ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ ନାୟକ, ସ୍କୁଲ୍ ପରିଚାଳନା କମିଟିର ସଭାପତି ସଞ୍ଜିବ କୁମାର ମିଶ୍ର, ପୁରାତନ ଛାତ୍ର ସଂସଦର ସଭାପତି ଡା. ସୁରେନ୍ଦ୍ରନାଥ ସାହୁ ପ୍ରମୁଖ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବିଭିନ୍ନ ସଂଗଠନ ତରଫରୁ ବରିଷ୍ଠ ଆଇନଜୀବୀ ଶରତ ମହାପାତ୍ର, ସୀତାରାମ ପ୍ରଧାନ, ଖଗେନ୍ଦ୍ର ସାହୁ, ଭାରତୀ ପଣ୍ଡା, ଶ୍ୟାମସୁନ୍ଦର ଜେନା, କମଳାକାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ପାତ୍ର, ଶରତ ଚନ୍ଦ୍ର ଦଳାଇ, ପୂର୍ବତନ ଶିକ୍ଷକ ନିରଞ୍ଜନ ପଣ୍ଡା, ସୋମନାଥ ନାୟକ, ଅରୁଣ ଜେନା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ




ସୁବର୍ଣ୍ଣପୁର,(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ମୟୂରଉଡାନ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି ।ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ବି. ଏମ. ପୁର ଶ୍ରୀଯୁକ୍ତ ଶାନ୍ତନୁ କୁମ୍ଭକାର ଯୋଗ ଦେଇ ସୁରଭି କିପରି ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ ପ୍ରତିଭା କୁ ପରିପ୍ରକାଶ କରେ ଏବଂ ରାଜ୍ୟରେ ଆମ ଜିଲ୍ଲାର କିପରି ସ୍ୱତନ୍ତ୍ର ସ୍ଥାନ ରହିଛି ତା ଉପରେ ଅଭିଭାଷଣ ରଖିଥିଲେ । ସଂଗୀତଜ୍ଞ ପୁଷ୍ପକ ରାୟ ଙ୍କ ରଚିତ ସ୍ୱାଗତ ସଂଗୀତ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀ ମାନେ ପରିବେଷଣ କରିଥିଲେ । ଖଇରଟିକିରା ଉ. ପ୍ରା. ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଆଦିତ୍ୟ କିଶୋର ଦାନୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସି ଆର ସି ସି ଶ୍ରୀଯୁକ୍ତ ଉମାକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଡି ବି ଏସ ଆଇ ଶ୍ରୀଯୁକ୍ତ ଅରକ୍ଷିତ ମିଶ୍ର ବିଦ୍ୟାଳୟ ପରିଚାଳନା ସଭାପତି ଶ୍ରୀଯୁକ୍ତ ରମେଶ ମିଶ୍ର ଯୋଗଦେଇଥିଲେ । ଖଲିଆପାଲି ଉ. ପ୍ରା. ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ପାତ୍ର ମଞ୍ଚ ପରିଚାଳନା କରିଥିଲେ । ସି ଆର ସି ସି ଶ୍ରୀଯୁକ୍ତ ବ୍ରତାନନ୍ଦ ଭୋଇ, ବୁଦ୍ଧଦେବ ସା , ହରିହର ସା, ଶିକ୍ଷକ ଗିରିଶ କୁମାର ତ୍ରିପାଠୀ ଙ୍କୁ ବିଚାରକ ଭାବରେ ସମ୍ମାନିତ କରାଯାଇଥିଲା । ମୟୂରଉଡାନ ସି ଆର ସି ସି ଧନ୍ୟବାଦ ଅର୍ପଣ କରିଥିଲେ ।ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଙ୍ଘ , ଖାରବେଳ ନଗର ରାଜ୍ୟ ସଭାନେତ୍ରୀ ଡ. ଅନିତା ମେହେର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ ଆଇନଜ୍ଞ ଶ୍ରୀଯୁକ୍ତ ପ୍ରଦୀପ ପୁରୋହିତ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରାଧାମାଧବ ମହାନ୍ତି,ରମେଶ ମେହେର, ପ୍ରଫୁଲ୍ଲ ବିଶ୍ୱାଳ, ବରିଷ୍ଠ ଶିକ୍ଷକ ବିଶ୍ୱବିହାରୀ ମିଶ୍ର, ପ୍ରଭାତ ବେହେରା ମଣିନ୍ଦ୍ର ମାହାକୁଡ଼, ଲିପିନା ପ୍ରଧାନ. ପୁଷ୍ପଲତା ସାହୁ, ଭାଗ୍ୟସିନୀ ମିଶ୍ର, ରଶ୍ମିତା ସାହୁ, ସୁଧାଂଶୁ ତ୍ରିପାଠୀ, ଦୁର୍ଯୋଧନ ମେହେର, ଅଜିତ ବେହେରା, ରତ୍ନାକର ସାହୁ, ଚିନ୍ମୟୀ ସେନାପତି, ଲଲଚାନ୍ଦ ରଣା,ପରଦେଶୀ ଖମାରି,ରାଜୀବ ରଥ, ସୁନନ୍ଦ ତ୍ରିପାଠୀ, ଚନ୍ଦନ ବାରିକ ମହିମା ଭୋଇ,କୋଶଲ ସୁନ୍ଦରୀ ଚୁମକି ମିଶ୍ର ସହଯୋଗ କରିଥିଲେ ।

# ପଣ୍ଡକିଟାଲରେ ରକ୍ତଦାନ ଶିବିର

ସୁବର୍ଣ୍ଣପୁର,(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ପଣ୍ଡକିଟାଲ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ପଣ୍ଡକିଟାଲ ଗ୍ରାମବାସୀ ଓ କୋଶଲ କ୍ରାନ୍ତି ମୋର୍ଚ୍ଚା ର ମିଳିତ ସହଯୋଗରେ ଭରଷା ପରିବାର ର ୧୮୮ ତମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ରକ୍ତଦାନ ଶିବିର ରେ ପଣ୍ଡକିଟାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀଯୁକ୍ତ ଗୋବିନ୍ଦ ସେଠ୍ ଫିତା କାଟି ଉଦଘାଟନ କରିଥିବା ବେଳେ ଗ୍ରାମର ଭକ୍ତ ପଧାନ, ଉପେନ୍ଦ୍ର ଭୋଇ, ସନ୍ତୋଷ ପଧାନ, କୈଳାଶ ପଧାନ,ସଚ୍ଚିଦା ଭୋଇ,ଗୋକୁଳ ବିହାରୀ ଦାଶ, ଭିକାରି ଚରଣ ପଧାନ, ହୃଷିକେଶ ଡାଙ୍ଗ,ସରୋଜ ମହାକୁର, ସୁନିଲ କୁମାର ସେଠ୍, ମିଥୁନ ପଧାନ, ଶତ୍ରୁଘନ କର୍ଣ୍ଣ, ବିଘ୍ନରାଜ ଅଦାବାର, ପିଙ୍କୁ ବିଶ୍ୱାଳ,ଟିକେଲାଲ ରାଉତ,ଗୋବିନ୍ଦ ମେହେର,ରାଜୁ ସାହୁ, ମନୋଜ ସାହୁ, ଲିଙ୍ଗରାଜ ସାହୁ, ବଜରଙ୍ଗ ବିଶ୍ୱାଳ, ହଳଧର ମେହେର, ତରଣୀ ମେସ୍ବା, ଗୋବିନ୍ଦ ସାହୁ ଏବଂ ପଣ୍ଡକିଟାଲ ଗ୍ରାମବାସୀ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ। ଏହି ରକ୍ତଦାନ ଶିବିରରେ ଦୁଇଜଣ ମହିଳା ରକ୍ତଦାତା ସମେତ ସର୍ବ ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ ହୋଇ ବୁର୍ଲା ରକ୍ତଭଣ୍ଡାର କୁ ପ୍ରେରଣ କରାଯାଇଥିଲା। ସମସ୍ତ ରକ୍ତଦାତା ତଥା ଜୀବନଦାତା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ସୁଶ୍ରୀ ସ୍ମୃତିରେଖା ନାଥଙ୍କୁ ଭବ୍ୟ ସମ୍ବର୍ଦ୍ଧନା




ଜଳେଶ୍ୱର, (ନିପ୍ର): ଗତ ୧୯ ତାରିଖ ଓଡ଼ିଶା ପ୍ରଶାସନିକ ସେବା ୨୦୨୨ ପରୀକ୍ଷା ରେ କୃତକାର୍ଯ୍ୟ ହୋଇଥିବା ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତ ସ୍ଥିତ ଗୋବର୍ଦ୍ଧନପୁର ଗ୍ରାମର ସୁଶ୍ରୀ ସ୍ମୃତିରେଖା ନାଥଙ୍କୁ ରାୟାଁରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ପକ୍ଷରୁ ମହା ଆଡମ୍ବରରେ ସମ୍ବର୍ଦ୍ଧିତ କରା ଯାଇଅଛି ।ସୋମବାର ସନ୍ଧ୍ୟା ୭ ଘଟିକା ସମୟରେ ଏକ ସମ୍ବର୍ଦ୍ଧନା ଉତ୍ସବ କୁଞ୍ଜ ହାଟ ପଡ଼ିଆ ଠାରେ ସମାଜସେବୀ ତଥା ସରପଞ୍ଚ ପ୍ରତିନିଧି ପ୍ରବୀର କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ସପନ କୁମାର ଦାସଙ୍କ ମଞ୍ଚ ଆହ୍ୱାନ କରିଥିବା ବେଳେ ବରିଷ୍ଠ ସମାଜସେବୀ ନନି ଗୋପାଳ ଦାସ ସଭାପତିତ୍ୱ କରିଥିଲେ। ସମ୍ମାନୀତ ଅତିଥି ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୁୟା ପ୍ରଧାନ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ରା.ରା.ପୁର ସରପଞ୍ଚ ଶୁଭସ୍ମିତା ଦାସ, ରା.ରା.ପୁର ସେବା ସମବାୟ ସମିତିର ସଭାପତି ରଶ୍ମିତା ନନ୍ଦ, ଜଳେଶ୍ୱର ଆଇନଜୀବି ସଂଘ ସଭାପତି କୁଞ୍ଜ ବିହାରୀ ଦାସ, ବ୍ଲକ ଉପାଧ୍ୟକ୍ଷା ମଧୁସୂଦନ ସେନାପତି, ଶିକ୍ଷାବିତ୍ ଲେଲିନ କୁମାର ପ୍ରଧାନ ମଞ୍ଚାସିନ ହୋଇ ସୁଶ୍ରୀ ସ୍ମୃତିରେଖା ନାଥଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମ ପଞ୍ଚାୟତର ପୂର୍ବତନ ବରିଷ୍ଠ ଶିକ୍ଷକ ଖଗେନ୍ଦ୍ର ନାଥ ସାହୁ ଓ ରାମକୃଷ୍ଣ ସାହୁ, ବସନ୍ତ କୁମାର ମାହାଣା, ସୁରେନ୍ଦ୍ର ନାଥ ପାଳ, ଆଇନଜୀବି ବିନୋଦ କୁମାର ଗିରି, ମନୋଜ କୁମାର ପରିଡ଼ା, ନିର୍ମଳ ଚନ୍ଦ୍ର ଦାସ, ବିଦୁ ଭୂଷଣ କାନନଗୋ, ଶ୍ରୀ ଶ୍ରୀ ଅନୁକୂଳ ତପୋବନ ହାଇସ୍କୁଲର ଶିକ୍ଷକ ଗଣ, ପୂର୍ବତନ ପ୍ରଧାନ ଶିକ୍ଷକ ବିନୋଦ କୁମାର ପାଳ, ଡାକ ବିଭାଗ ପୂର୍ବତନ କର୍ମଚାରୀ ଶିବ ମୁର୍ମୁ ପ୍ରମୁଖ ଉପସ୍ଥିତ ହୋଇ ସ୍ମୃତିରେଖାକୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ବକ୍ତବ୍ୟ ମାଧ୍ୟମରେ ତାଙ୍କର ଭବିଷ୍ୟତ କାମନା କରି ନିଜକୁ ଜଣେ କର୍ତ୍ତବ୍ୟ ପରାୟଣ ଅଧିକାରିଣୀ ହୋଇ ଲୋକଙ୍କୁ ସେବା ପ୍ରଦାନ କରିବାକୁ କହିଥିଲେ ।ନିଜେ ସ୍ମୃତିରେଖା ତାଙ୍କର ନିଜର ଚଲା ପଥର କାହାଣୀ ବାଖାଣିବା ସହିତ ସମସ୍ତଙ୍କ ଆଶିର୍ବାଦ କାମନା କରିଥିଲେ।

# ହର୍ବାଲାଇଫ ଇଣ୍ଡିଆର ଆଇରନମ୍ୟାନ ୭୦.୩ ଗୋଆ ୨୦୨୪ ସହିତ ଅଂଶୀଦାର

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ହର୍ବାଲାଇଫ, ଏକ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ତଥା ନିରାମୟ ପ୍ରଦାନକାରୀ କମ୍ପାନୀ, ଗୋଷ୍ଠୀ ତଥା ମଂଚ ଆଇରନମ୍ୟାନ ୭୦.୩ ଭାରତ ସହିତ ସହଭାଗୀତାର ଘୋଷଣା କରିବା ସହିତ କ୍ରମାଗତ ତୃତୀୟ ବର୍ଷ ପାଇଁ ମିଳିତ ଭାଗୀଦାରିତାର ସଂକେତ ପ୍ରଦାନ କରିଛି। ପ୍ରତିଷ୍ଠିତ ଖେଳକୁଦ ପାଇଁ ପୁଷ୍ଟିକର ର ଆବଶ୍ୟକତା ମାଧ୍ୟମରେ ଖେଳାଳୀ ମାନଙ୍କ ଦକ୍ଷତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟକୁ ନେଇ ହର୍ବାଲାଇଫ ନିଜର ପ୍ରତିଶ୍ରୁତିବଦ୍ଧତାକୁ ଏଭଳି ଏକ ରାଜିନାମା ମାଧ୍ୟମରେ ଆହୁରି ଅଧିକ ଦୃଷ୍ଟି ଆକର୍ଷଣ କରିଛି। ବିଶ୍ୱ ଟ୍ରାଇଥଲନ କର୍ପୋରେସନ (ଡ଼ବ୍ଲୁଟିସି) ସ୍ୱୀକୃତି ପ୍ରାପ୍ତ, ଏହି ଆଇରନମ୍ୟାନ ୭୦.୩ ଏକ ପ୍ରିମିୟମର ଲମ୍ବା-ଦୂରତ ଟ୍ରାଇଥଲମ ଖେଳ ଅଟେ। ଏହା ୧୧୩.୦ କି.ମି. ସମୁଦାୟ ଦୂରତ୍ୱ ପାର କରିବା ସହିତ ଏଥିରେ ଅନ୍ୟ ଯେଉଁ ଖେଳ ଗୁଡ଼ିକ ସାମିଲ ସେଗୁଡ଼ିକ ହେଲା ୧.୯ କି.ମି. ସନ୍ତରଣ, ୯୦ କି.ମି. ବାଇକ ଚାଳନା ଏବଂ ୨୧.୧ କି.ମି. ଦୌଡ଼ ଇତ୍ୟାଦି। ଏହି ଦୌଡ଼ ଗୋଆର ସେହି ଭୌଗୋଳିକ ରମଣୀୟ ଦୃଶ୍ୟ ରାଜିରେ ଅନୁଷ୍ଠିତ ହେବା ସହିତ ଅଂଶଗ୍ରହଣକାରୀ ଖେଳାଳୀମାନଙ୍କୁ ଏକ ଅଭୂତପୂର୍ବ ରୋମାଂଚକର ଅଭିଜ୍ଞତା ସହିତ ଏକ ପାଠ୍ୟକ୍ରମ ପାଇଁ ମଧ୍ୟ ଦାବୀଦାରିତା ପ୍ରଦାନ କରିଥାଏ। ଅନୁକୂଳତମ ଦକ୍ଷତା ତଥା ଶରୀରକୁ ଉପଯୁକ୍ତ ଜଳ ଯୋଗାଣର ଆବଶ୍ୟକତାକୁ ନେଇ ହର୍ବାଲାଇଫ ସେହି ଖେଳାଳୀମାନଙ୍କୁ ପୌଷ୍ଟିକତାର ପ୍ରୋତ୍ସାହନ ଦେବା ସହିତ ଏଥିପାଇଁ ଉପଯୋଗୀ ନିଜର ସାମଗ୍ରୀ ତଥା ଉତ୍ପାଦନକୁ ସଠିକ୍ ଭାବରେ ଗ୍ରହଣୀୟତାକୁ ସୁନିଶ୍ଚିତ କରିଥାଏ।

# ଜିନ୍ଦଲ ଓ ଜନ କକେରିଲ ମଧ୍ୟରେ ଯୋଗାଣ ସହଯୋଗିତା

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ବିସି ଜିନ୍ଦଲ ଗ୍ରୁପର ଅଂଶ ଜିନ୍ଦଲ (ଇଣ୍ଡିଆ) ଲିମିଟେଡ ପକ୍ଷରୁ ଉନ୍ନତ ମାନର କଲର କୋଟିଂ ଲାଇନ ପାଇଁ ଜନ କକେରିଲ ଇଣ୍ଡିଆ ଲିମିଟେଡ ସହ ଯୋଗାଣ ରାଜିନାମା ସ୍ୱାକ୍ଷର କରାଯାଇଛି। ଏହି ସହଯୋଗିତାର ଅଂଶ ସ୍ୱରୂପ ଜିନ୍ଦଲ (ଇଣ୍ଡିଆ) ଲିମିଟେଡର ରାଣୀହାଟୀ ୱାର୍କସରେ ଉନ୍ନତ ମାନର କଲର କୋଟିଂ ଲାଇନ ସ୍ଥାପନ କରାଯିବ। କୋଟେଡ ଇସ୍ପାତର ବାର୍ଷିକ ଉତ୍ପାଦନ କ୍ଷମତାରେ ଉଲ୍ଲେଖନୀୟ ବୃଦ୍ଧି ସହ ଉଚ୍ଚ ମାନର ଇସ୍ପାତ ବଜାରରେ ଜିନ୍ଦଲ (ଇଣ୍ଡିଆ) ଲିମିଟେଡ ଏହାର ଉପସ୍ଥିତିକୁ ଆହୁରି ସମ୍ପ୍ରସାରିତ କରିପାରିବ। ଏହି ଉନ୍ନତ କଲର କୋଟିଂ ଲାଇନ ଦ୍ୱାରା ଜିନ୍ଦଲ (ଇଣ୍ଡିଆ) ଲିମିଟେଡ ଉଚ୍ଚ ଗୁଣାତ୍ମକ ମାନର ଇସ୍ପାତ ଉତ୍ପାଦନ କରିପାରିବ। ସ୍ଥାନୀୟ ଉଚ୍ଚ ମାନର ଇସ୍ପାତ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ଭାବରେ ଉନ୍ନତି ଆଣି କମ୍ପାନି ଏହି ପ୍ରକଳ୍ପ ଜରିଆରେ ନିର୍ମାଣ ଓ ଆପ୍ଲାଏନସେସ କ୍ଷେତ୍ର ପାଇଁ ଏହାର ଉଚ୍ଚ ମାନର ଇସ୍ପାତ ଉତ୍ପାଦ ବର୍ଣ୍ଣମାଳାକୁ ସମ୍ପ୍ରସାରଣ କରିପାରିବ। ଜିନ୍ଦଲ (ଇଣ୍ଡିଆ) ଲିମିଟେଡର ଏହି ପୁଞ୍ଜିନିବେଶ ଦକ୍ଷତା ଏବଂ ସ୍ଥାୟିତ୍ୱକୁ ବଢ଼ାଇବା ସହିତ ପ୍ରିମିୟମ୍ ଇସ୍ପାତ ଉତ୍ପାଦ ଉତ୍ପାଦନ ପାଇଁ ଏହାର ସମର୍ପଣକୁ ଦର୍ଶାଉଛି।

# ବ୍ୟାଙ୍କ୍ ଅଫ ବରୋଦା ପକ୍ଷରୁ ବିଓବି ଉତ୍ସବ ଜମା ସ୍କିମ

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ଦେଶର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରାୟତ ବ୍ୟାଙ୍କ୍-ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ଏକ ୪୦୦ ଦିନିଆ ମିଆଦୀ ଜମା ସ୍କିମ ବିଓବି ଉତ୍ସବ ଜମା ସ୍କିମ ଘୋଷଣା କରାଯାଇଛି ଯାହା ସ୍ୱତନ୍ତ୍ର ଭାବେ ଏହି ବର୍ଷର ଉତ୍ସବ ଋତୁ ପାଇଁ ଅଣାଯାଇଛି । ଏହି ଜମା ସ୍କିମରେ ସାଧାରଣ ଗ୍ରାହକମାନେ ବାର୍ଷିକ ୭.୩୦ ପ୍ରତିଶତ, ବରିଷ୍ଠ ନାଗରିକ ଗ୍ରାହକମାନେ ବାର୍ଷିକ ୭.୮୦ ପ୍ରତିଶତ, ସୁପର ସିନିୟର ନାଗରିକ ବାର୍ଷିକ ୭.୯୦ ପ୍ରତିଶତ ଏବଂ ନନ-କଲେବଲ ଜମା ଉପରେ ବାର୍ଷିକ ୭.୯୫ ପ୍ରତିଶତ ପର୍ଯ୍ୟନ୍ତ ସୁଧ ମିଳିବ। ୨୦୨୪ ଅକ୍ଟୋବର ୧୪ରୁ ଏହି ସ୍କିମ୍ ଆରମ୍ଭ ହୋଇଥିବା ବେଳେ ଏହା ୩ କୋଟି ଟଙ୍କାରୁ କମ ମୂଲ୍ୟର ମିଆଦୀ ଜମା ଉପରେ ଲାଗୁ ହେବ। ବିଓବି ଉତ୍ସବ ହେଉଛି ଏକ ସୀମିତ ସମୟ ଅଫର। ଏହି ଉତ୍ସବ ଅଭିଯାନର ଅଂଶ ସ୍ୱରୂପ ବ୍ୟାଙ୍କ ପକ୍ଷରୁ ୩ ବର୍ଷରୁ ଅଧିକ ତଥା ପାଂଚ ବର୍ଷରୁ କମ ମିଆଦୀ ଜମା ଉପରେ ସୁଧ ହାରରେ ୦.୩୦ ପ୍ରତିଶତ ବୃଦ୍ଧି କରାଯାଇଛି ଯାହା ଫଳରେ ସେଥିରେ ସୁଧ ହାର ବାର୍ଷିକ ୬.୫୦ ପ୍ରତିଶତରୁ ବୃଦ୍ଧି ପାଇ ୬.୮୦ ପ୍ରତିଶତ ହୋଇଛି। ସୁଧରେ ହୋଇଥିବା ଏହି ବୃଦ୍ଧି ଦ୍ୱାରା ବିଓବି ଏସଡିପି (ସିଷ୍ଟମେଟିକ ଡିପୋଜିଟ ପ୍ଲାନ)ର ଗ୍ରାହକମାନେ ଉପକୃତ ହୋଇପାରିବେ ଯେଉଁମାନେ ୩ରୁ ୫ ବର୍ଷର ଅବଧି ପାଇଁ ନିଜର ମାସିକ ଅବଦାନକୁ ଅଧିକ ସୁଧ ହାରରେ ଲକ-ଇନ କରିବେ।

# ଭିମ ପକ୍ଷରୁ 'ମିଠି ଦିୱାଲୀ' ଅଭିଯାନ

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ନ୍ୟାସନାଲ ପେମେଂଟ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ)ର ସହାୟକ ସଂସ୍ଥା ଏନପିସିଆଇ ଭିମ ସର୍ଭିସେସ ଲିମିଟେଡ (ଏନବିଏସଏଲ) ପକ୍ଷରୁ ଚାଇଲଡ ରାଇଟସ ଆଣ୍ଡ ୟୁ (କ୍ରାଏ) ସହଯୋଗିତାରେ 'ମିଠି ଦିୱାଲୀ' ଅଭିଯାନର ଶୁଭାରମ୍ଭ କରାଯାଇଛି। ଭିମ ଆପ ଜରିଆରେ ହେଉଥିବା ପ୍ରତି ୧୦ କାରବାର ପାଇଁ ଏହି ଅଭିଯାନରେ ଅନଗ୍ରସର ପିଲାମାନଙ୍କୁ ମିଷ୍ଟାନ୍ନ ବଂଟନ କରାଯିବ। ମିଠି ଦିୱାଲୀ ଅଭିଯାନ ନିରବଚ୍ଛିନ୍ନ ଭାବେ ସାମାଜିକ ଉଦ୍ଦେଶ୍ୟ ସହିତ ଡିଜିଟାଲ ପେମେଂଟକୁ ସମନ୍ୱିତ କରିଛି ଯାହା ଭିମ ବ୍ୟବହାରକାରୀ ମାନଙ୍କୁ କ୍ୟାସଲେସ ପେମେଂଟର ସୁବିଧା ଉପଭୋଗ କରିବା ସହିତ ଏକ ଅର୍ଥପୂର୍ଣ୍ଣ ଅଭିଯାନ ପାଇଁ ଯୋଗଦାନ କରିବାରେ ସହାୟକ ହେଉଛି। ଦୈନନ୍ଦୀନ ବ୍ୟବହାରରେ ପରିବର୍ତ୍ତନ ନକରି, କେବଳ ନିଜର ନିୟମିତ ପେମେଂଟ ପାଇଁ ଭିମ ଆପକୁ ବ୍ୟବହାର କରି ଏହି ଅଭିଯାନରେ ଅଂଶଗ୍ରହଣ କରିବା ଲାଗି ବ୍ୟବହାରକାରୀ ମାନଙ୍କୁ ଉତ୍ସାହିତ କରାଯାଉଛି। ଏନବିଏସଏଲର ଚିଫ ବିଜନେସ ଅଫିସର ରାହୁଲ ହାଣ୍ଡା କହିଛନ୍ତି ଯେ, 'ଡିଜିଟାଲ ପେମେଂଟଜରିଆରେ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବାକୁ ଭିମ ଚାହୁଁଛି।

# ରଣଜୀ : ଓଡ଼ିଶା ବୋଲର ନିରାଶ, ବରୋଦାର ଅଗ୍ରଣୀ

## ଓଡ଼ିଶା ୧୯୩, ବରୋଦା ୩୫୪/୬ : ପୋଦ୍ଦାରଙ୍କୁ ୪ ୱିକେଟ, ବିଷ୍ଣୁ-ଶିବାଳିକ ଶତକରୁ ବଂଚିତ

ଭୁବନେଶ୍ୱର, ୨୭।୧୦: ବିପ୍ଳବ ସାମନ୍ତରାୟଙ୍କ ଅର୍ଦ୍ଧଶତକୀୟ ପାଳି ସହାୟତାରେ ଓଡ଼ିଶା ଖେଳୁଥିବା ରଣଜୀ ଟ୍ରଫି ମ୍ୟାଚ୍‌ର ପ୍ରଥମ ଦିନରେ ମାତ୍ର ୧୯୩ ରନ୍‌ର ସ୍କୋର କରିପାରିଥିବାବେଳେ ବରୋଦା ୨ୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ୬ ୱିକେଟ ହରାଇ ୩୫୪ ରନ୍ କରିଛି। ଫଳରେ ଦଳ ୧୬୧ ରନ୍‌ର ଅଗ୍ରଣୀ ହାସଲ କରିଛି। ମ୍ୟାଚ ଆହୁରି ଦୁଇଟି ବାକି ଥିବାରୁ ଭଲ ସ୍ଥିତିରେ ରହିଛି ବିରୋଦା। ଆଜି ଓଡ଼ିଶା ବୋଲରମାନେ ବରୋଦା ବ୍ୟାଟରଙ୍କୁ ରୋକିବାରେ ବିଫଳ ହୋଇଛି।

ଗତକାଲି ଦିନର ଷ୍ଟମ୍ପ ବେଳକୁ ଘରୋଇ ବରୋଦା ୧ ୱିକେଟ୍ ବିନିମୟରେ ୫୦ ରନ୍ ସଂଗ୍ରହ କରିଥିଲା। ଜେ, ସିଂହଙ୍କୁ ପାଳିର ଦ୍ୱିତୀୟ ତଥା ବ୍ୟକ୍ତିଗତ ପ୍ରଥମ ଓଭରରେ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଆଉଟ୍ କରି ପ୍ରାରମ୍ଭିକ ସଫଳତା ଦେଇଥିଲେ। ଶିବାଳିକ ଶର୍ମା ୨୮ ରନ୍‌ରୁ ଆରମ୍ଭ କରି ଦମଦାର ଇଂନିସ ଖେଳିଥିଲେ। ଶାଶ୍ୱତ ରାୱତ ୧୭ ରନରୁ ଆରମ୍ଭ କରି ଆଜି ଆଉ ୧୭ ଯୋଗ କରି ୩୪ ରନ୍ କରି ପୋଦ୍ଦାରଙ୍କ ଶିକାର ହୋଇଥିଲେ। ତେବେ ଶିବାଳିକ ଦୃଢତାର ସହ ବ୍ୟାଟିଂ କରିଥିଲେ। ଅନ୍ୟପକ୍ଷରେ ଅଭିମନ୍ୟୁସିଂହ ରାଜପୁତ ୧୦ ରନ୍ କରିଥିଲେ। ଶିବାଳିକ-ବିଷ୍ଣୁ ସୋଲାଙ୍କି ୪ର୍ଥ ୱିକେଟ ପାଇଁ ୧୨୧ ରନ୍ ଯୋଗ କରିବା ପରେ ଶିବାଳିକ ବ୍ୟକ୍ତିଗତ ୯୬ ରନ୍ କରି ପୋଦ୍ଦାରଙ୍କ ଦ୍ୱାରା ଆଉଟ୍ ହୋଇ ଶତକରୁ ବଂଚିତ ହୋଇଥିଲେ। ସେହିପରି ବିଷ୍ଣୁ ମଦଧ୍ୟ ୯୮ ରନ୍ କରି ଶତକରୁ ବଂଚିତ ହୋଇଥିଲେ। ଅଧିନାୟକ କୃଣାଳ ପାଣ୍ଡ୍ୟା ୮୮ ରନ୍ କରି ବ୍ୟାଟିଂ କରୁଛନ୍ତି। ନିନାଦ ରଥ ୧୦ ରନ୍ କରିଛନ୍ତି। ଓଡିଶା ପକ୍ଷରୁ ପୋଦ୍ଦାର ସର୍ବାଧିକ ୪ ୱିକେଟ ନେଇଛନ୍ତି।




ବଡ଼ୋଦରାର କୋଟାମ୍ବି ଷ୍ଟାଡିୟମ୍‌ରେ ସ୍ପିନରଙ୍କୁ ସୁହାଉଥିବା ପିଚ୍‌କୁ ଦେଖି ଓଡ଼ିଶା ତାହାର ଏକାଦଶରେ ଗୋଟିଏ ପରିବର୍ତ୍ତନ କରିଥିଲା। ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ ସ୍ଥାନରେ ବାମହାତୀ ସ୍ପିନର୍ ହର୍ଷିତ ରାଠୋଡ୍‌ଙ୍କୁ ସାମିଲ କରାଯାଇଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା କିନ୍ତୁ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୪୬ ରନ୍ ଭିତରେ ଅନୁରାଗ ଷଡ଼ଙ୍ଗୀ (୩), ସନ୍ଦୀପ ପଟ୍ଟନାୟକ (୯), ଶାନ୍ତନୁ ମିଶ୍ର (୨୩) ଓ ଗୋବିନ୍ଦ ପୋଦ୍ଦାର (୧୧) ପ୍ୟାଭିଲିୟନ ଫେରିଥିଲେ। ମଧ୍ୟାହ୍ନଭୋଜନ ପରେ କାର୍ତ୍ତିକ ବିଶ୍ୱାଳ (୧୬) ମଧ୍ୟ ଆଉଟ୍ ହୋଇଯାଇଥିଲେ। ବିପ୍ଳବଙ୍କ ସହ ଯୁବ ୱିକେଟ୍‌ରକ୍ଷକ ବ୍ୟାଟର୍ ଆଶୀର୍ବାଦ ସ୍ୱାଇଁ ଷଷ୍ଠ ୱିକେଟ୍‌ରେ ୭୨ ରନ୍‌ର ଭାଗୀଦାରି ଗଢ଼ି ଦଳକୁ ୧୫୦ ପାଖରେ ପହଞ୍ଚାଇଥିଲେ ଆଶୀର୍ବାଦ (୩୭)ଙ୍କୁ ମହେଶ ପିଠିଆ ଆଉଟ୍ କରି ଯୋଡ଼ି ଭାଙ୍ଗିବା ପରେ ପୁଣି ଥରେ ୱିକେଟ୍ ଖସିବା ଧାରା ଆରମ୍ଭ ହୋଇଥିଲା ଅବଶ୍ୟ ସୂର୍ଯ୍ୟକାନ୍ତ ପ୍ରଧାନ (୧୮) ତିନିଟି ଚେକା ମାରି ଶେଷ ଭାଗରେ କିଛିଟା ରୋମାଞ୍ଚ ଭରିଥିଲେ, ହେଲେ ସେ ଅଧିକ ସମୟ ବ୍ୟାଟିଂ କରିପାରି ନଥିଲେ ରକ୍ଷଣାତ୍ମକ ଖେଳି ଅର୍ଦ୍ଧଶତକ ଅର୍ଜନ କରିବା ପରେ ବିପ୍ଳବ (୫୮) ମଧ ମହେଶଙ୍କ ଶିକାର ହୋଇଥିଲେ। ଏହି ପାଳିରେ ମହେଶ ଚତୁର୍ଥ ୫ିକେଟ୍ ସଫଳତା ପାଇ ଓଡ଼ିଶାର ବିପର୍ଯ୍ୟୟ ଘଟାଇଥିଲେ ଆକାଶ ସିଂହ ଓ ଭାର୍ଗବ ଭଟ୍ଟ ୨ୱିକେଟ୍ ଲେଖାଏଁ ନେଇଥିଲେ।

# ସାମୂହିକ ବିଫଳତା ପାଇଁ ହାରିଲୁ : ରୋହିତ



ପୁଣେ, ୨୭।୧୦: ନ୍ୟୁଜିଲ୍ୟାଣ୍ଡ ଠାରୁ ଦ୍ବିତୀୟ ଟେଷ୍ଟ ସହ ସିରିଜ ହାରି ଯାଇଛି ଟିମ ଇଣ୍ଡିଆ। ଭାରତ ମାଟିରେ ଦଳ ୧୨ ବର୍ଷ ପରେ କୌଣସି ଟେଷ୍ଟ ସିରିଜ ହାରିଥିବା ବେଳେ ନ୍ୟୁଜିଲ୍ୟାଣ୍ଡ ୬୯ ବର୍ଷ ମଧ୍ୟରେ ପ୍ରଥମଥର ଭାରତ ମାଟିରେ ଟେଷ୍ଟ ସିରିଜ ଜିତିବାକୁ ସକ୍ଷମ ହୋଇଛି।ମିଚେଲ ସାଣ୍ଟନରଙ୍କ ଘାତକ ବୋଲି ଯୋଗୁ ନ୍ୟୁଜିଲ୍ୟାଣ୍ଡ ୧୧୩ ରନରେ ପୁଣେ ଟେଷ୍ଟକୁ ଜିତି ଗୋଟିଏ ମ୍ୟାଚ୍ ପୂର୍ବରୁ ସିରିଜ କବଜା କରିଛି।ଏହି ପରାଜୟ ପରେ ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା ବଡ଼ ବୟାନ ଦେଇଛନ୍ତି ଭାରତୀୟ ଟିମ କାହିଁକି ହାରିଲା, ସେକଥା ମଧ କହିଛନ୍ତି।

ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ସୃଷ୍ଟି ହୋଇଥିବା ଚ୍ୟାଲେଞ୍ଜକୁ ମୁକାବିଲା କରିବାରେ ଟିମ ଫେଲ ମାରିଛି ବୋଲି ରୋହିତ ମତ ରଖିଛନ୍ତି। ସେ କହିଛନ୍ତି, ନିରାଶାଜନକ ଏହା ଆମେ ଆଶା କରୁ ନଥିଲୁ। ସବୁ ଶ୍ରେୟ ନ୍ୟୁଜିଲ୍ୟାଣ୍ଡକୁ ଦେବାକୁ ପଡ଼ିବ। ସେମାନେ ଅମେ ଠାରୁ ଭଲ ଖେଳିଛନ୍ତି। ଅମେ କିଛି ନିର୍ଦ୍ଦିଷ୍ଟ ମୁହୂର୍ତ୍ତର ଫାଇଦା ଉଠାଇ ପାରି ନାହୁଁ। ଆମେ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ଠିକ ଭାବେ କରି ପାରିନୁ। ଏଥିପାଇଁ ଅମେ ଏପରି ସ୍ଥିତି(ପରାଜୟ)ର ସମ୍ମୁଖୀନ ହୋଇଛୁ।

ଅମେ ବୋର୍ଡରେ ରନ ସ୍କୋର କରିବା ପାଇଁ ଭଲ ବ୍ୟାଟିଂ କରିନାହୁଁ। ବିଜୟ ପାଇଁ ୨୦ ୱିକେଟ ଦଖଲ କରିବାର ଆବଶ୍ୟକତା ଅଛି ସତ, କିନ୍ତୁ ବ୍ୟାଟରମାନଙ୍କୁ ମଧ ରନ କରିବାକୁ ପଡ଼ିବ। ସେମାନଙ୍କୁ ୨୫୫ ରନରେ ରଖିବା ଗୋଟିଏ ଭଲ କମବ୍ୟାକ ଥିଲା।କିନ୍ତୁ ଆମେ ଜାଣିଥିଲୁ ଯେ ଏହା ଚ୍ୟାଲେଞ୍ଜିଂ ହେବ। ପ୍ରଥମ ଇନିଂସରେ ସେମାନେ ପ୍ରାୟ ୨୦୦ ରନରେ ୩ ୱିକେଟ ହରାଇଥିଲେ। ଏହାପରେ ସେମାନଙ୍କୁ ଆମେ ୨୫୯ ରନରେ ଅଟକାଇବା ଗୋଟିଏ ଭଲ ପ୍ରଦର୍ଶନ ଥିଲା। ଏହା ଏମିତି ଏକ ପିଚ ନଥିଲା, ଯେଉଁଠାରେ ବହୁତ କିଛି ଘଟୁଥିଲା ବୋଲି କହିପାରିବା ନାହିଁ। ଆମେ ଭଲ ବ୍ୟାଟିଂ କରି ନାହୁଁ। ନ୍ୟୁଜିଲ୍ୟାଣ୍ଡର ପ୍ରଥମ ଇନିଂସର ସ୍କୋରର ଆଉ ଟିକିଏ ପାଖକୁ ଆମେ ଯାଇଥିଲେ, ସମ୍ଭବତଃ ରେଜଲ୍ଟ ଅନ୍ୟ କିଛି ହୋଇଥାଆନ୍ତା। ଆମକୁ ଏବେ ୱାଙ୍ଖେଡେ(ତୃତୀୟ ଟେଷ୍ଟ)ରେ ସବୁ କିଛି ଦେଖାଇବାର ଅଛି ଓ ଉକ୍ତ ଟେଷ୍ଟକୁ ଜିତିବାର ଅଛି।

ମ୍ୟାଚ ହାରିବାର କାରଣ କଣ ପ୍ରଶ୍ନରେ ରୋହିତ କହିଛନ୍ତି, ଏହା ଏକ ସାମୂହିକ ବିଫଳତା। ମୁଁ ସେମିତି ଅଧିନାୟକ ଯିଏ ବ୍ୟାଟର କିମ୍ବା ବୋଲରଙ୍କୁ ଦାୟୀ କରିବି। ଆମେ ଅଧିକ ଭଲ ଚିନ୍ତାଧାରା ଓ ଉଦ୍ଦେଶ୍ୟ ରଖି ଆସିବୁ ୱାଙ୍ଖେଡେରେ ଭଲ ମେଥଡ ଓ ରଣନୀତି ସହ ଓହ୍ଲାଇବୁ।

ନ୍ୟୁଜିଲ୍ୟାଣ୍ଡ ୧୯୫୫ରୁ ଭାରତରେ ଏକାଧିକ ଥର ଟେଷ୍ଟ ସିରିଜ ଖେଳିଥିଲେ ହେଁ କେବେ ହେଲେ ଜିତିବାକୁ ସକ୍ଷମ ହୋଇ ନଥିଲା। କିନ୍ତୁ ପ୍ରାୟ ୭୦ ବର୍ଷ ପରେ ଦଳ ଗୋଟିଏ ମ୍ୟାଚ୍ ପୂର୍ବରୁ ୨-୦ରେ ସିରିଜ କବଜା କରି ନେଇଛି।

# ଆଫଗାନିସ୍ତାନ ଏସିସି ପୁରୁଷ ଇମର୍ଜିଂ ଏସିଆ କପ୍ ଚାମ୍ପିଅନ୍




ମସ୍କାଟ, ୨୭।୧୦: କ୍ରିକେଟରେ ନୂଆ ଇତିହାସ ପ୍ରଥମ ଥର ପାଇଁ ଏସିସି ପୁରୁଷ ଇମର୍ଜିଂ ଏସିଆ କପ୍ ୨୦୨୪ ଚାମ୍ପିୟନ ହୋଇଛି ଆଫଗାନିସ୍ତାନ। ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ କେବଳ ୧୩୩ ରନ କରିପାରିଥିଲା ଶ୍ରୀଲଙ୍କା ଏ।ଜବାବରେ ଆଫଗାନିସ୍ତାନ ଏ କେବଳ ୧୮.୧ ଓଭରରେ ଲକ୍ଷ୍ୟ ହାସଲ କରି ଇତିହାସ ରଚିଛି।

ଓମାନରେ ଇମର୍ଜିଂ ଏସିଆ କପ୍ ୨୦୨୪ ଖେଳାଯାଇଥିଲା। ଏହି ଟୁର୍ଣ୍ଣାମେ□ର ଫାଇନାଲ ମ୍ୟାଚ୍ ଆଫଗାନିସ୍ତାନ ଏ ଏବଂ ଶ୍ରୀଲଙ୍କା ଏ ମଧ୍ୟରେ ଖେଳାଯାଇଥିଲା। ଆଫଗାନିସ୍ତାନ ଏ ଦଳ ଏହି ମ୍ୟାଚକୁ ୭ ୱିକେଟରେ ଜିତିନେଇଛି । ।ଫଗାନିସ୍ତାନ ଦଳ ପ୍ରଥମ ଥର ପାଇଁ ଇମର୍ଜିଂ ଏସିଆ। କପ୍ ଟାଇଟଲ୍ ଜିତିଛି। ଦ୍ୱିତୀୟ ସେମିଫାଇନାଲରେ ଭାରତକୁ ହରାଇ ଆଫଗାନିସ୍ତାନ ଫାଇନାଲରେ ପ୍ରବେଶ କରିଥିଲା।ଆଫଗାନିସ୍ତାନ ଏ ଏବଂ ଶ୍ରୀଲଙ୍କା ଏ ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ହେଲେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ମାତ୍ର ୧୩୩ ରନ୍ ସଂଗ୍ରହ କରିଥିଲା ଏବଂ ଆଫଗାନିସ୍ତାନକୁ ଇତିହାସ ରଚିବା ପାଇଁ କେବଳ ୧୩୪ ରନର ଲକ୍ଷ୍ୟ ଦେଇଥିଲା। ଏହାର ଜବାବରେ ଆଫଗାନିସ୍ତାନ ଦଳ କେବଳ ୧୮.୧ ଓଭରରେ ୩ ୱିକେଟ୍ ହରାଇ ଏହି ଟାର୍ଗେଟକୁ ହାସଲ କରିନେଇଥିଲା। ଆଫଗାନିସ୍ତାନ କ୍ରିକେଟ୍ ଇତିହାସରେ ଏହା ଏକ ଐତିହାସିକ ବିଜୟ।

# ଭାରତକୁ ସୁଲ୍‌ତାନ୍ ଜୋହର୍ କପ୍ କାଂସ୍ୟ




ଜୋହର ବାହରୁ: ହକି ଫିଲ୍ଡରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି ଭାରତ। ଭାରତୀୟ ହକି ଦଳ ଏଠାରେ ଆୟୋଜିତ ସୁଲ୍‌ତାନ୍ ଅଫ୍ ଜୋହର କପ୍ ପ୍ରତିଯୋଗିତାରେ ଭାରତ ଓ ନ୍ୟୁଜିଲାଣ୍ଡ କାଂସ୍ୟ ପଦକ ପାଇଁ ମୁହାଁମୁହିଁ ହୋଇଥିଲେ। ଏହି ତୀବ୍ର ସଂଘର୍ଷପୂର୍ଣ୍ଣ ତଥା ଉତ୍କଣ୍ଠାପୂର୍ଣ୍ଣ ମୁକାବିଲାରେ ଭାରତ ସୁଟ୍‌ଆଉଟ୍‌ରେ ନ୍ୟୁଜିଲାଣ୍ଡକୁ ୩-୨ (୨-୨) ଗୋଲ୍‌ରେ ହରାଇ ପ୍ରଥମ ତିନି ସ୍ଥାନରେ ରହିବାର ଗୌରବ ଲାଭ କରିଥିଲା। ଭାରତୀୟ ଗୋଲ୍ ରକ୍ଷକ ବିକ୍ରମଜିତ ସିଂହ ଅସାଧାରଣ ଏକାଗ୍ରତାର ପରିଚୟ ଦେଇ ନ୍ୟୁଜିଲାଣ୍ଡ ଖେଳାଳିଙ୍କ ତିନିଟି ସଟ୍‌କୁ ରୋକିବା ସହ ଭାରତକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।

ସେହିଭଳି ଭାରତ ପକ୍ଷରୁ ଗୁରଜ୍ୟୋତ ସିଂହ, ମନମୀତ ସିଂହ ଓ ସୌରଭ ଆନନ୍ଦ ସୁଟ୍‌ଆଉଟ୍‌ରେ ସଫଳତାର ସହ ଗୋଲ୍ କରି ନ୍ୟୁଜିଲାଣ୍ଡ ପଞ୍ଝାରୁ ପଦକ ଛଡ଼ାଇ ଆଣିଥିଲେ। ଏହା ପୂର୍ବରୁ ନିର୍ଦ୍ଧାରିତ ସମୟରେ ଦିଲରାଜ ସିଂହ (୧୧ ମିନିଟ୍) ଓ ମନମୀତ ସିଂହ (୨୦ ମିନିଟ୍) ପ୍ରଥମ ଦୁଇ କ୍ୱାର୍ଟରରେ ଦୁଇଟି ଗୋଲ୍ ଦେଇ ଭାରତକୁ ଆଗୁଆ ରଖିଥିଲେ। ତେବେ ନ୍ୟୁଜିଲାଣ୍ଡ ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଓଏନ୍ ବ୍ରାଉନ୍ (୫୧ ମିନିଟ୍) ଓ ଜ□ ଏମ୍ସ (୫୭ ମିନିଟ୍)ରେ ୬ ମିନିଟ୍ ଭିତରେ ଦୁଇଟି ଗୋଲ୍ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ସୁଟ୍‌ଆଉଟ୍‌ରେ କିନ୍ତୁ ଭାରତ ବାଜି ମାରି ନେଇ ପୋଡିୟମ୍ ଫିନିସ୍ ପାଇଥିଲା। ଅନ୍ୟପକ୍ଷରେ ଫାଇନାଲ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆକୁ ୩-୨ ଗୋଲ୍‌ରେ ହରାଇ ଗ୍ରେଟ୍ ବ୍ରିଟେନ୍ ବିଜେତା ହୋଇଛି।

# ରିଜୱାନ ପାକିସ୍ତାନ ଦିନିକିଆ ଦଳର ଅଧିନାୟକ



ନୂଆଦିଲ୍ଲୀ, ୨୭।୧୦: ପାକିସ୍ତାନ କ୍ରିକେଟ ବୋର୍ଡ ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ଦଳରେ ବଡ ପରିବର୍ତ୍ତନ କରିଛି। ବାବର ଦିନିକିଆ ଏବଂ ଟି୨୦ କ୍ରିକେଟରୁ ଅବସର ନେବା ପରେ ଏବେ ରିଜୱାନଙ୍କୁ ସୀମିତ ଓଭର ମୁକାବିଲା ପାଇଁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଅଷ୍ଟ୍ରେଲିଆ ଗସ୍ତରୁ ରିଜୱାନ ତାଙ୍କର ଦାୟିତ୍ୱ ସମ୍ଭାଳିବେ ଅଷ୍ଟ୍ରେଲିଆ ଗସ୍ତରେ ପାକିସ୍ତାନ ତିନୋଟି ଦିନିକିଆ ଏବଂ ତିନୋଟି ଟି୨୦ ମୁକାବିଲା ଖେଳିବ ଆସନ୍ତା ବର୍ଷ ପାକିସ୍ତାନରେ ହେବାକୁ ଥିବା ଚମ୍ପିଆନ୍ସ ଟ୍ରଫି ପୂର୍ବରୁ ପିସିବି ଏହି ବଡ଼ ନିଷ୍ପତ୍ତି ନେଇଛି। ଅନ୍ୟପଟେ ଶାନ ମସୁଦ ଟେଷ୍ଟ ଟିମର ନେତୃତ୍ୱ ନେଉଛନ୍ତି।

ସେହିପରି ଅଲରାଉଣ୍ଡର ସଲମାନ ଅଲି ଆଘାଙ୍କୁ ସୀମିତ ଓଭର ପାଇଁ ପାକିସ୍ତାନ ଦଳର ଉପଅଧିନାୟକ ନିଯୁକ୍ତ କରାଯାଇଛି। ଖବରଦାତାଙ୍କ ସହିତ ଆଲୋଚନା କରି ପିସିବି ଚେୟାରମ୍ୟାନ ମୋହସିନ ନଖବି କହିଛନ୍ତି, ଆମେ ଖେଳାଳି ମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବୁ, ଯାହା ସେମାନଙ୍କୁ ଆବଶ୍ୟକତା ରହିଛି। ଖବରଦାତା ସମ୍ମିଳନୀରେ ନକଭି କହିଛନ୍ତି ଯେ ବୋର୍ଡ ବାବର ଆଜାମଙ୍କୁ ଅଧିନାୟକ ଛାଡିବାକୁ ବାଧ କରି ନାହିଁ ଏହା ବାବରଙ୍କର ନିଜସ୍ ନିଷ୍ପତ୍ତି ଥିଲା ଏବଂ ସେ ଅଧିନାୟକ୍ ଛାଡି ନିଜ ଖେଳ ଉପରେ ଧ୍ୟାନ ଦେବାକୁ ଚାହୁଁଥିଲେ। ଆମେ ଆପଣଙ୍କୁ କହି ରଖୁଛୁ ଯେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଆରମ୍ଭ ହେବା ପୂର୍ବରୁ ବାବର ଆଜାମ ଘୋଷଣା କରିଥିଲେ ଯେ ସେ ହ୍ୱାଇଟ ବଲ୍ କ୍ରିକେଟ୍ ରେ ଦଳର ଅଧିନାୟକତ୍ୱ ଛାଡ଼ିଛନ୍ତି। ମହମ୍ମଦ ରିଜୱାନ ପାକିସ୍ତାନ ପାଇଁ ୭୪ ଟି ଦିନିକିଆ। ଏବଂ ୧୦୨ ଟି-୨୦ ମ୍ୟାଚ ଖେଳିଛନ୍ତି। ଏହିସମୟରେ ସେ ୫୪୦୧ ରନ୍ ସ୍କୋର କରିଛନ୍ତି।

ଏହି ସମୟରେ ଜିମ୍ବାୱେ ଏବଂ ଅଷ୍ଟ୍ରେଲିଆ। ଗସ୍ତ ପାଇଁ ଦଳ ଘୋଷଣା କରିଛି ପିସିବି। ପୂର୍ବତନ ଅଧିନାୟକ ବାବର ଆଜମଙ୍କୁ ଜିମ୍ବାୱେ ଗସ୍ତ ପାଇଁ ଦଳରେ ସାମିଲ କରାଯାଇନାହିଁ। ଦ୍ରୁତ ବୋଲର ଶାହୀନ ଆଫ୍ରିଦି ଏବଂ ନସିମ ଶାହାଙ୍କୁ ମଧ ଜିମ୍ବାୱେ ଗସ୍ତରେ ସାମିଲ କରାଯାଇନାହିଁ। ଏହି ତିନି ଖେଳାଳିଙ୍କୁ ଇଂଲଣ୍ଡ ବିପକ୍ଷ ଶେଷ ଦୁଇ ମ୍ୟାଚ ପୂର୍ବରୁ ପାକିସ୍ତାନ ଦଳରୁ ବାହାର କରାଯାଇଥିଲା।ତେବେ ଅଷ୍ଟ୍ରେଲିଆ ଗସ୍ତ ପାଇଁ ବାବର, ଶାହୀନ ଏବଂ ନସିମଙ୍କୁ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଉଭୟ ଦଳରେ ସାମିଲ କରାଯାଇଛି। କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି କି ପାକିସ୍ତାନ ବିନା ଅଧିନାୟକରେ ହିଁ ଦଳ ଘୋଷଣା କରିଛି। କିଛିଦିନ ତଳେ ବାବର ଦିନିକିଆ ଏବଂ ଟି୨୦ ଦଳର ଅଧିନାୟକ ପଦ ଛାଡି ଦେଇଥିଲେ ତେବେ ଆଗାମୀ ଖବରଦାତା ସମ୍ମିଳନୀରେ ପାକିସ୍ତାନ ଅଧିନାୟକ ଘୋଷଣା କରିପାରେ ପାକିସ୍ତାନ ଟିମ୍ ପ୍ରଥମେ ଅଷ୍ଟ୍ରେଲିଆ। ଏବଂ ପରେ ଜିମ୍ବାୱେପ ଗସ୍ତରେ ଯିବ।

# ଜାତୀୟ ଦୃଷ୍ଟିହୀନ ଜୁଡୋରେ ପ୍ରଥମ ଥର ଓଡିଶାରୁ ୫ ପ୍ରତିଯୋଗୀ

ପାରାଦୀପ, ୨୭।୧୦(ମହାଭାରତ)- ପ୍ରଥମ ଥର ଜାତୀୟ ଦୃଷ୍ଟିହୀନ ଜୁଡୋ ପ୍ରତିଯୋଗିତାରେ ଓଡ଼ିଶାର ୫ ଜଣ ଯୁବକ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଏହି ପ୍ରତିଯୋଗିତା ଇଣ୍ଡିଆନ୍ ବ୍ଲାଇଣ୍ଡ୍ ଫେଡେରେସନ୍ ପକ୍ଷରୁ ଲକ୍ଷ୍ନୌ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ଓଡ଼ିଶା ରୁ ଏହି ପ୍ରତିଯୋଗୀ ମାନେ ମନୋନୀତ ହୋଇଛନ୍ତି। ପୂର୍ବରୁ

## ସହଯୋଗ କଲା ପାରାଦୀପ ବନ୍ଦର

ଯଦିଓ ଜିଲ୍ଲା ସ୍ତରରେ ଅନୁଷ୍ଠିତ କେତେକ ଖେଳରେ ଏହି ଦୃଷ୍ଟି ହୀନ ଯୁବକମାନେ ଅଂଶଗ୍ରହଣ କରିଥିଲେ ଏଥର କିନ୍ତୁ ପ୍ରଥମ ଥର ପାଇଁ ଜାତୀୟ ସ୍ତରରେ ଆମ ଓଡ଼ିଶା ର ପ୍ରତିନିଧି କରିବାର ସୁଯୋଗ ପାଇଛନ୍ତି। ତେବେ ଓଡିଶା ଷ୍ଟେଟ୍ ବ୍ଲାଇଣ୍ଡ ଆଣ୍ଡ ପାରା ଜୁଡୋ ଆସୋସିଏସନ ପକ୍ଷରୁ ମନୋନୀତ କରାଯାଇଥିବା ଏହି ୫ଜଣ ଖେଳାଳି ମାନେ ହେଲେ କଳାହାଣ୍ଡି ଜିଲ୍ଲା ର ମୋହନ ସାହୁ, ବାଲେଶ୍ୱର ଜିଲ୍ଲା ର ଗୌତମ ସାହୁ, କେନ୍ଦ୍ରାପଡା ଜିଲ୍ଲା ର ଚନ୍ଦ୍ରକାନ୍ତ ସାହୁ, ଗଞ୍ଜାମ ଜିଲ୍ଲା ର ପ୍ରସାଦ କୁମାର ସ୍ୱାଇଁ ଓ କୋରାପୁଟ ଜିଲ୍ଲା ର ଅର୍ଜୁନ



ପେଣ୍ଟିଆ। ତେବେ ଏହି ପିଲାମାନଙ୍କୁ ଦିନ ରାତି ଏକ କରି ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଓଡ଼ିଶା ପକ୍ଷରୁ ପ୍ରସ୍ତୁତ କରାଇଛନ୍ତି।

ଓଡିଶା ବ୍ଲାଇଣ୍ଡ ଆଣ୍ଡ ପାରା ଜୁଡୋ ଆସୋସିଏସନ ର ସମ୍ପାଦିକା ତଥା ଜୁଡୋ କୋଚ୍ ଲୋପାମୁଦ୍ରା ପତି ପୁର୍ବରୁ ପାରା ଅଲମ୍ପିକ୍ସ ଗେମ୍ ରେ ଏହିପରି ଦୃଷ୍ଟି ହୀନ ୨୪ ବର୍ଷିୟ ଯୁବକ କପିଲ୍ କୁମାର ବ୍ରୋଞ୍ଜ୍ ପଦକ ହାସଲ କରିପାରିଛନ୍ତି। ଯାହାକୁ ନେଇ ଅନ୍ୟ ଦୃଷ୍ଟି ହୀନ ଯୁବକମାନଙ୍କ ମଧ୍ୟରେ ଏକପ୍ରକାର ଉତ୍ସାହ ଓ ପ୍ରେରଣା ଯୋଗାଇଛି। ତେବେ ପିଲାମାନଙ୍କର ଉତ୍ସାହ ଦେଖି ସେମାନଙ୍କୁ ବହୁତ ପରିଶ୍ରମ କରାଯାଇ ଏହି ଜାତୀୟ ସ୍ତରରେ ହେଉଥିବା ଜୁଡୋ ଖେଳ ପାଇଁ ପ୍ରସ୍ତୁତ କରାଯାଇଛି। ତେବେ ଏହି ପିଲାମାନେ କିପରି କୃତି ଅର୍ଜନ କରିବେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ କିପରି ପାରା ଅଲମ୍ପିକ୍ସ ରେ ଦେଶର ପ୍ରତିନିଧି କରିବେ ସେଥିପାଇଁ ସମସ୍ତଙ୍କ ଆଶ୍ରୀର୍ବାଦ ଭିକ୍ଷା କରିଛନ୍ତି କୋଚ୍ ଲୋପାମୁଦ୍ରା ଜାତୀୟ ସ୍ତରରେ ଜୁଡୋ ଖେଳରେ ଅଂଶଗ୍ରହଣ କରିବାକୁ ଓଡ଼ିଶା ପକ୍ଷରୁ ମନୋନୀତ ହୋଇଥିବା ରୁ ଏହି ଦୃଷ୍ଟି ହୀନ ଯୁବକମାନେ ବେଶ୍ ଉତ୍ସାହିତ ହୋଇ ପଡିଛନ୍ତି ତେବେ ଏହି ଖେଳ ଏକ ସ୍ୱତନ୍ତ୍ର ଖେଳ କାହିଁକି ନାଁ କିଛି ଦେଖି ପାରୁନଥିବାରୁ ସମ୍ପୁର୍ଣ୍ଣ ଅନ୍ଧାର ରେ ଖେଳିବା ପରି ନିଜକୁ ବଞ୍ଚାଇବା ସହ ପ୍ରତିପକ୍ଷ ପ୍ରତିଯୋଗୀ କୁ ହରାଇବା ଏହି ଖେଳରେ ମୁଖ୍ୟ ଲକ୍ଷ ସେଥିପାଇଁ ଆମେ ସମସ୍ତ ପ୍ରକାର କଳା କୌଶଳ ଶିଖିଛୁ ଏବଂ ନିଶ୍ଚୟ ଆମ ରାଜ୍ୟ ଓଡ଼ିଶା ଗୌରବ ଆଣିଦେବୁ ବୋଲି ଦୃଢ ମନୋବଳ ସହକାରେ କହିଛନ୍ତି ଦୃଷ୍ଟିହୀନ ଜୁଡୋ ଖେଳାଳି ତେବେ ଖେଳାଳି ଙ୍କ ଆବଶ୍ୟକ ଆନୁଷଙ୍ଗିକ ବିଦ୍ଧି ବ୍ୟବସ୍ଥା ଯାହାକୁ ସମ୍ପୁର୍ଣ୍ଣ ସାହାଯ୍ୟ ସହଯୋଗ ଯୋଗାଇ ଦେଇଛନ୍ତି ପାରାଦୀପ ବନ୍ଦର କ୍ରୀଡା ପରିଷଦ। ପାରାଦୀପ ବନ୍ଦର ସବୁବେଳେ ଖେଳ ଓ ଖେଳାଳି ଙ୍କୁ ପ୍ରୋତ୍ସାହନ ଯୋଗାଇ ଆସୁଛି ସେହି ଦୃଷ୍ଟି ରୁ ଏହି ୫ଜଣ ଖେଳାଳି ଙ୍କ ପାଇଁ ଜୁଡୋ ପୋଷାକ ପ୍ରଦାନ କରିବା ସହ ସେମାନଙ୍କ ମନୋବଳ ବଢାଇବା ପାଇଁ ଶୁଭ କାମନା କରିଛନ୍ତି ପାରାଦୀପ ବନ୍ଦର କ୍ରୀଡା ପରିଷଦ ର ସଭାପତି ଡି.ଏନ.ସୋନ୍ଧି, କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା,କ୍ରୀଡା ଉପଦେଷ୍ଟା ରବି ଦାସ, ବରିଷ୍ଠ ଭଲିବଲ ପ୍ରଶିକ୍ଷକ ସଞ୍ଜୟ ଦାସ ପ୍ରମୁଖ।

# ପାକିସ୍ତାନର ଅପ୍ରତ୍ୟାଶିତ ସିରିଜ୍ ବିଜୟ

ରାଲପିଣ୍ଡି: ଅପ୍ରତ୍ୟାଶିତ ପ୍ରତ୍ୟାବର୍ତ୍ତନ କରି ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାକୁ ପାକିସ୍ତାନ ଜିତି ନେଇଛି। ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ୫୫୬ ରନ୍ କରିବା ସତ୍ତ୍ୱେ ହାରିଯାଇଥିବା ପାକିସ୍ତାନ ପରବର୍ତ୍ତୀ ଦୁଇ ଟେଷ୍ଟରେ ବିଜୟୀ ହୋଇ ୨-୧ରେ ଏହି ସଫଳତା ପାଇଛି। ସବୁଠାରୁ ବଡ଼ କଥା ହେଲା ଦୁଇ ସପ୍ତାହ ତଳେ ଅଲୋଡ଼ା ତଥା ଉପେକ୍ଷିତ ଥିବା ପାକିସ୍ତାନର ଦୁଇ ଘରୋଇ କ୍ରିକେଟର୍ ନୋମାନ ଅଲୀ ଓ ସାଜିଦ୍ ଖାନ୍ ଗତ ଦୁଇ ଟେଷ୍ଟକୁ ପ୍ରତ୍ୟାବର୍ତ୍ତନ କରି ମିଳିତ ଭାବେ ୪୦ରୁ ୩୯ ୱିକେଟ୍ ଦଖଲ କରି ଇଂଲଣ୍ଡକୁ ଏହି ପରାଜୟ ମୁହଁକୁ ଠେଲି ଦେଇଛନ୍ତି। ଶେଷ ହୋଇଥିବା ରାଲପିଣ୍ଡି ଟେଷ୍ଟରେ ପାକିସ୍ତାନ ୯ ୱିକେଟ୍‌ରେ ବିଜୟୀ ହୋଇଛି ସାଜିଦ୍ ଖାନ୍ ୧୦ ୱିକେଟ୍ (୬/୧୨୮ ଓ ୪/୬୯) ଏବଂ ନୋମାନ ଅଲୀ ୯ ୱିକେଟ୍ (୩/୮୮ ଓ ୬/୪୨) ଦଳର ବିଜୟରେ କର୍ଣ୍ଣଧାର ସାଜିଛନ୍ତି।

ଏମାନଙ୍କୁ ଖେଳିନପାରି ଇଂଲଣ୍ଡ ଦ୍ୱିତୀୟ ପାଳିରେ ମାତ୍ର ୧୧୨ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା ୩୬ ରନ୍ ବିଜୟ ଲକ୍ଷ୍ୟକୁ ପାକିସ୍ତାନ ୩.୧ ଓଭରରେ ମାତ୍ର ଗୋଟିଏ ୱିକେଟ୍ ହରାଇ ସଂଗ୍ରହ କରି ନେଇଥିଲା। ପାକିସ୍ତାନର ପ୍ରଥମ ପାଳିରେ ଦାୟିତ୍ୱପୂର୍ଣ୍ଣ ଶତକ (୧୩୪) ଅର୍ଜନ କରିଥିବା ସୌଦ ସକିଲ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଏବଂ ସାଜିଦ୍ ଖାନ୍ (୭୨ ରନ୍ ଏବଂ ୧୯ ୱିକେଟ୍) ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ସମ୍ମାନ ପାଇଥିଲେ। ଦ୍ୱିତୀୟ ଥର ପାଇଁ ପାକିସ୍ତାନ ପ୍ରଥମ ଟେଷ୍ଟ ହାରିବା ପରେ ପରବର୍ତ୍ତୀ ଦୁଇଟି ଜିତି ଶୃଙ୍ଖଳା ହାତେଇଛି। ୧୯୯୫ରେ ଜିମ୍ବାୱେଠାରୁ ଏଭଳି ସଫଳତା ପାଇଥିଲା ୨୦୨୧ ମସିହା ପରେ ପ୍ରଥମ ଥର ପାଇଁ




ପାକିସ୍ତାନ ଏକ ଘରୋଇ ଟେଷ୍ଟ ଶୃଙ୍ଖଳା ଜିତିଥିଲା। ଗତ ୩ ବର୍ଷ ଭିତରେ ଘରୋଇ ଦଳ ଅଷ୍ଟ୍ରେଲିଆ, ଇଂଲଣ୍ଡ, ବାଂଲାଦେଶଠାରୁ ହାରିଥିବାବେଳେ ନ୍ୟୁଜିଲାଣ୍ଡ ସହ ୦-୦ରେ ଡ୍ର ରଖିଥିଲା। ରବିବାର ଶେଷ ହୋଇଥିବା ରାୱଲପିଣ୍ଡି ଟେଷ୍ଟରେ ପାକିସ୍ତାନ ପାଇଁ ଜଣେ ହେଲେ ବି କେହି ପେସ୍ ବୋଲିଂ କରିନଥିଲେ। ତଥାପି ଦଳ ଜିତିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ